RNI No.ODIODI/2010/33031
୧୬ ବର୍ଷ Volume- 16
ISSUE -259 ସଂଖ୍ୟା-୨୫୯
ଭୁବନେଶ୍ୱର, ମଙ୍ଗଳବାର ୩୦ ଡିସେମ୍ବର ୨୦୨୫
Bhubaneswar, Tuesday 30 December, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




# ୫ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ହେବ

ଭୁବନେଶ୍ୱର : ଆସନ୍ତା ସୋମବାର ଜାନୁଆରୀ ୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୦ ଘଟିକାରୁ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ।

ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଡିସେମ୍ବର ୩୧ ତାରିଖ ପୂର୍ବାହ୍ନ ୧୧ ଟା ଠାରୁ ଆରମ୍ଭ ହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିବା ପର୍ଯ୍ୟନ୍ତ



ଖୋଲା ରହିବ। ଏଥି ନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେସନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ଦିଆଯାଇଛି।

# ଏଥର କର୍ତ୍ତବ୍ୟ ପଥରେ ଗଡ଼ିବ ଓଡ଼ିଶାର ପ୍ରଜ୍ଞାପନ ମେଢ

ଭୁବନେଶ୍ୱର, ୨୯।୧୨ (ନି.ପ୍ର): ଆଗାମୀ ସାଧାରଣତନ୍ତ୍ର ଦିବସ ଅବସରରେ ନୂଆଦିଲ୍ଲୀର କର୍ତବ୍ୟ ପଥରେ ଚଳିତ ବର୍ଷ ଦେଖିବାକୁ ମିଳିବ ଓଡିଶାର ପ୍ରଜ୍ଞାପନ ମେଢ। ସ୍ୱଦେଶୀ ସାମଗ୍ରୀ ଉତ୍ପାଦନ ମାଧ୍ୟମରେ ସାଂପ୍ରତିକ ଭାରତକୁ ଆତ୍ମନିର୍ଭର ଭାରତରେ ପରିଣତ କରିବା ଦୃଷ୍ଟିକୋଣକୁ ନେଇ ଚଳିତ ବର୍ଷ ପାଇଁ ପ୍ରଜ୍ଞାପନ ମେଢର ବିଷୟବସ୍ତୁ 'ସମୃଦ୍ଧିର ମନ୍ତ୍ର ଆତ୍ମନିର୍ଭର ଭାରତ' ଆଧାରରେ ଓଡ଼ିଶାର ପ୍ରଜ୍ଞାପନ ମେଢରେ କୃଷିରୁ ସେମିକଣ୍ଡକ୍ଟର ପର୍ଯ୍ୟନ୍ତ ଆତ୍ମନିର୍ଭର ଭାରତ ଗଠନରେ ଓଡ଼ିଶାର ଅବଦାନ ଦେଖିବାକୁ ମିଳିବ।

## 'ସମୃଦ୍ଧିର ମନ୍ତ୍ର ଆତ୍ମନିର୍ଭର ଭାରତ'

ପ୍ରଜ୍ଞାପନ ମେଢରେ, ଓଡ଼ିଶାର କୃଷି ଓ ସାଂସ୍କୃତିକ ସମୃଦ୍ଧିରୁ ଆଧୁନିକ ଶିଳ୍ପ, ଦକ୍ଷତା ବିକାଶ ଏବଂ ନବସୃଜନ ଓ ପ୍ରଯୁକ୍ତିର ଏକ ସମ୍ମିଳିତ ଦୃଶ୍ୟ ଉପସ୍ଥାପନ କରାଯିବ। ଜାତୀୟ ଦୃଷ୍ଟିକୋଣ ସହିତ ସମନ୍ୱୟ ରଖି ଓଡ଼ିଶା କିପରି ତାହାର ପ୍ରାକୃତିକ ସମ୍ପଦ, ସାଂସ୍କୃତିକ ଐତିହ୍ୟ, ମାନବ ସମ୍ବଳ ଏବଂ ପ୍ରଯୁକ୍ତିବିଦ୍ୟା ଉପଯୋଗରେ ଏକ ଆତ୍ମନିର୍ଭରଶୀଳ ଭାରତ ଗଠନକୁ ଇନ୍ଧନ ପ୍ରଦାନ କରୁଛି, ତାହା ଓଡିଶାର ପ୍ରଜ୍ଞାପନ ମେଢ ମାଧ୍ୟମରେ ପ୍ରଦର୍ଶିତ ହେବ। କୃଷି, ଶିଳ୍ପ, ଅର୍ଥନୀତି, ଷ୍ଟାର୍ଟଅପ୍



ଇକୋସିଷ୍ଟମ୍ ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ ସମାଧାନ ଆଦି ବିଭିନ୍ନ ପ୍ରତୀକାତ୍ମକ ଉପାଦାନଗୁଡ଼ିକୁ ଏକତ୍ରୀତ କରି, ପ୍ରସ୍ତୁତ ରାଜ୍ୟର ସାମଗ୍ରିକ ବିକାଶ ମଡେଲ ଏବଂ ଭାରତର ସାମାଜିକ ଓ ଅର୍ଥନୈତିକ ପ୍ରଗତିରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରତିଫଳିତ କରିବାକୁ ଯାଇ, ପ୍ରଜ୍ଞାପନ ମେଢର ବିଭିନ୍ନ ଅଂଶରେ କୋରାପୁଟ କଫିରୁ ସିଲିକନ ସେମିକଣ୍ଡକ୍ଟର ପର୍ଯ୍ୟନ୍ତ ନିରନ୍ତର ଯାତ୍ରାକୁ ଉପସ୍ଥାପନ କରାଯିବ।

ଶ୍ରୀ ଜଗନ୍ନାଥ ରଥର ଭୂମି ଭାବେ ନିର୍ମିତ ପ୍ରଜ୍ଞାପନ ମେଢର ସମ୍ମୁଖ ଭାଗ ଉପରେ ଲିଙ୍ଗଗତ ସମାନତା ଏବଂ ମହିଳା ସଶକ୍ତିକରଣ ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରାଯାଇଥିବା ବେଳେ, ମଧ୍ୟଭାଗରେ ସ୍ଥାୟୀ ଜୀବିକା ଓ ରାଜ୍ୟର କୃଷି ଉତ୍କୃଷ୍ଟତାର ପ୍ରତିନିଧି ସ୍ୱରୂପ କୋରାପୁଟ କଫି ଏବଂ ଏହାର ଅପରପାର୍ଶ୍ୱରେ ଉନ୍ନତ ପ୍ରଯୁକ୍ତିବିଦ୍ୟା ଆଧାରିତ ଜଟିଳ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ ଦିଗରେ ଓଡ଼ିଶାର ପ୍ରଗତିକୁ ସିଲିକନ୍ ସେମିକଣ୍ଡକ୍ଟର ଚିପ୍ ମାଧ୍ୟମରେ ପ୍ରତିଫଳିତ ହେବ । ପଶ୍ଚାତ୍ ଭାଗରେ ଓଡ଼ିଶାର ଅନନ୍ୟ ସ୍ଥାପତ୍ୟ ଏବଂ କାଳଜୟୀ କଳାତ୍ମକ ଐତିହ୍ୟର ପ୍ରଦର୍ଶନ ସ୍ୱରୂପ କୋଣାର୍କ ସୂର୍ଯ୍ୟ ମନ୍ଦିରର ଏକ ପ୍ରତିରୂପ ସ୍ଥାନିତ ହେବ । ସମ୍ବଲପୁରୀ ବସ୍ତ୍ର ଆଚ୍ଛାଦିତ ପ୍ରଜ୍ଞାପନ ମେଢର ଉଭୟ ପାର୍ଶ୍ୱରେ ପାରମ୍ପରିକ ଜନଜାତି ଚିତ୍ରକଳା ଉପରେ ରୂପା ତାରକସୀ କାରୁକାର୍ଯ୍ୟ, ଓଡ଼ିଶାର ଗଭୀର ସାଂସ୍କୃତିକ ପରିଚୟ ଏବଂ ଉତ୍କୃଷ୍ଟ ହସ୍ତଶିଳ୍ପ ପରମ୍ପରାକୁ ପ୍ରତିଫଳିତ କରାଯିବ ।

ପ୍ରାଚୀନ ଷୋଡ଼ଶ ଶତାବ୍ଦୀରୁ ଆଜି ପର୍ଯ୍ୟନ୍ତ ଲୋକପ୍ରିୟ ଥିବା ଓଡ଼ିଶାର ଅନ୍ୟତମ ଲୋକନୃତ୍ୟ ଚଇତି ଘୋଡା ଗୀତ ଓ ନୃତ୍ୟ ମାଧ୍ୟମରେ ନୃତ୍ୟଶିଳ୍ପୀମାନେ ଆତ୍ମନିର୍ଭର ଭାରତରେ ଓଡ଼ିଶାର ଭୂମିକାକୁ ପ୍ରଜ୍ଞାପନ ମେଢର ଉଭୟ ପାର୍ଶ୍ୱରେ ଉପସ୍ଥାପନ କରିବେ ।

### ଆରାବଳି ମାମଲା

# କେନ୍ଦ୍ର ଏବଂ ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ନୋଟିସ୍

ନୂଆଦିଲ୍ଲୀ, ୨୯।୧୨ (ଏଜେନ୍ସି): ଅରାବଳି ମାମଲାରେ ସୁପ୍ରିମକୋର୍ଟ ନିଜସ୍ୱ ନିଷ୍ପତ୍ତିକୁ ସ୍ଥଗିତ ରଖିଛି। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଖଣ୍ଡପୀଠ କେନ୍ଦ୍ର ସରକାର ଏବଂ ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ନୋଟିସ୍ ଜାରି କରିଛନ୍ତି। ମାମଲାର ପରବର୍ତୀ ଶୁଣାଣି ଜାନୁଆରୀ ୨୧ ରେ ହେବ। ଆରାବଳି ପାହାଡ଼ ଦିଲ୍ଲୀରୁ ହରିୟାଣା, ରାଜସ୍ଥାନ ଏବଂ ଗୁଜରାଟ ପର୍ଯ୍ୟନ୍ତ ବିସ୍ତୃତ ।ତତ୍କାଳୀନ ମୁଖ୍ୟ ବିଚାରପତି ଗଭାଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଆରାବଳି ପରିସରକୁ ୧୦୦ ମିଟରରେ ପରିଭାଷିତ କରିଥିଲେ। ଏହି ନିଷ୍ପତି ଦେଶବ୍ୟାପୀ ପ୍ରତିବାଦ ସୃଷ୍ଟି କରିଥିଲା। ପ୍ରତିବାଦ ପରେ, ସୁପ୍ରିମକୋର୍ଟ ଏହି ମାମଲାର ସ୍ୱତଃ ବିଚାର କରିଥିଲେ। କୋର୍ଟ କହିଥିଲେ ଯେ ଏହି ମାମଲାକୁ ପୁନର୍ବିଚାର କରିବା ପାଇଁ ଏକ ଉଚ୍ଚ କ୍ଷମତାସମ୍ପନ୍ନ ବିଶେଷଜ୍ଞ କମିଟି ଗଠନ କରାଯିବ। ଏହି ପ୍ରସଙ୍ଗରେ ସ୍ପଷ୍ଟୀକରଣ ଆବଶ୍ୟକ।

ଶୁଣାଣି ସମୟରେ, କେନ୍ଦ୍ରର ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ ଏହି ନିର୍ଦ୍ଦେଶ ପରେ କେନ୍ଦ୍ରର ଭୂମିକା ସମ୍ପର୍କରେ ଯଥେଷ୍ଟ ଦ୍ୱନ୍ଦ୍ୱ ରହିଛି। ଏହି ପ୍ରସଙ୍ଗର ସମାଧାନ ପାଇଁ ବିଶେଷଜ୍ଞଙ୍କ ଏକ କମିଟି ଗଠନ କରାଯାଇଥିଲା ଏବଂ କୋର୍ଟ ବିଶେଷଜ୍ଞ କମିଟିର ନିଷ୍କର୍ଷକୁ ଗ୍ରହଣ କରିଥିଲେ। ତା'ପରେ ମୁଖ୍ୟ ବିଚାରପତି କହିଥିଲେ ଯେ ଏହି ପ୍ରସଙ୍ଗରେ ସ୍ୱାଧୀନ ବିଶେଷଜ୍ଞଙ୍କ ମତାମତ ଜାଣିବା ଗୁରୁତ୍ୱପୂର୍ଣ୍ଣ।

କେନ୍ଦ୍ର ପରିବେଶ ଏବଂ ଜଙ୍ଗଲ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ସୋମବାର ଆରାବଲୀ ପର୍ବତମାଳାକୁ ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ସ୍ୱାଗତ କରିଛନ୍ତି ଏବଂ କହିଛନ୍ତି ଯେ, ସରକାର ଏହାର ସଂରକ୍ଷଣ ଏବଂ ପୁନରୁଦ୍ଧାର ପାଇଁ ପ୍ରତିବଦ୍ଧ। ଯାଦବ ସୋସିଆଲ ମିଡ଼ିଆରେ କହିଛନ୍ତି ଯେ, ସେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ସ୍ୱାଗତ କରୁଛନ୍ତି । ସେ ସ୍ପଷ୍ଟ କରିଛନ୍ତି ଯେ, ବର୍ତମାନର ପରିସ୍ଥିତିରେ ନୂତନ ଖଣି ଲିଜ୍ ଅନୁମୋଦନ କିମ୍ବା ପୁରୁଣା ଲିଜ୍ ନବୀକରଣ ସମ୍ପର୍କରେ ଖଣି ଖନନ ଉପରେ ସମ୍ପୂର୍ଣ୍ଣ ନିଷେଧ ଜାରି ରହିବ । ସେ ଆରାବଳୀ ସଂରକ୍ଷଣ ଏବଂ ପୁନରୁଦ୍ଧାର ପାଇଁ ସମସ୍ତ ପ୍ରକାରର ସହଯୋଗର ପ୍ରତିଶ୍ରୁତି ଦେଇଥିଲେ । ଯାଦବ କହିଛନ୍ତି, ଅରାବଲୀ ପର୍ବତମାଳାକୁ ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ସ୍ଥଗିତ ରଖିବା ଏବଂ ପ୍ରସଙ୍ଗଗୁଡ଼ିକର ଅଧ୍ୟୟନ ପାଇଁ ଏକ ନୂତନ କମିଟି ଗଠନ କରିବା ପାଇଁ ମୁଁ ସ୍ୱାଗତ କରୁଛି । ଆରାବଲୀ ପର୍ବତମାଳାର ସୁରକ୍ଷା ଏବଂ ପୁନରୁଦ୍ଧାର ପାଇଁ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତନ ମନ୍ତ୍ରଣାଳୟ ଦ୍ୱାରା ଲୋଡ଼ାଯାଇଥିବା ସମସ୍ତ ସହାୟତା ପ୍ରଦାନ କରିବାକୁ ଆମେ ପ୍ରତିବଦ୍ଧ । ବର୍ତମାନର ପରିସ୍ଥିତି ଅନୁଯାୟୀ, ନୂତନ ଖଣି ଲିଜ୍ କିମ୍ବା ପୁରୁଣା ଖଣି ଲିଜ୍ ନବୀକରଣ ସମ୍ପର୍କରେ ଖଣି ଖନନ ଉପରେ ସମ୍ପୂର୍ଣ୍ଣ ନିଷେଧ ରହିଛି ।

କଂଗ୍ରେସ ମହାସଚିବ ଜୟରାମ ରମେଶ ଆରାବଳୀ ପାହାଡ଼ ଓ ଆରାବଳୀ ରେଞ୍ଜ ସମ୍ପର୍କରେ ଉଚ୍ଚତମ ନ୍ୟାୟାଳୟ ନିଜେ ଦେଇଥିବା ଆଦେଶକୁ ସ୍ଥଗିତ କରିବା ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ସେ ଏହି ରାୟକୁ କଂଗ୍ରେସର ବିଜୟ ବୋଲି କହି କେନ୍ଦ୍ରୀୟ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ଇସ୍ତଫା ଦାବି କରିଛନ୍ତି।

# ନୂଆବର୍ଷ ପାଇଁ ଗାଇଡଲାଇନ

## ରାତି ୧୨ଟା ୩୦ ଯାଏ ଜିରୋ ନାଇଟ୍ ସେଲିବ୍ରେସନ

ଭୁବନେଶ୍ୱର, ୨୯।୧୨ (ନି.ପ୍ର): ନୂଆବର୍ଷ ପାଳନ ପାଇଁ ଜିରୋ ନାଇଟ୍ ସେଲିବ୍ରେସନ ଉପରେ ନଜର । ପୋଲିସ ପକ୍ଷରୁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି । ନୂଆ ଗାଇଡ ଲାଇନ ଅନୁଯାୟୀ, ବାର୍ ଓ ହୋଟେଲ ଗୁଡ଼ିକ ରାତି ୧୨ ଟା ୩୦ ଯାଏ ଖୋଲା ରହିବ । ରାତି ୧୨ଟା ୩୦ ପରେ ଜିରୋ ନାଇଟ୍ ସେଲିବ୍ରେସନ ବନ୍ଦ ରହିବ। ହୋଟେଲ ଓ ବାର୍ ଗୁଡ଼ିକରେ କିପରି ନୂଆ ବର୍ଷପାଳନ କରିବେ ସେନେଇ ବସିଥିଲା ବୈଠକ । ଗ୍ରାହକ ଯେପରି ଅଧିକ ମଦ୍ୟପାନ ନକରନ୍ତି ସେଥିପ୍ରତି



ବାର୍ ଓ ହୋଟେଲ କର୍ତ୍ତୃପକ୍ଷ ଧ୍ୟାନ ଦେବେ ବୋଲି ଗାଇଡଲାଇନରେ ନିର୍ଦ୍ଦେଶ ରହିଛି ।ସୁରକ୍ଷା ପାଇଁ ରାଜଧାନୀରେ ମୁତୟନ ହେବେ ୧୮ ପ୍ଲାଟୁନ ଫୋର୍ସ । ଭୁବନେଶ୍ୱରର ୧୮ଟି ସ୍ଥାନରେ ବ୍ଲକିଂ, ଚେକିଂ କଡାକଡି ହେବ। ସୁରକ୍ଷା ତଦାରଖ କରିବେ ୨୯ଟି ୱାଚ୍ ପାଟ୍ରୋଲିଂ ଟିମ୍ । ୪ଟି କ୍ୟୁଆରଟି ଟିମ୍ ବିଭିନ୍ନ ସ୍ଥାନରେ ପଇଁତରା ମାରିବେ । ଏହାସହ ୫ଟି ଟୁରିଷ୍ଟ ଲୋକେସନରେ ପୋଲିସ ପ୍ରହରା ଦେବ । ୩୧ ତାରିଖ ଅପରାହ୍ନରୁ ସମ୍ବେଦନଶୀଳ ଜାଗାରେ ପୋଲିସ ପଇଁତରା ମାରିବ । ମଦ ପିଇ ହଙ୍ଗାମା କଲେ ପୋଲିସ ସାବାଡ କରିବ ବୋଲି କହିଛନ୍ତି ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ ।

## ମାଓ ଆକ୍ରମଣ ପଣ୍ଡ କଲେ ଯବାନ

ମାଲକାନଗିରି, ୨୯।୧୨ (ନି.ପ୍ର: ବିଫଳ ହେଲା ମାଓବାଦୀଙ୍କ ବଡ ଷଡଯନ୍ତ୍ର। ମାଲକାନଗିରି ସୀମାନ୍ତ ଛତିଶଗଡ ରାଜ୍ୟ ବିଜାପୁର ଜିଲ୍ଲାର କରିପୁ ଜଙ୍ଗଲରେ ସର୍ଚ୍ଚ ଅପରେସନ ବେଳେ ସୁରକ୍ଷାକର୍ମୀଙ୍କୁ ମିଳିଛି ବଡ ସଫଳତା। ମାଓ ଆକ୍ରମଣକୁ ପଣ୍ଡ କରିବାରେ ସଫଳ ହୋଇଛନ୍ତି ସୁରକ୍ଷାକର୍ମୀ, ଯାହା ମଧ୍ୟରେ ରହିଛି ଗୋଟିଏ ଟିଫିନ ବୋମା ଏବଂ ବିପୁଳ ପରିମାଣର ବିସ୍ଫୋରକ। ସୁରକ୍ଷା କର୍ମୀଙ୍କୁ କ୍ଷତି ପହଞ୍ଚାଇବା ଲାଗି ଜଙ୍ଗଲ ଭିତରେ ମାଓବାଦୀମାନେ ଏହି ସବୁ ବିସ୍ଫୋରକ ଲୁଚାଇ ରଖିଥିଲେ। ହେଲେ ଡିଆରଜି ଓ ସିଆରପିଏଫ ବାହିନୀର ସର୍ଚ୍ଚଅପରେସନ ବେଳେ ଟିଫିନ ବୋମା ଉଦ୍ଧାର କରାଯାଇ ତାହାକୁ ନିଷ୍କ୍ରିୟ କରାଯାଇଛି। ବୋମା ନିଷ୍କ୍ରିୟ କରାଯିବା ସମୟରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଜିଲ୍ଲା ରିଜର୍ଭ ଗାର୍ଡ, ଗଙ୍ଗାଲୁର ପୋଲିସ କର୍ମଚାରୀ ଏବଂ ବୋମା ନିଷ୍କ୍ରିୟକାରୀ ଦଳ ମିଳିତ ଭାବରେ ଏହିଅପରେସନ କରିଥିଲେ। ମୁଙ୍ଗା ରୋଡ ନିକଟସ୍ଥ ଏକ ପାଦଚଲା ରାସ୍ତାରେ ନିୟମିତ ଡିମାଇନିଂ ଏବଂ ଅଞ୍ଚଳ ସଫା କରିବା ସମୟରେ, ଦଳ ପାଟ୍ରୋଲିଂ କିମ୍ବା ସାଧାରଣ ଯାନବାହନକୁ ଟାର୍ଗେଟ କରିବା ପାଇଁ ରଣନୀତିକ ଭାବରେ ପୋତାଯାଇଥିବା ଏକ ଚାପ-ସକ୍ରିୟ ଆଇଇଡିଦେଖିଥିଲା।

# ୭୯,୦୦୦ କୋଟିର ସାମରିକ ଉପକରଣ କିଣିବାକୁ ମଞ୍ଜୁରୀ

**ନୂଆଦିଲ୍ଲୀ, ୨୯।୧୨ (ନି.ପ୍ର):** ଶକ୍ତିଶାଳୀ ହେବ ଭାରତୀୟ ସେନା ନାଲି ଆଖି ଦେଖାଇଲେ ମିସାଇଲ ମାଡ଼ କରିବ ଭାରତ ଦେଶର ପ୍ରତିରକ୍ଷା କ୍ଷମତାକୁ ଅଧିକ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ବଡ଼ ପଦକ୍ଷେପ ନେଇଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ, ତିନି ସେନା ପାଇଁ ପ୍ରାୟ ୭୯,୦୦୦ କୋଟି ଟଙ୍କାର ବିଭିନ୍ନ ପ୍ରତିରକ୍ଷା ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି।

ଶତ୍ରୁର ଶକ୍ତିଶାଳୀ ଲକ୍ଷ୍ୟକୁ ସଠିକ ଭାବେ ଭେଦ କରିବା ପାଇଁ ଲୋଇଟର ମ୍ୟୁନିସନ୍ ସିଷ୍ଟମ, କମ୍ ଉଚ୍ଚତାରେ ଉଡୁଥିବା ଶତ୍ରୁ ଡ୍ରୋନ୍ ଚିହ୍ନଟ ପାଇଁ ହାଲୁକା ଓଜନର ରାଡାର ପିନାକା ରକେଟ୍ ସିଷ୍ଟମ ପାଇଁ ଅଧିକ ଦୂରଗାମୀ ଏବଂ ସଠିକ ଲକ୍ଷ୍ୟଭେଦୀ ଗାଇଡେଡ୍ ରକେଟ୍ ଆମୁନିସନ୍ ରହିଛି । ନୌସେନା ପାଇଁ ସମୁଦ୍ର ମଧ୍ୟରେ ଜାହାଜ ଓ ସବ୍‌ମାରିନ୍‌ର ଗତିବିଧିକୁ ସହଜ କରିବା ପାଇଁ ବୋଲାର୍ଡ ପୁଲ୍ ଟଗ୍ସ ସୁରକ୍ଷିତ ଯୋଗାଯୋଗ ପାଇଁ ହାଇ-ଫ୍ରିକ୍ୱେନ୍ସି ସଫ୍ଟୱେର ରେଡିଓ ଭାରତ ମହାସାଗରରେ ତୀକ୍ଷ୍ଣ ନଜର ରଖିବା ପାଇଁ ଦୂରଗାମୀ ଡ୍ରୋନ୍ ଲିଜ୍‌ରେ ନିଆ ।ଯିବ। ସେହିପରି ଭାରତୀୟ ବାୟୁସେନା ପାଇଁ ବିମାନର ସୁରକ୍ଷିତ ଅବତରଣ ଓ ଉଡ଼ାଣ ରେକର୍ଡିଂ ପାଇଁ ଅଟୋମେଟିକ୍ ଟେକ୍-ଅଫ୍ ଲ୍ୟାଣ୍ଡିଂ ରେକର୍ଡିଂ ସିଷ୍ଟମ ଶତ୍ରୁ ପକ୍ଷର ବିମାନକୁ ଦୂରରୁ ନଷ୍ଟ କରିବା ପାଇଁ ଅତ୍ୟାଧୁନିକ ଅସ୍ତ୍ର ମାର୍କ-୨ କ୍ଷେପଣାସ୍ତ୍ର ପାଇଲଟ୍‌ମାନଙ୍କୁ ତାଲିମ ଦେବା ପାଇଁ ତେଜସ ବିମାନର ଫୁଲ୍ ମିଶନ ସିମୁଲେଟର ସାମିଲ ରହିଛି। ଏହି ସମସ୍ତ ଅତ୍ୟାଧୁନିକ ଉପକରଣ ଓ ପ୍ରଯୁକ୍ତିବିଦ୍ୟା ଭାରତୀୟ ସଶସ୍ତ୍ର ବାହିନୀର କ୍ଷମତାକୁ ବୃଦ୍ଧି କରିବା ସହ ସୀମା ସୁରକ୍ଷାକୁ ଅ ।ହୁରି ମଜବୁତ କରିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେପିର ବିଜୟ ହେବ : ତୋମାର

ଭୁବନେଶ୍ୱର, ୨୯।୧୨ (ନି.ପ୍ର.): ରାଜ୍ୟ ବିଜେପି କାର୍ଯ୍ୟାଳୟରେ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଦଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦଳର ୪ ସାଧାରଣ ସଂପାଦକ ଓ ସଂଗଠନ ସଂପାଦକ ମାନସ ମହାନ୍ତି ପ୍ରମୁଖ ଉପସ୍ଥିତ ଅଛନ୍ତି । ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଦଳ ପ୍ରସ୍ତୁତ ଅଛି ବୋଲି କହିଛନ୍ତି ବୈଠକରେ ଯୋଗ ଦେବାକୁ ଆସିଥିବା ପ୍ରଭାରୀ ବିଜୟପାଲ ସିଂହ ତୋମାର । ବିଜେପି ଦଳର ୪ ସାଧାରଣ ସଂପାଦକ ଓ ସଂଗଠନ ସଂପାଦକ ମାନସ ମହାନ୍ତିଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି । ସାଙ୍ଗଠନିକ ସ୍ଥିତି ନେଇ ମାନସ ମନ୍ଥନ ଚାଲିଥିବା ସୂଚନା ମିଳିଛି । ବୈଠକରେ ସଭାପତି ମନମୋହନ ସାମଲ, ପ୍ରଭାରୀ ବିଜୟପାଲ୍ ସିଂହ ତୋମାର ଓ ସହ ପ୍ରଭାରୀ ଲତା ଉଶେଣ୍ଡେସି ପ୍ରମୁଖ ଉପସ୍ଥିତ ଅଛନ୍ତି । ପ୍ରଭାରୀ ତୋମାର କହିଛନ୍ତି ଯେ ନୂଆ ବର୍ଷରେ ଭାରତୀୟ ଜନତା ପାର୍ଟି ଆହୁରି ଭଲ ପ୍ରଦର୍ଶନ କରିବ । ଯାହା ପ୍ରତିଶ୍ରୁତି ଦିଆଯାଇଥିଲା ତାହା ପ୍ରାୟତଃ ପୂରଣ କରାଯାଇସାରିଲାଣି । ଅବଶିଷ୍ଟ ପ୍ରତିଶ୍ରୁତି ମଧ୍ୟ ପୂରଣ କରାଯିବ ।

# ନକଲି ବିଦେଶୀ ମଦ କାରଖାନା ଉପରେ ଚଢ଼ାଉ

ଜୟପୁର, ୨୯।୧୨ (ନି.ପ୍ର.):: କୋରାପୁଟ ଜିଲା କୋଟପାଡ ଥାନା ବଣ୍ଡାଗୁଡାର ଭଡାଘରେ ନକଲି ବିଦେଶୀ ମଦ କାରଖାନା ଥିବା ସୂଚନା ପାଇ ଚଢ଼ାଉ କରିଥିଲା ପୋଲିସ୍ । ଚଢ଼ାଉ ହେଉଥିବା ସୂଚନା ପାଇ



ମଦ ମାଫିଆ ମାନେ ଚମ୍ପଟ ମାରିଥିଲେ । ଚମ୍ପଟ ମାରିଥିବା ଦୁଇ ଅଭିଯୁକ୍ତ ମାଲିକ ହେଲେ କୋଟପାଡ ଥାନା ମାଛମାଳ ଗ୍ରାମର ଅମିତ ଗୁପ୍ତା ଓ ପଙ୍କଜ ଗୁପ୍ତା । ଏନେଇ ଜୟପୁର ଅବକାରୀ ନିରୀକ୍ଷକ ଶଶିକାନ୍ତ ଦତ୍ତ ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ ଦୀର୍ଘ ୧ ମାସର ପରିଶ୍ରମ ପରେ ବିପୁଳ ପରିମାଣର ନକଲି ବିଦେଶୀ କମ୍ପାନି ମଦ ପ୍ରସ୍ତୁତ କାରଖାନା ଠାବ କରିଛି ଜୟପୁର ଅବକାରୀ ବିଭାଗ । ମଦ ପ୍ରସ୍ତୁତକାରୀ ୨ ଅଭିଯୁକ୍ତ ଭାଇ ଘଟଣା ସ୍ଥଳରୁ ଚମ୍ପଟ ମାରିଛନ୍ତି। କାରଖାନାରୁ ଭଳିକି ଭଳି ନକଲି ମଦ ପ୍ରସ୍ତୁତ କରିବଜାରରେ ବିକ୍ରି କରାଯାଉଛି । ଏହି କାରାଖାନାରୁ ପ୍ରସ୍ତୁତ ନକଲି ବିଦେଶି ମଦ ଓଡ଼ିଶା ଓ ଛତିଶଗଡରେ ବିକ୍ରୟ ହୋଉଥିବା ଅବକାରି ବିଭାଗ ତଦନ୍ତରୁ ଜାଣିବାକୁ ପାଇଛି । ମଦ ପ୍ରସ୍ତୁତ କାରଖାନାରୁ ନକଲି ମଦ ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କାର ଜବତ କରିଛି । ଚଢ଼ାଉ ପାଇଁ ୩ଟି ଟିମ ଗଠନ କରାଯାଇଥିଲା । ୧୭୦ ପେଟିରୁ ୮୪୨୦ ବୋତଲରେ ୧୫୪୫.୩୬ ଲିଟର ନକଲି ବିଦେଶୀ ମଦ ଜବତ କରିଛି ଅବକାରୀ ବିଭାଗ । ଏଥିସହ କମ୍ପାନୀ ଲେବଲ ଷ୍ଟିକର, କାରାମେଲ, ଏଚ୍‌ବି ସ୍ପିରିଟ, ବୋକେଟ, ଛୁରି ସିଲିଙ୍ଗ ମେସିଲ ଏସେନ୍ସ ଜବତ କରିଛି । କାରଖାନା ଚଳାଉଥିବା ଦୁଇ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଅବକାରି ବିଭାଗ ତରଫରୁ ସୂଚନା ଦିଆଯାଇଛି ।

# ବାଂଲାଦେଶରେ ଜଳୁଛନ୍ତି ହିନ୍ଦୁ

ନୂଆଦିଲ୍ଲୀ, ୨୯।୧୨ : ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ଆକ୍ରମଣ ନିରନ୍ତର ଜାରି ରହିଛି । ସଂଖ୍ୟା ଲଘୁମାନଙ୍କୁ ବାରମ୍ବାର ଆକ୍ରମଣର ଟାର୍ଗେଟ କରାଯାଉଛି । ବିକ୍ଷୋଭକାରୀ ପୁଣି ଜଣେ ହିନ୍ଦୁଙ୍କ ଘର ଜାଳି ଦେଇଛନ୍ତି । ପିରୋଜପୁର ଜିଲ୍ଲାର ଡୁମାରିଆ ଗାଁରେ ଉଗ୍ରବାଦୀମାନେ ହିନ୍ଦୁ ପରିବାରର ଘରକୁ ନିଆଁ ଲଗାଇ ଦେଇଛନ୍ତି । ଏହି ଘଟଣା ଡିସେମ୍ବର ୨୭ ତାରିଖରେ ଘଟିଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକମାନେ କହିଛନ୍ତି ଯେ ଆକ୍ରମଣକାରୀମାନେ ପଳାଶ କାନ୍ତି ସାହାଙ୍କୁ ତାଙ୍କ ଘର ଭିତରେ ବନ୍ଦ କରି ଦେଇ ତାଙ୍କୁ ଜୀବନ୍ତ ଜାଳି ଦେବାକୁ ଚେଷ୍ଟା କରିଥିଲେ। ଏହାର ଗୋଟିଏ ଦିନ ପୂର୍ବରୁ, ପଶ୍ଚିମ ଡୁମାରିଆତାଲା ଗାଁରେ ମଧ୍ୟ ଦୁଇଟି ପରିବାରର ପାଞ୍ଚଟି ଘର ପୋଡ଼ି ଦିଆଯାଇଥିଲା ।



ଉଗ୍ରବାଦୀମାନେ ଏକ କୋଠରୀରେ ଥିବା ଏକ କପଡାରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି, ଯାହା ଫଳରେ ନିଆଁ ଶୀଘ୍ର ସାରା ଘରେ ବ୍ୟାପି ଯାଇଥିଲା । ଉକ୍ତ ଘରେ ପଳାଶ କାନ୍ତି ସାହା, ଶିବ ସାହା, ଦୀପକ ସାହା, ଶ୍ୟାମଳେନ୍ଦୁ ସାହା ଏବଂ ଅଶୋକ ସାହା ରହୁ ଥିଲେ । ଏହି ଘଟଣାରେ ଘରର ସମସ୍ତ ସାମଗ୍ରୀ, ଆସବାବ ପତ୍ର, ନଗଦ ଟଙ୍କା, ଜମି କାଗଜପତ୍ର, ଶିକ୍ଷାଗତ ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହୋଇଯାଇଛି।

ଏହି ଘଟଣା ପରେ, ବାଂଲାଦେଶୀ ଲେଖିକା ତସଲିମା ନସରିନ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି ଯେ ହିନ୍ଦୁ ବିରୋଧୀ ଜିହାଦୀମାନେ ପିରୋଜପୁରର ଡୁମରିଟୋଲା ଗାଁରେ ସାହା ପରିବାରର ଘରର ପାଞ୍ଚଟି କୋଠରୀ ପୋଡ଼ି ଦେଇଛନ୍ତି । ସକାଳେ ସମସ୍ତେ ଶୋଇଥିବା ସମୟରେ ନିଆଁ ଲଗାଇ ଦେଇଥିଲେ । ସେ ଆହୁରି ଲେଖିଛନ୍ତି ଯେ ଜିହାଦୀମାନେ ସେହିପରି ପ୍ରଭାତରେ ଚାଟୋଗ୍ରାମର ରାଓଜାନରେ ହିନ୍ଦୁ ଘର ପୋଡ଼ି ଦେଇଥିଲେ। ଦେଶର ଅନ୍ୟ ସମସ୍ତ ହିନ୍ଦୁ ଘର କ'ଣ ଏହିପରି ପୋଡ଼ି ଦିଆଯିବ ସେମାନେ ହିନ୍ଦୁମାନଙ୍କୁ ଜୀବନ୍ତ ଜାଳିବାକୁ ଚାହାଁନ୍ତି; ସେଥିପାଇଁ ସେମାନେ ଶୋଇଥିବା ସମୟରେ ନିଆଁ ଲଗାନ୍ତି । ୟୁନୁସ କ'ଣ କେବଳ ବଂଶୀ ବଜାଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ତସଲିମା ।

# କୋର୍ଟ କାର୍ଯ୍ୟ ଓଡ଼ିଆରେ ହେଲେ ସବୁ ବର୍ଗର ଲୋକମାନେ ଉପକୃତ ହେବେ : ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର, ୨୯।୧୨ (ନି.ପ୍ର.): ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଶିକ୍ଷାର ମାଧ୍ୟମ ମାତୃଭାଷା ହେବା ଉଚିତ । ସେହିପରି ଭାରତର ନ୍ୟାୟ ବ୍ୟବସ୍ଥାକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ହେଲେ ଏହାକୁ ମାତୃଭାଷା ଆଧାରିତ କରିବାକୁ ହେବ । ଓଡ଼ିଶାର ସମସ୍ତ କୋର୍ଟରେ କାର୍ଯ୍ୟକାରୀ ଭାଷା 'ଓଡ଼ିଆ'(ମାତୃଭାଷା) ହେବା ଆବଶ୍ୟକ । ମାତୃଭାଷା ହିଁ ଅଭିବ୍ୟକ୍ତିର ସବୁଠାରୁ ବଡ଼ ଓ ସହଜ ମାଧ୍ୟମ । ଭାଷାର ପ୍ରତିବନ୍ଧକ ଦୂର ହେଲେ ହିଁ ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତି ଉଚିତ ନ୍ୟାୟ ପାଇପାରିବେ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ସୋମବାର ସମ୍ବଲପୁରରେ ଆୟୋଜିତ 'ଅଲ୍ ଓଡ଼ିଶା ଲୟର୍ସ ଆସୋସିଏସନ୍'ର ୫୪ତମ ବାର୍ଷିକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ସମ୍ବଲପୁରର ଏହି ଐତିହାସିକ ସହରରୁ ଓଡ଼ିଶାର ଆଇନଜୀବୀ ସମାଜ ମଧ୍ୟରେ ଯେଉଁ ଏକତା ଓ ସଂହତିର ବାର୍ତ୍ତା ସୃଷ୍ଟି ହୋଇଛି, ତାହା ପ୍ରଶଂସନୀୟ । ଆମର ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଆଇନଜୀବୀମାନେ ହେଉଛନ୍ତି ମୁଖ୍ୟ ପ୍ରହରୀ । ଆଜି ଯେତେବେଳେ




ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆମେ 'ବିକଶିତ ଭାରତ' ଏବଂ 'ବିକଶିତ ଓଡ଼ିଶା' ଗଠନର ସଂକଳ୍ପ ନେଇଛୁ, ସେଥିରେ ଆପଣମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବା ଏବଂ ସେମାନଙ୍କ ଅଧିକାରର ସୁରକ୍ଷା କରିବା ଦିଗରେ ଆପଣଙ୍କ ନିଷ୍ଠା ଓ ସେବା ମନୋଭାବ ହିଁ ଏକ ସୁସ୍ଥ ସମାଜ ଗଠନ କରିପାରିବ ବୋଲି ସେ କହିଥିଲେ ।ଆମ ଓଡ଼ିଆ ଓକିଲମାନଙ୍କ ବୌଦ୍ଧିକ କ୍ଷମତା ଅତ୍ୟନ୍ତ ଉଚ୍ଚକୋଟୀର । ଏହାର ଶ୍ରେଷ୍ଠ ଉଦାହରଣ ହେଉଛନ୍ତି ଉତ୍କଳ ଗୌରବ ମଧୁସୂଦନ ଦାସ । ସେ ଧର୍ମରେ ଜଣେ ଖ୍ରୀଷ୍ଟିଆନ ହୋଇଥିଲେ ମଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଧିକାର ପାଇଁ ମାମଲା ଲଢ଼ିଥିଲେ । ତାଙ୍କର ଦୂରଦୃଷ୍ଟି ଓ ଦାୟିତ୍ୱବୋଧ ଯୋଗୁଁ ଆଜି ଜଗନ୍ନାଥ ସଂସ୍କୃତି ଅକ୍ଷୁର୍ଣ୍ଣ ରହିଛି । ଆମକୁ ଆଜି ସେହିପରି ଦାୟିତ୍ୱବାନ ହୋଇ ସୁପ୍ରିମକୋର୍ଟରେ ଓଡ଼ିଆଙ୍କ ସଂଖ୍ୟା ଓ ପ୍ରଭାବ ବୃଦ୍ଧି କରିବାକୁ ହେବ ।ଆଗାମୀ ଶତାବ୍ଦୀ ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶା ଗଠନର ୨୦୩୬ ସୁଦ୍ଧା ୧୦୦ ବର୍ଷ ଏବଂ ଦେଶ ସ୍ୱାଧୀନତାର ୨୦୪୭ ସୁଦ୍ଧା ୧୦୦ ବର୍ଷ ପୂରଣ ହେବା ବେଳକୁ ଆମ ନ୍ୟାୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଭାରତୀୟ ଏବଂ ମାତୃଭାଷା ଆଧାରିତ ହେବା ଆବଶ୍ୟକ । ଆମକୁ ପାଶ୍ଚାତ୍ୟ ଚିନ୍ତାଧାରାରୁ ବାହାରି ଭାରତୀୟ ସଂସ୍କୃତି ଓ ମୂଲ୍ୟବୋଧକୁ ଆପଣାଇବାକୁ ପଡ଼ିବ ସେ କହିଛନ୍ତି ।

## ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଓ ପାରାଦୀପ ପୋର୍ଟ ମଧ୍ୟରେ 'ଇଞ୍ଜିନ୍-ଅନ୍-ଲୋଡ୍' ଯୋଜନା ଚୁକ୍ତି ସ୍ୱାକ୍ଷରିତ

ଭୁବନେଶ୍ୱର, ୨୯।୧୨ :ପଣ୍ୟ ପରିବହନ କ୍ଷମତା ବୃଦ୍ଧି ଓ ପୋର୍ଟ—ରେଳ ସମନ୍ୱୟ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଓ ପାରାଦୀପ ପୋର୍ଟ ପ୍ରାଧିକାରୀଙ୍କ ମଧ୍ୟରେ 'ଇଞ୍ଜିନ୍-ଅନ୍-ଲୋଡ୍ ଯୋଜନା' ଅଧୀନରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଯୋଜନା ଅନୁଯାୟୀ, ପଣ୍ୟ ବୋଝେଇ ଓ ନିଷ୍କାସନ ସମୟରେ ଲୋକୋମୋଟିଭ୍‌ଗୁଡ଼ିକୁ ରେକ୍ ସହ ଲଗାଇ ରଖାଯିବ। ଯାହାଦ୍ୱାରା ଇଞ୍ଜିନ୍ ଖୋଲିବା ଓ ପୁନଃ ସଂଯୋଗ କରିବାର ଆବଶ୍ୟକତା ପଡିବ ନାହିଁ । ଏହା ଦ୍ୱାରା ସମୟ ସଞ୍ଚୟ, ଲୋକୋମୋଟିଭ୍‌ର ଉତ୍ପାଦକତା ବୃଦ୍ଧି ଏବଂ ୱାଗନ୍ ଓ ଟ୍ରେନ୍ ରେକ୍‌ର ଦ୍ରୁତ ଟର୍ନ୍-ଏରାଉଣ୍ଡ ସମ୍ଭବ ହୋଇପାରିବ । ଏହି ଯୋଜନା ୟାର୍ଡ଼ ଓ ସାଇଡିଂରେ ଭିଡ଼ କମେଇ ପଣ୍ୟ ପରିଚାଳନାକୁ ଅଧିକ ସୁଗମ କରିବ।'ଇଞ୍ଜିନ୍-ଅନ୍-ଲୋଡ୍' ଯୋଜନା ଦ୍ୱାରା ପଣ୍ୟ ପରିବହନର ଦ୍ରୁତ ନିଷ୍କାସନ, ସମ୍ପତ୍ତିର ଉତ୍ତମ ବ୍ୟବହାର ଏବଂ ନିର୍ଭରଯୋଗ୍ୟ ଓ ସୁନିଶ୍ଚିତ ପଣ୍ୟ ସେବା ସୁନିଶ୍ଚିତ ହୋଇପାରିବ । ଅତିରିକ୍ତ ଢାଞ୍ଚା ତିଆରି ନକରି ସାମର୍ଥ୍ୟ ବୃଦ୍ଧି ଏହି ଯୋଜନାର ଏକ ମୁଖ୍ୟ ଲାଭ ଯାହା ଭାରତୀୟ ରେଳୱେର କାର୍ଯ୍ୟକୁଶଳତା ଓ ସୁସ୍ଥାୟୀ ପରିଚାଳନା ଲକ୍ଷ୍ୟ ସହ ସମନ୍ୱୟ ରଖେ ।ପାରାଦୀପ ପୋର୍ଟ ଅଧ୍ୟକ୍ଷ ଶ୍ରୀ ପି. ଏଲ. ହରନାଧଙ୍କ ଉପସ୍ଥିତିରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଶ୍ରୀ ଅନିଲ କୁମାର ଏସ୍ ଓ ପାରାଦୀପ ପୋର୍ଟ ଟ୍ରାଫିକ୍ ମ୍ୟାନେଜର ଶ୍ରୀ ଜି. ଏଡିସନ୍ ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ ।



# ଟାଟା ପାୱାରର ମନମାନି ବିରୋଧରେ କଂଗ୍ରେସର ବିକ୍ଷୋଭ

ପିପିଲି,୨୯।୧୨:(ମନ୍ଥନ):ରାଜ୍ୟରେ ଟାଟା ପାୱାର କମ୍ପାନୀ ବିଦ୍ୟୁତ ବିଭାଗ ଦାୟିତ୍ୱ ନେବା ଦିନଠାରୁ ଗ୍ରାହକମାନେ କଲବଲ ହେଉଛନ୍ତି । ମରାମତି ଆଳରେ ଅଘୋଷିତ ବିଦ୍ୟୁତ କାଟ ବଢ଼ି ଚାଲିଛି ସେହି ଅନୁସାରେ ଜନ ଅସନ୍ତୋଷ ମଧ ବୃଦ୍ଧି ପାଇଛି । ଏବେ ଏ ଏସ ଡି (ଅତିରିକ୍ତ ସୁରକ୍ଷା ଜମାରାଶି)ବାବଦକୁ ଗରିବ ଖଟିଖିଆ ମାନଙ୍କ ଠାରୁ ୧୨୫୦ଟଙ୍କାର ଜମା ରାଶି ଆଦାୟ କରିବାର ନିଷ୍ପତି ବୋଝଉପରେ ଲଳିତ ବିଡା ସଦୃଶ ହୋଇଛି । ପରେ ସ୍ମାର୍ଟ ମିଟର ଲଗେଇବ ଏବଂ ଗରିବ ଲୋକଙ୍କୁ ଶୋଷଣ କରିବାର ଉପାୟ ଅବଲମ୍ବନ କରିଛି ତେଣୁ ଏହା ବିରୋଧରେ ଅଣ୍ଟା ଭିଡ଼ିଛି କଂଗ୍ରେସ ଦଳ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଙ୍କ ଡାକରାରେ ଆଜି ପିପିଲି ବ୍ଲକର ପିପିଲି ନଗର କଂଗ୍ରେସ କମିଟି ତରଫରୁ ଟାଟା ପାୱାର ର ଜୁଲୁମ ଅତିରିକ୍ତ ଜମା ରାଶି ପ୍ରତ୍ୟାହାର ବିରୁଦ୍ଧରେ ଗଣ ଆନ୍ଦୋଳନ ଓ



ବିକ୍ଷୋଭ ସମାବେଶ ଅନୁଷ୍ଠିତ ହେଇଯାଇଛି । ପିପିଲି ହଟାଛକ ଠାରୁ ଶତାଧିକ କଂଗ୍ରେସ କର୍ମୀ ଏକ ଶୋଭାଯାତ୍ରା ରେ ବାହାରି ଥାନା ଛକ, ନିମାପଡା ଛକ ଦେଇ ପିପିଲି ବିଦ୍ୟୁତ ଉପ ଖଣ୍ଡ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ଟାଟା ପାୱାର ବିରୁଦ୍ଧରେ ସ୍ଲୋଗାନ ଦେଇଥିଲେ ଅତିରିକ୍ତ ସୁରକ୍ଷା ଜମା ରାଶି ସମ୍ପୂର୍ଣ ପ୍ରତ୍ୟାହାର ଓ ସ୍ମାର୍ଟ ମିଟର ଲଗାଇବା ବନ୍ଦ କରିବା ଓ ପ୍ରତେକ ବିଦ୍ୟୁତ ଉପଭୋକ୍ତା ମାନଙ୍କୁ ୩୦ୟୁନିଟପର୍ଯ୍ୟନ୍ତ ବିଜୁଳି ମାଗଣା ଦେବାକୁ ଦାବି କରି ବିଦ୍ୟୁତ ଉପଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନୀ ସହିତ ଏକ ସ୍ମାରକପତ୍ର ପିପିଲି ବିଦ୍ୟୁତ ଉପଖଣ୍ଡ ଅଧିକାରୀ ଙ୍କୁ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ନଗର କଂଗ୍ରେସ ସଂଯୋଜକ ଅନ୍ତର୍ଯ୍ୟାମୀ ଦୀକ୍ଷିତ ଙ୍କ ସଂଯୋଜନା ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ପୁରୀ ଜିଲ୍ଲା ସେବାଦଳ ଅଧକ୍ଷ ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ନିରୁପମା ପାତ୍ର, ଜିତୁପ୍ରକାଶ ପରିଡ଼ା,ନିର୍ମଳ ପରିଡା, ପ୍ରକାଶ ପ୍ରଧାନ ରଂଜିତ ପାତ୍ର,ସାବୀର ଇଜରାର ମୋହମଦ ରଜନୀକାନ୍ତ ବସ୍ତିଆ। ଏମଡି ଇନା, ପ୍ରଦୀପ୍ତ କୁମାର ଦୀକ୍ଷିତ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# କୁଚିଣ୍ଡାରେ ୧୪୦ ତମ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ

କୁଚିଣ୍ଡା,୨୯।୧୨:(ମନ୍ଥନ):ସମ୍ବଲପୁର ଜିଲ୍ଲା କୁଚିଣ୍ଡା ରାଜିବ ଗାନ୍ଧୀ ଛକ ସ୍ଥିତ କଂଗ୍ରେସ ଭବନ ଠାରେ ଭାରତୀୟ ଜାତୀୟ କଂଗ୍ରେସ ର ୧୪୦ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । କୁଚିଣ୍ଡା ବ୍ଲକ କଂଗ୍ରେସ ସଭାପତି ଅଖିଳ ପ୍ରତାପ ସିଂ ଙ୍କ ନେତୃତ୍ୱରେ ସକାଳ ସମୟରେ ବ୍ଲକ କଂଗ୍ରେସ ଓ ଯୁବ ଛାତ୍ର କଂଗ୍ରେସ ପକ୍ଷରୁ କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନା ରେ ଥିବା ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । ପରେ କଂଗ୍ରେସ ଭବନ କୁ ଆସି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ପ୍ରଥମେ ଦେଶ ପାଇଁ ବଳିଦାନ ଦେଇଥିବା ବରିଷ୍ଠ କଂଗ୍ରେସ ନେତୃ ମଣ୍ଡଳୀଙ୍କ ତୈଳ ଚିତ୍ର ରେ ପୂଜା ଅର୍ଚ୍ଚନା ସହିତ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମ କୁ ଆଗକୁ ନେଇଥିଲେ । କଂଗ୍ରେସ ର ମହାନ ପୁରୁଷ ମାନଙ୍କର ଦେଶ ପ୍ରତି ଅବଦାନ କୁ ମନେ ପକାଇ କେମିତି ଇଂରେଜ ମାନଙ୍କ ବିରୁଦ୍ଧରେ ଲଢ଼ି ଦେଶ କୁ ସ୍ୱାଧୀନ କରିଥିଲେ । ଆଜି ତାହା ଏଇ ୧୪୦ ତମ ପ୍ରତିଷ୍ଠା ଦିବସ ରେ ମନେ ପକାଇଥିଲେ । କାର୍ଯ୍ୟକ୍ରମ ରେ କଂଗ୍ରେସ ବରିଷ୍ଠ ନେତା ଯୋଗଦେଇଥିବା ବେଳେ କଂଗ୍ରେସ ପିସିସି ସଦସ୍ୟ ସଞ୍ଜିତ



କୁମାର ଶର୍ମା,କୁଚିଣ୍ଡା ନିର୍ବାଚନୀ ମଣ୍ଡଳୀ ପ୍ରାଥୀ କେଦାରନାଥ ବରିହା, ବରିଷ୍ଠ ନେତା ସରଥ ଚନ୍ଦ୍ର ଗୌନ୍ତିଆ। ଯତୀନ୍ଦ୍ର ସାହୁ, ଜଗନ୍ନାଥ ବେହେରା, ଏମଡ଼ି ସଫିକ, ସମ୍ରିତ ପଣ୍ଡା,ଦୀପାଞ୍ଜଳି ସାହୁ ମଣ୍ଟୁରାଜ କୁଅାଁ,ମନୀଷା ଭଇଁଷା,ସୁଷମା ସେନାପତି,ଯୁବ ଛାତ୍ର କଂଗ୍ରେସ ନେତା ଆଶିଷ ପ୍ରତାପ ସିଂ ପ୍ରମୁଖ ଯୋଗ ଦେଇଥିଲେ ।

# ସ୍କାଉଟ୍ସ ଗାଇଡ୍ସ ଜାମ୍ବୋରୀରେ କେନ୍ଦ୍ରାପଡା ଚମ୍ପିୟାନ

କେନ୍ଦ୍ରାପଡ଼ା,୨୯।୧୨:(ମନ୍ଥନ):ଚଳିତ ମାସ ୨୨ ତାରିଖ ଠାରୁ ୨୬ ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାର ବରୁଣେଇ ଠାରେ ଆୟୋଜିତ ବିଂଶତମ ରାଜ୍ୟସ୍ତରୀୟ ସ୍କାଉଟ୍ସ ଗାଇଡ୍ସ ଜାମ୍ବୋରୀରେ କେନ୍ଦ୍ରାପଡ଼ା ଜିଲ୍ଲାର ଅଭିଯାତ୍ରୀ ଦଳ ଚମ୍ପିୟାନ ହୋଇଛି । ଜିଲ୍ଲା ଟ୍ରେନିଙ୍ଗ କମିଶନର ସରୋଜକାନ୍ତ ବିଶ୍ୱାଳ, ହରପ୍ରିୟା କର ଏବଂ ଯୁଗ୍ମ ସମ୍ପାଦକ ଜ୍ୟୋତିର୍ମୟ ନାୟକଙ୍କ ନେତୃତ୍ୱରେ ଜିଲ୍ଲାର ୯୯ ଜଣ ସ୍କାଉଟ୍ସ ଓ ଗାଇଡ୍ସ, ୫ ଜଣ ସ୍କାଉଟ ମାଷ୍ଟର ଓ ୫ଜଣ ଗାଇଡ଼ କ୍ୟାପଟେନ ଏଥିରେ ଅଂଶଗ୍ରହଣ କରିଥିଲେ । ରାଜ୍ୟର କୋଣ ଅନୁକୋଣରୁ ଆସିଥିବା ବଛା ବଛା ୨୫ଶହରୁ ଊର୍ଦ୍ଧ୍ୱ ସ୍କାଉଟ୍ସ ଗାଇଡ୍ସଙ୍କୁ ନେଇ ଆୟୋଜିତ ଏହି ଜାମ୍ବୋରୀରେ ଜିଲ୍ଲା ଜିଲ୍ଲା ମଧ୍ୟରେ ଅନେକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ସେଥିମଧ୍ୟରୁ ଆଞ୍ଚଳିକ ଯାତ୍ରା, ପ୍ରଦର୍ଶନୀ, ଖାଦ୍ୟ ମେଳା, ଶାରୀରିକ ଦକ୍ଷତା ପ୍ରଦର୍ଶନ, ଜିଲ୍ଲା ତୋରଣ ଭଳି ପାଞ୍ଚଟି ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଥମ ସ୍ଥାନ ଅଧିକାର କରି ଲଗାତାର ତୃତୀୟ ଥର ପାଇଁ ଚମ୍ପିୟାନ ଟ୍ରଫି ଜିତି ଜିଲ୍ଲା ପାଇଁ ଗୌରବ ଆଣି ଦେଇଛି । କେନ୍ଦ୍ରାପଡ଼ାର ସ୍କାଉଟ ଗାଇଡ଼ମାନେ ନୃତ୍ୟରେ ଗୋଟିଏ ସ୍ୱର୍ଣ୍ଣ ପଦକ, ପ୍ରାଥମିକ ଚିକିତ୍ସା ପ୍ରତିଯୋଗିତାରେ ଗୋଟିଏ ସ୍ୱର୍ଣ୍ଣ ପଦକ ଏବଂ ଗୋଟିଏ ରୌପ୍ୟ ପଦକ ହାତେଇବାରେ ମଧ ସକ୍ଷମ ହୋଇଛନ୍ତି । ରାଜ୍ୟ ମୁଖ୍ୟ କମିଶନର ଡକ୍ଟର କାଳୀ ପ୍ରସାଦ ମିଶ୍ର ତଥା ରାଜ୍ୟ ସଂଗଠନ କମିଶନର (ଗାଇଡ଼) ଅନାମିକା ଦାସ ଜିଲ୍ଲାର କୁନି କୁନି ସ୍କାଉଟ୍ସ ଓ ଗାଇଡ୍ସ ମାନଙ୍କ ପ୍ରତିଭାକୁ ଉଚ୍ଛ୍ୱସିତ ପ୍ରଶଂସା କରିଛନ୍ତି ।

# କମଳାକାନ୍ତ ଟ୍ରଷ୍ଟ ପକ୍ଷରୁ ଅସହାୟମାନଙ୍କୁ କମ୍ବଳ ବଂଟନ

ଯାଜପୁର,୨୯।୧୨:(ମନ୍ଥନ):ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କର ୧୦୧ ତମ ଜୟନ୍ତୀ ଅବସରରେ କମଳାକାନ୍ତ ଫାଉଣ୍ଡେସନ ପକ୍ଷରୁ ଯାଜପୁର ସଂସ୍କୃତିଭବନରେ ଅସହାୟ ଓ ଦିବ୍ୟାଙ୍ଗ ଲୋକମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି । ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ସମ୍ମାନିତ ଅତିଥି ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ସଭାପତି ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ, ପଣ୍ଡିତ ଭୂପତି ଭୂଷଣ ମିଶ୍ର, ପଣ୍ଡିତ ଜ୍ଞାନରଂଜନ ପତି, ବୈକୁଣ୍ଠ ପତି, ସଚ୍ଚିଦାନନ୍ଦ ମହାରାଜ, ସୁଧୀର କୁମାର ପଣ୍ଡା ଓ ଅନ୍ୟମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଆଗାମୀ କାର୍ଯ୍ୟକ୍ରମ ସଂପର୍କରେ ଟ୍ରଷ୍ଟର ସଭାପତି ମୃତ୍ୟୁଞ୍ଜୟ ମିଶ୍ର ସୂଚନା ଦେଇଥିଲେ । ଦିବ୍ୟାଙ୍ଗଙ୍କ ପାଇଁ ଯାଜପୁର ସହରରେ ସାର୍ଥକ ଫାଉଣ୍ଡେସନ ପକ୍ଷରୁ ମାଗଣା ଶିକ୍ଷାଦାନ ପାଇଁ ସ୍କୁଲ କାର୍ଯ୍ୟକାରୀ ହେବାକୁ ଯାଉଥିବା ଟ୍ରଷ୍ଟର ସଂପାଦକ ସଂଜୟ ମିଶ୍ର କହିଥିଲେ ।

# ଖାଦ୍ୟ ମେଳା ଅନୁଷ୍ଠିତ

ଯାଜପୁର,୨୯।୧୨:(ମନ୍ଥନ):ଯାଜପୁରର ଇନ୍ଦିରା ଗାନ୍ଧୀ ହୋଟେଲ ମ୍ୟାନେଜମେଂଟ ପକ୍ଷରୁ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି । ଏହାକୁ ଯାଜପୁର ବିଧାୟିକା ସୁଜାତା ସାହୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଏଭଳି ପ୍ରତିଯୋଗିତା ଆୟୋଜନ କରି ହୋଟେଲ ମ୍ୟାନେଜମେଂଟ ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ପ୍ରତିଭାର ବିକାଶ ହୋଇପାରିବ ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଯାଜପୁର ପୌରଧକ୍ଷା ରଞ୍ଜୁଲତା ହୋତା,ବିଜେଡି ଜିଲା ସଭାପତି ସରୋଜ ମହାପାତ୍ର,କାଉନସିଲର ମାନ ଗୋବିନ୍ଦ ପତିଙ୍କ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଏଥିରେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରଦର୍ଶିତ ହୋଇଥିଲା ଏବଂ ଅତିଥି ମାନେ ବିଭିନ୍ନ ଖାଦ୍ୟ ଚାଖି ବେଶ୍ ପ୍ରସଂଶା କରିଥିଲେ ।

# ସ୍ୱର୍ଗତ ଅଶୋକ ଦାସଙ୍କ ୧୭ତମ ଶ୍ରାଦ୍ଧ ବାର୍ଷିକ

ଯାଜପୁର,୨୯।୧୨:(ମନ୍ଥନ):ଯାଜପୁରର ମୁକୁଟ ବିହୀନ ସମ୍ରାଟ ଭାବେ ଓଡ଼ିଶାରେ ପରିଚିତ ସ୍ୱର୍ଗତ ଅଶୋକ ଦାସଙ୍କ ଆଜି ୧୭ ତମ ଶ୍ରାଦ୍ଧ ବାର୍ଷିକ । ଏହି ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା ବିରଜାଙ୍କ ନିକଟରେ ପ୍ରଥମେ ଅମରଆର୍ମା ସଦଗତି ପାଇଁ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ପରେ ମନ୍ଦିର ସମ୍ମୁଖରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସମାଜସେବୀ ବଟକୃଷ୍ଣ ମହାପାତ୍ର, ଯାଜପୁର ପୌର ପାଳିକାର ଉପାଧକ୍ଷ ସନ୍ତୋଷ ମଲ୍ଲିକ, ଭବପ୍ରସାଦ ଦାସ,ବଳଭଦ୍ର ଦାସଙ୍କ ସମେତ ଯାଜପୁରର ବହୁ ବୁଦ୍ଧିଜୀବୀ, ଅଶୋକ ପ୍ରେମୀ ଓ ପାରିଷଦ ମାନେ ଉପସ୍ଥିତ ଥିଲେ । ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ରୋଗୀ ମାନଙ୍କୁ ଫଳ ବଂଟନ କରାଯାଇଥିଲା । ପରେ ଯାଜପୁର ବିଜୁ ଜନତାଦଳ ସଭାପତି ସରୋଜ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏକ ରକ୍ତଦାନ ଶିବିରରେ ମୁଖ୍ୟ ଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘଟନ କରି ସ୍ୱର୍ଗତ ଅଶୋକ ଦାସଙ୍କ ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବରିଷ୍ଠ ବିଜେଡି ନେତା କର୍ଣ୍ଣାଟ କେଶରୀ ଦାସ, ବ୍ଲକ ବିଜେଡି ସଭାପତି ଅଜୟ ମହାନ୍ତି , ଜିଲ୍ଲା ପରିଷଦ ସଦସ୍ୟ ମାମିନା ମଲ୍ଲିକ, ମନସ୍ୱିନୀ ଦାସ ପ୍ରମୁଖ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦଶରଥପୁର ବିଜେଡି ର ବହୁ ନେତା ଓ କର୍ମୀ ଉପସ୍ଥିତ ରହି ରକ୍ତ ଦାନ କରିଥିଲେ ।

# ଅସ୍ମିତା ଖେଲୋ ଇଣ୍ଡିଆ ମହିଳା କିକ ବକ୍ସିଂ ଲିଗ ଉଦ୍‌ଘାଟିତ

ଯାଜପୁର,୨୯।୧୨:(ମନ୍ଥନ):ଯାଜପୁର ବିଜୁ ପଟ୍ଟନାୟକ ସ୍ପୋର୍ଟସ କମ୍ପ୍ଲେକ୍ସରେ କିକ ବକ୍ସିଂ ଆସୋସିଏସନ ପକ୍ଷରୁ ଆୟୋଜିତ ତିନି ଦିନିଆ ଅସ୍ମିତା ଖେଲୋ ଇଣ୍ଡିଆ ମହିଳା କିକ ବକ୍ସିଂ ଲିଗ ଉଦ୍ଘାଟିତ ହୋଇଯାଇଛି । ଏହି ଉଦ୍ଘାଟନୀ ଉତ୍ସବରେ ୱାକୋ ଓଡିଶା ସଭାପତି ମୁଖ୍ୟ ଅତିଥି କାର୍ତିକ ଡାକୁଆ ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ କୁ ଉଦ୍ଘାଟନ କରିଥିଲେ । ଯାଜପୁର କିକ ବକ୍ସିଂ ଆସୋସିଏସନ୍ ର ଉପ ସଭାପତି ଡକ୍ଟର ବଟକୃଷ୍ଣ ମହାପାତ୍ରଙ୍କ ସଭାପତିତ୍ୱ ରେ ସମ୍ମାନନୀୟ ଅତିଥି ଭାବେ ଭରତ ଚନ୍ଦ୍ର ସାହୁ, ମହିଳା କମିଟିର ଚେୟାରମ୍ୟାନ ଜୟଶ୍ରୀ ଡାକୁଆ, ଜ୍ୟୋତିର୍ମୟ ନାଥ ଶର୍ମା ପ୍ରମୁଖ ଯୋଗ ଦେଇ ପିଲାମାଙ୍କୁ ଭଲ ଖେଳିବା ପାଇଁ ଉତ୍ସାହିତ କରିଥିଲେ । ତିନି ଦିନ ଧରି ଚାଲିଥିବା ଏହି କିକ ବକ୍ସିଂ ଲିଗ ରେ ୨୦ଟି ଜିଲ୍ଲା ରୁ ୨୨୪ ଜଣ ବାଳିକା ଭାଗ ନେଇଥିବା ବେଳେ ୨୨ ରେଫରୀ ଭାଗ ନେଇଛନ୍ତି । ୱାକୋ ଓଡିଶା ର ସମ୍ପାଦକ ବିଚିତ୍ର ନାରାୟଣ ଜେନାଙ୍କ ତତ୍ତ୍ୱାବଧାନ ରେ କ୍ଷୀରୋଦ ହାତୀ, କୃଷ୍ଣ ଚନ୍ଦ୍ର ଡାକୁଆ ଓ ରଞ୍ଜନ ସୁତାର ପ୍ରମୁଖ ଖେଳ ଉପସ୍ଥିତ ରହି ଖେଳ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

# ଜ୍ୟୋତିରାଣୀ ମିଶ୍ର ଙ୍କ ଦୁଇଟି କବିତା ସଂକଳନ ମନ ମନ୍ଦିର ଓ ଶିଶୁ ରତନର ପାଠକାର୍ପଣ



ବଲାଙ୍ଗୀର,୨୯।୧୨:(ମନ୍ଥନ): ଆଗାମୀ ପିଢ଼ିକୁ ଗଢ଼ିବାକୁ, ସେମାନଙ୍କ ଭିତରେ ସୃଜନ ଭାବ, ସଚେତନତା ସୃଷ୍ଟି ପାଇଁ ସାହିତ୍ୟ ଏକ ବଳିଷ୍ଠ ମାଧ୍ୟମ୍ୟ ଦ୍ୱନ୍ଦ୍ୱାତ୍ମକ ଜୀବନରେ ଉଚିତ ମାର୍ଗ ଅନ୍ୱେଷଣ ପାଇଁ ମଧ ସାହିତ୍ୟ ଆମକୁ ପ୍ରେରଣାଦିଏ ବୋଲି ମତ ଦେଇଛନ୍ତି ବହୁ ବିଶିଷ୍ଟ ବକ୍ତା । ବଲାଙ୍ଗୀର ବ୍ଲକ ର ସଭାଗୃହ ଠାରେ କବୟିତ୍ରୀ ତଥା ଶିକ୍ଷୟତ୍ରୀ ଶ୍ରୀମତୀ ଜ୍ୟୋତିରାଣୀ ମିଶ୍ର ଙ୍କ ଦୁଇଟି କବିତା ସଂକଳନ ର ପାଠକର୍ପଣ ଅବସରରେ ଏହି ମତ ପ୍ରକାଶ ପାଇଛି । ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ପଣ୍ଡା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ବଲାଙ୍ଗୀର ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ବଲାଙ୍ଗୀର ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଷିକେଶ ଗଣ୍ଡ, ବଲାଙ୍ଗୀର ଗୋଷ୍ଠୀ ଶିକ୍ଷା ଅଧିକାରୀ ନୀଳମଣି ପଟେଲ, ସମ୍ଭାବିତ ଅତିଥି, ଶ୍ରୀମତୀ ବିନୋଦିନୀମିଶ୍ର ସ୍ୱତନ୍ତ୍ର ଅତିଥି, ତଥା କବି ଅଧାପକ ସନ୍ଦୀପ କୁମାର କୁଅଁର ମୁଖ୍ୟବକ୍ତା ଭାବରେ ଯୋଗ ଦେଇ କବୟିତ୍ରୀ ତଥା ଶିକ୍ଷୟତ୍ରୀ ଶ୍ରୀମତୀ ଜ୍ୟୋତିରାଣୀ ମିଶ୍ର ଙ୍କ ଦୁଇଟି କବିତା ସଂକଳନ ମନ ମନ୍ଦିର ଓ ଶିଶୁ ରତନ କୁ ଲୋକାର୍ପିତ କରି ଶ୍ରୀମତୀ ଜ୍ୟୋତିରାଣୀ ମିଶ୍ର ଙ୍କ କାବ୍ୟ ପ୍ରତିଭା ର ବିଭିନ୍ନ ଦିଗ ସମ୍ପର୍କରେ ମତ ଦେଇଥିଲେ । କବୟିତ୍ରୀ ଶ୍ରୀମତୀ ମିଶ୍ର ନିଜର ଭାବ ସମ୍ବେଦନଶୀଳତା କୁ ପ୍ରଭୁ ଜଗନ୍ନାଥ ଙ୍କ ପାଖରେ ସମର୍ପିତ କରି ବକ୍ତବ୍ୟ ଦେଇଥିଲେ ।ପ୍ରାରମ୍ଭରେ ଅତିଥି ମାନେ ସମଲେଶ୍ୱରୀ ଙ୍କ ପୂଜାର୍ଚ୍ଚନା କରିଥିବା ବେଳେ ପ୍ରିୟା ପରିମିତା ମିଶ୍ର ଓ ସୁଶ୍ରୀ ସଂପୂର୍ଣ୍ଣା ଅଗସ୍ତି ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । କବି ଦିଲ୍ଲୀପ ମିଶ୍ର ସଭା ସଂଯୋଜନା କରିଥିବା ବେଳେ କବୟିତ୍ରୀ କବିତା ମିଶ୍ର ସମସ୍ତଙ୍କୁ ସ୍ୱାଗତ ସହ ଅତିଥି ପରିଚୟ ପ୍ରଦାନ, କରିଥିଲେ । କବି ରତ୍ନମୟ ତ୍ରିପାଠୀ ଭକ୍ତି କବିତା ସଂକଳନ ମନମନ୍ଦିର କୁ ସମୀକ୍ଷା କରିଥିବାବେଳେ କବି ମଦନ ମୋହନ ରଥ ଶିଶୁ କବିତା ସଂକଳନ ଶିଶୁ ରତନ କୁ ସମୀକ୍ଷା କରିଥିଲେୟ ଅନ୍ୟ ମାନଙ୍କ ମଧ୍ୟରେ କବି କସ୍ତୁରୀ ଚରଣ ରାଉତ ଓ ଡ଼ ଧର୍ମେନ୍ଦ୍ର ପଧାନ ବକ୍ତବ୍ୟ ପ୍ରଦାନ କରିଥିଲେ । ସଦାଇପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଛାତ୍ରୀ ପ୍ରିୟା ସେଠ, ସ୍ୱାତୀ ସେଠ, ରୀତିକା ସା ଏ ଓ ସୋନପରି ନୃତ୍ୟ ପରିବେଷଣ କରି ଥିଲେ । ଶେଷରେ ଶ୍ରୀମତୀ ପୂଜା ଆରାଧନା ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।ସଦାଇପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରୁ ଅନେକ ଛାତ୍ରୀ ମଧ ସଭା ଶେଷ ପର୍ଯ୍ୟନ୍ତ ରହିଥିଲେ ।

# ଜାନୁଆରୀ ୩ ରୁ ରତ୍ନାକର ବାଗ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

ବଙ୍ଗୋମୁଣ୍ଡା,୨୯।୧୨:(ମନ୍ଥନ):ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ କପିଲାଭଟା ଓ ତାଳଭଟା ଗ୍ରାମର ମିଳିତ ଆନୁକୂଲ୍ୟରେ ରେ ଆସନ୍ତା ଜାନୁଆରୀ ୩ ତାରିଖ ଠାରୁ ୦୯ ତାରିଖ ପର୍ଯ୍ୟନ୍ତ ତୃତୀୟ ତମ ରତ୍ନାକର ବାଗ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ । ହସ୍ପିଟାଲ ନିକଟ ଖେଳ ପଡିଆ । ଠାରେ ପ୍ରତ୍ୟେହ ଅପରାହ୍ନ ରେ ମ୍ୟାଚ ଅନୁଷ୍ଠିତ ହେବ । ସବୁ ବର୍ଷ ଭଳି ଚଳିତ ବର୍ଷ ମଧ ଧୁମଧାମରେ ଆୟୋଜନ କରାଯାଇଛି । ଏହି ଟୁର୍ଣ୍ଣାମେଣ୍ଟ ରେ ଖୁଦପେଜ,ଝଲପ, ମନିଗାଁ,ବଙ୍କାପୁର, ତେତେଲପଡା,ବଙ୍ଗୋମୁଣ୍ଡା, କପିଲାଭଟା,ବରତୁଣ୍ଡା ରେ ଫୁଟବଲ ମାନେ ଅଂଶଗ୍ରହଣ କରିବେ ବୋଲି ସ୍ୱୀକୃତି ଦେଇଛନ୍ତି । ଆସନ୍ତା ଉଦଯାପନି ଦିବସ ରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଙ୍କ ସହ ପଶ୍ଚିମ ଓଡ଼ିଶା ର ପରିଚିତ ଆଲବମ ହିରୋଇନ ମାମୁନି ଯାଦବ ଯୋଗ ଦେବେ ବୋଲି ଜଣାପଡିଛି ଯ ଉଦଘାଟନୀ କାର୍ଯ୍ୟକ୍ରମ ପୂର୍ବରୁ ସ୍ୱର୍ଗତ ରତ୍ନାକର ବାଗ ଙ୍କ ଘରୁ ପୂଜାର୍ଚ୍ଚନା କରାଯିବା ପରେ କପିଲାଭଟା ଗାଁର ଅଧିଷ୍ଠାତ୍ରୀ ଦେବୀ ମାଁ ସାହାଜିକଟେନ ଙ୍କ ପୀଠ ରେ ପୂଜାର୍ଚ୍ଚନା କରାଯାଇ ମଶାଲ କୁ ଗ୍ରାମ ପରିକ୍ରମା କରି ଖେଳ ପଡ଼ିଆ । ରେ ସ୍ଥାପନ କରିବା ର କାର୍ଯ୍ୟକ୍ରମ ରହିଛି । ବିଜେତା ଦଳ କୁ ୭୭୭୭ ଓ ଉପ ବିଜେତା ଦଳ କୁ ୫୫୫୫ ସହ ଟ୍ରଫି ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି । ଆୟୋଜକ କମିଟି ର ସଂଯୋଜକ ରାହୁଲ ବାଗ,ସଭାପତି ହୁଲେଶ୍ୱର ହଂସ,ଉପସଭାପତି ତ୍ରିବିକ୍ରମ ବେହେରା, ସମ୍ପାଦକ ଆଶିଷ ବେହେରା, ସହ ସମ୍ପାଦକ ଗିରିଶ ଅଦା, କୋଷାଧକ୍ଷ ପ୍ରିୟରଞ୍ଜନ ହଂସ, ଉପଦେଷ୍ଟା ଅଶୋକ କୁମାର ବିଶି,ପରମାନନ୍ଦ ଛତ୍ରିଆ । ରହିଛନ୍ତି ।

# ଜୟହିନ୍ଦ ହାଇସ୍କୁଲରେ ଗୁରୁ ପୂଜନ ଓ ବନ୍ଧୁମିଳନ

ପଟାମୁଣ୍ଡାଇ,୨୯।୧୨:(ମନ୍ଥନ):ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦାଣ୍ଡିସାହି ଜୟହିନ୍ଦ ହାଇସ୍କୁଲର ୧୯୮୯ ମାଟ୍ରିକ ବ୍ୟାଚ ପକ୍ଷରୁ ଗୁରୁ ପୂଜନ ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ତଥା ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାକ୍ତନ ଅଧକ୍ଷ ମାନସ ରଞ୍ଜନ ସାମଲଙ୍କ ପୌରହିତ୍ୟ ଓ ନିହାର ରଞ୍ଜନ ସୂତାରଙ୍କ ସଂଯୋଜନାରେ ଆୟୋଜିତ ଗୁରୁ ପୂଜନ ଓ ବନ୍ଧୁ ମିଳନ ଉତ୍ସବରେ ପ୍ରାକ୍ତନ ଶିକ୍ଷକ ରଂଜିତ ମଲ୍ଲିକ, କେଦାର ପ୍ରଧାନ, ସୁରେଶ ନାୟକ ଭଗବାନ ରାଉତ ଦୁଃଶାସନ ଜେନା, ପ୍ରଧାନଶିକ୍ଷକ ଭାସ୍କର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଧୋୟାଞ୍ଚଳର ଏହି ଗୌରବମୟ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ସମସ୍ତ ପୁରାତନ ଛାତ୍ର ଛାତ୍ରୀ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ । ଗୁରୁପୂଜନ ଉତ୍ସବରେ ଛାତ୍ରଛାତ୍ରୀ ମାନେ ଗୁରୁ ମାନଙ୍କ ପାଦ ଧୋଇ ଦେଇ ସିନ୍ଦୁର ଚନ୍ଦନ ଲଗାଇବା ସହିତ ଉତ୍ତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ କ୍ଷ ପୁରାତନଛାତ୍ର ରଶ୍ମିରଞ୍ଜନ ସ୍ୱାଇଁ ମାନସ ରଞ୍ଜନ ସାମଲ,ବିଶ୍ୱଜିତ ଦାଶ, ଗୁଣମଣି ବିଶ୍ୱାଳ ତ୍ରିନାଥ ମଲ୍ଲିକ,ତୀର୍ଥଙ୍କର ମଲ୍ଲିକ ଜୟଶ୍ରୀ ବିଶ୍ୱାଳ, ମମତା ସାହୁ କେଦାର ସେଠୀ ରମେଶ ସାହୁ ଅନିରୁଦ୍ଧ ମଲ୍ଲିକ ବିଜୟ ବେହେରା, ମଧୁଛନ୍ଦା ବିଶ୍ୱାଳ ବବିତା ବିଶ୍ୱାଳ, ବିଷ୍ଣୁପ୍ରିୟା ବିଶ୍ୱାଳ ସ୍ନେହାଂଶୁ ଶେଖର ଦାସ ନବଘନ ବାରିକ କୃଷ୍ଣ ଚନ୍ଦ୍ର ସାହୁ ଦେବେନ୍ଦ୍ର ସୂତାର ପ୍ରମୁଖ ସ୍କୁଲ ଜୀବନର ସ୍ମୃତି ଚାରଣ କରିବା ସହିତ ସାମାଜିକ ପରିଚୟ ଓ ପ୍ରତିଷ୍ଠା ଦେଇଥିବା ଏହି ମହାନ ଶିକ୍ଷାନୁଷ୍ଠାନ ବିକାଶ ପାଇଁ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ଶପଥ ନେଇଥିଲେ ଓ ପୁରାତନ ଛାତ୍ର ରଶ୍ମି ରଞ୍ଜନ ସ୍ୱାଇଁ ସ୍ୱାଗତ ଭାଷଣ ଓ କମଳାକାନ୍ତ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଭା ଆରମ୍ଭରେ ଦିବଂଗତ ଶିକ୍ଷକ ଓ ୧୯୮୯ ବ୍ୟାଚ ଛାତ୍ରଛାତ୍ରୀଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏଇ ଅବସରରେ ଗ୍ରାମଦେବୀଙ୍କ ପୂଜାର୍ଚ୍ଚନା ସହ ୧୯୮୯ ବ୍ୟାଚ ଛାତ୍ର ଛାତ୍ରୀଙ୍କ ପ୍ରଦତ୍ତ ବିଦ୍ୟାଦାତ୍ରୀ ମା ସରସ୍ୱତୀଙ୍କ ମୂର୍ତ୍ତି ହାଇସ୍କୁଲ ପରିସରରେ ପ୍ରତିଷ୍ଠା କରାଯାଇଥିଲା ଓ ଶେଷରେ କୃଷ୍ଣ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ । ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ଅନିରୁଦ୍ଧ ମଲ୍ଲିକ, ବିଜୟ ବେହେରା ମଧୁଛନ୍ଦା ବିଶ୍ୱାଳ ବବିତା ବିଶ୍ୱାଳ ପରିଚାଳନା କରିଥିବାବେଳେ ବିଷ୍ଣୁପ୍ରିୟା ବିଶ୍ୱାଳ ନବଘନ ବାରିକ, ଦେବେନ୍ଦ୍ର ସୂତାର ସ୍ନେହାଂଶୁ ଶେଖର ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ବାଞ୍ଛାନିଧି ଦାସ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା,୨୯।୧୨:(ମନ୍ଥନ):ବାଞ୍ଛାନିଧି ଦାସ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ ପାଳନ ଅବସରରେ କେନ୍ଦ୍ରାପଡା ଜିଲ୍ଲାର ୪୮୫ଜଣ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଛି ।ଟ୍ରଷ୍ଟର ମୁଖ୍ୟ ପୃଷ୍ଟପୋଷକ ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମରିଟସ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସଙ୍କ ସଭାପତିତ୍ୱରେ ସାନ୍ତସାହିସ୍ଥିତ ବଳଦେବଜୀଉ କଲ୍ୟାଣମଣ୍ଡପରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତୋଷାଳୀ ସ୍ୟାଣ୍ଡ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଟି. ବାନାମ୍ବର ପାତ୍ର ଓ ମୁଖ୍ୟବକ୍ତା ଭାବେ ଡ.ହରିହର କାନୁନଗୋ ଯୋଗଦେଇ ଜିଲ୍ଲାର ମେଧାବୀ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ବାଣ୍ଟିବା ଅବସରରେ କହିଥିଲେ ଯେ ପିଲାଙ୍କ ପାଇଁ ପ୍ରକୃତ ଈଶ୍ୱର ହେଉଛନ୍ତି ମା ଓ ବାପା । ସେହି ଈଶ୍ୱରଙ୍କୁ ଭୟ,ଭକ୍ତି ଓ ପୂଜା କଲେ ତୁମେମାନେ ଜୀବନରେ ସଫଳ ମଣିଷ ହୋଇପାରିବ । ସମ୍ମାନିତ ଅତିଥି ଭାବେ ଡ. ସୁକାନ୍ତ ମହାପାତ୍ର, ଡାକ୍ତର ବିଶ୍ୱପ୍ରକାଶ କାନୁନଗୋ, ଆମେରିକାରେ ଅବସ୍ଥାନ କରୁଥିବା ଶିକ୍ଷାବୀତ ଡାଭିଡ ବି. କ୍ରସ, ଟି. ବାନାମ୍ବର ପାତ୍ର, ସୁନିତ ମିଚେଲ ଦାସ, ଶାରଦାକାନ୍ତ ଦାସ ଓ ଅରୁଣ ପ୍ରତାପ ଦାସ ପ୍ରମୁଖ ଯୋଗଦେଇ ଟ୍ରଷ୍ଟର ଏଭଳି କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହିତ ଟ୍ରଷ୍ଟର ମୁଖ୍ୟ ପୃଷ୍ଟପୋଷକ ଡ.ଦାସଙ୍କୁ କୃତଜ୍ଞତା ଜଣାଇଥିଲେ । ଏଥିସହିତ ଦୀର୍ଘ ବର୍ଷ ଧରି ଟ୍ରଷ୍ଟର କାର୍ଯ୍ୟକ୍ରମକୁ ସୁଚାରୁରୂପେ ନିର୍ବାହ କରି ଆସିଥିବା ସମାଜସେବୀ ପ୍ରଦିପ କୁମାର ମହାନ୍ତିଙ୍କୁ ସମସ୍ତ ଅତିଥି କୃତଜ୍ଞତା ଅର୍ପଣ କରିଥିଲେ । ଏହି ଅବସରରେ ଜିଲାର ବିଭିନ୍ନ କଲେଜରୁ ଆସିଥିବା ଗରିବ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ମେଧାବୃତ୍ତି ପ୍ରଦାନ କରିଥିଲେ । ଉତ୍ସବରେ ସୁଦୂର ଆମେରିକାରୁ ଆସିଥିବା ଡ. ଦାସଙ୍କ ବହୁ ବନ୍ଧୁ ଓ ପରିଜନମାନେ ଉପସ୍ଥିତ ଥିଲେ । ଏହି ଅବସରରେ ବ୍ରହ୍ମପୁରସ୍ଥିତ ନିଷ୍ଟ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସଭାପତି ଡ. ସୁକାନ୍ତ ମହାପାତ୍ର, ତୋଷାଳୀ ସ୍ୟାଣ୍ଡ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଟି. ବାନାମ୍ବର ପାତ୍ରଙ୍କୁ ତୁଳସୀକ୍ଷେତ୍ର ସମ୍ମାନ ଏବଂ ଶିକ୍ଷାବିତ ନୃସିଂହ ଚରଣ ତ୍ରିପାଠୀ ଓ ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସଙ୍କୁ କାଥରିନ ଦାସ ସେବା ସମ୍ମାନ ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ମମତା ଦାସ, ରଣଧିର କୁମାର, ସ୍ମିତା ଦାସ, ଆଲୋକ ପଟ୍ଟନାୟକ, ସୁଜାତା ପ୍ରିୟମ୍ବଦା ଦାସ, ଡ. କାଳୀ ପଟ୍ଟନାୟକ, ଜୟନ୍ତୀ ପଟ୍ଟନାୟକ, ରୋଜାଲିନ ଦାସ, ସମରେନ୍ଦ୍ର ଦାସ, ମିଚଲେ ମାରି, ସୁପ୍ରିୟା ଶାନ୍ତି ଦାସ, ଧିରେନ୍ଦ୍ର ଦାସ, ଆଦ୍ୟାଶା ପଟ୍ଟନାୟକ, ଭୂମିକା ଦାସ, ଆଦିତ୍ୟ ପଟ୍ଟନାୟକ, ପ୍ରତୀକ କୁମାର, ଡା. ସ୍ନେହଲତା କାନୁନଗୋ, ପ୍ରଦିପ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଭୁବନମୋହନ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଟ୍ରଷ୍ଟି ଅରୁଣ ପ୍ରତାପ ଦାସ ସ୍ୱାଗତ ଭାଷଣ ଓ ଆଲୋକ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ୱର୍ଗତ ରବିନ୍ଦ୍ର ମୋହନ ସାହୁ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ

କେନ୍ଦ୍ରାପଡ଼ା,୨୯।୧୨:(ମନ୍ଥନ):ଚଳଚ୍ଚିତ୍ର ପ୍ରଯୋଜକ ସ୍ୱର୍ଗତ ରବିନ୍ଦ୍ର ମୋହନ ସାହୁଙ୍କ ଦ୍ୱାଦଶାହ ଅବସରରେ ବିଶିଷ୍ଟ ବ୍ୟକ୍ତିମାନେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ତାଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଛନ୍ତି । କେନ୍ଦ୍ରାପଡ଼ା ସହରସ୍ଥିତ ବଡ଼ହାଟ ବାସଭବନ ପରିସରରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ବିଧାୟକ ପ୍ରତାପ ଦେବ, ବିଧାୟକ ଧ୍ରୁବ ସାହୁ, ବିଧାୟକ ଗଣେଶ୍ୱର ବେହେରା, କଟକ ମେୟର ସୁବାସ ସିଂ, ପୂର୍ବତନ ମନ୍ତ୍ରୀ ଶଶି ଭୂଷଣ ବେହେରା, ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ବିଧାୟକ କିଶୋର ତରାଇ, ପୂର୍ବତନ ବିଧାୟକ ଅଲେଖ ଜେନା, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ଚଳଚ୍ଚିତ୍ର ପ୍ରଯୋଜକ ସଂଘ ସଭାପତି ଯୁଗଳ କିଶୋର ଦେବତା, ଉପସଭାପତି ଅଜୟ କୁମାର ରାଉତ, ସଂପାଦକ ଯୁବୁଲି ସୁନ୍ଦରରାୟ, ଚଳଚ୍ଚିତ୍ର ଅଭିନେତା ସମରେଶ ରାଉତରାୟ, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ୱର୍ଗତ ସାହୁ ଏକାଧାରାରେ ସଫଳ ସିନେ ପ୍ରଯୋଜକ, ସୁଦକ୍ଷ ରାଜନେତା, ବିଶିଷ୍ଟ ବ୍ୟବସାୟୀ ଭାବେ କ୍ଷ୍ୟାତି ଅର୍ଜନ କରିଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଶୋକବାର୍ତ୍ତାକୁ ସ୍ୱର୍ଗତ ସାହୁଙ୍କ ବୋହୂ କେନ୍ଦ୍ରାପଡ଼ା ପୌରାଧକ୍ଷା ସରିତା ସାହୁ ପାଠ କରିଥିଲେ । ବିଜେଡି ଯୁବନେତା ସମାଜସେବୀ ରାଜେଶ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ଉପସଭାପତି ଭୀଷ୍ମ ମହାନ୍ତି, ଗିତାଞ୍ଜଳୀ ସେଠୀ, ମାନସ ପରିଡ଼ା, ଶିବ ଭଳ, ବିଷ୍ଣୁ ଦାସ, ସଲିମ ଖାନ୍, କିଶୋର ପଣ୍ଡା, ପ୍ରଦୀପ ମହାନ୍ତି, ଶରତ କୁମାର ବେହୁରା, ପ୍ରଦୀପ୍ତ ମହାନ୍ତି, ଦୁର୍ଗାଶିଷ ମହାନ୍ତି, ରାଜେଶ ଦାସ, ରଶ୍ମୀରଞ୍ଜନ ରାଉତ, ଫକୀର ଖଟୁଆ, ପ୍ରଫୁଲ୍ଲ ଦାସ, ସରୋଜରାଜ ସିଂହ, ଭୀମସେନ ଭୂୟାଁ, ରବି ସାମଲ, ଅମ୍ବିକା ପ୍ରସାଦ ଦାସ, ଦେବେନ୍ଦ୍ର ସୁଆର, ସାମ୍ବାଦିକ ଚିତ୍ତରଞ୍ଜନ ଦାସ, ରମଣୀରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ଆକବର ଅଲ୍ଲୀ, ଜ୍ୟୋସ୍ନାରାଣୀ ପରିଡ଼ା, ମୁକ୍ତାର ଖାଁ, ଆଲୋକ ସାହୁ, ଶ୍ରୀକାନ୍ତ ପଣ୍ଡା, ରାଜେଶ ରାଜ ସ୍ୱାଇଁ ପ୍ରମୁଖ ସ୍ମୃତି ଚାରଣ କରିଥିଲେ । ରଞ୍ଜିତ ସାହୁ, ଉମେଶ ନାୟକ, ହିରଣ୍ୟ ପଣ୍ଡା, ସେକ ଇନାୟତ, ସୁକୁମାର ଦାସ, ପ୍ରଦୀପ ନାୟକ, ରାଜଶ୍ରୀ ଦାସ, ସିପ୍ରା ଦାସ, ରାଜେନ୍ଦ୍ର ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପୁତ୍ର ପ୍ରଦୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିବାହର ପ୍ରଲୋଭନ ଦେଖାଇ ନାବାଳିକା କଲେଜ ଛାତ୍ରୀକୁ ପ୍ରତାରଣା

ଜଗତସିଂହପୁର, ୨୯।୧୨:(ମନ୍ଥନ):ରଘୁନାଥପୁର ଥାନା ଅନ୍ତର୍ଗତ ସାଦେଇପୁର ଦେଉଳି ଗ୍ରାମର ଜନୈକ ଯୁବକ ଧରାଧରପୁର ଗ୍ରାମର ଜନୈକା ଯୁବତୀକୁ ବିବାହର ପ୍ରଲୋଭନ ଦେଖାଇ ପରେ ପ୍ରତାରଣା କରିଥିବା ନେଇ ହୋଇଥିବା ଥାନାରେ ଏତଲା ଅଂଚଳରେ ଆଲୋଚ୍ୟ ବିଷୟ ପାଲଟିଛି । ଅଭିଯୋଗ ଅନୁଯାୟୀ, ଧରାଧରପୁର ଗ୍ରାମର ସଂପୃକ୍ତା ଯୁବତୀ(୧୬) ରେଢୁଆ । କଲେଜରେ ଅଧ୍ୟୟନରତ ଥିବା ବେଳେ ସାଦେଇପୁର ଦେଉଳି ଗ୍ରାମର ସଂପୃକ୍ତ ଯୁବକ ବିଜୟ ଭୋଇଙ୍କ ପୁଅ ଦିପକ ଭୋଇ ତାଙ୍କୁ ଭଲ ପାଇଥିଲେ । ପରେ ବିବାହର ପ୍ରଲୋଭନ ଦେଖାଇ ତାଙ୍କ ସହ ବହୁ ଅନ୍ତରଙ୍ଗ ମୁହୂର୍ତ୍ତ କଟାଇଥିଲେ । ପରେ ଦିପକ ତାଙ୍କୁ ବିବାହ ନହେବା ପାଇଁ କହିବାରୁ ଉଭୟଙ୍କ ମଧ୍ୟରେ ବଚସା ହେବା ସହିତ କଲେଜ ନିକଟରେ ଝିଅଟିକୁ ପ୍ରେମିକ ଦିପକ ମାରଧର କରିଥିବା ନେଇ ଝିଅର ମା ରଘୁନାଥପୁର ଥାନାରେ ଏତଲା କରିଥିଲେ । ଅଭିଯୋଗ ଆଧାରରେ, ରଘୁନାଥପୁର ଥାନା ୨୭୯/୨୫ରେ ଏକ ମାମଲା ରୁଜୁ କରି ଉଭୟଙ୍କୁ ରଘୁନାଥପୁର ଡାକ୍ତରଖାନାରେ ଡ଼ାକ୍ତରୀ ମାଇନା କରିବା ସହିତ ଅଭିଯୁକ୍ତ ଦିପକକୁ କୋର୍ଟ ଚାଲାଣ କରିଥିବା ତଦନ୍ତ ଅଧିକାରୀ ଏସ ଆଇ ଯୋଗେଶ୍ୱର ବେହେରା ସୂଚନା ଦେଇଛନ୍ତି ।

# ଅବହେଳିତ ଅବସ୍ଥାରେ ସାମନ୍ତଙ୍କ ପ୍ରତିମୂର୍ତ୍ତି

ଖଣ୍ଡପଡ଼ା, ୨୯।୧୨:(ମନ୍ଥନ):ମହାନ ଜ୍ୟୋତିର୍ବିଦ ପଠାଣି ସାମନ୍ତ କେବଳ ଭାରତ ନୁହେଁ, ବିଶ୍ୱରେ ମଧ ନିର୍ଭୁଲ ଗଣନା ଓ ଗ୍ରହ ନକ୍ଷତ୍ର ଗତିବିଧି ମାପି ପ୍ରସିଦ୍ଧି ଲାଭ କରିଛନ୍ତି । ମାତ୍ର ଖଣ୍ଡପଡ଼ାରେ କିନ୍ତୁ ସାମନ୍ତଙ୍କୁ ଅବହେଳାର ଚିତ୍ର ସ୍ପଷ୍ଟ ବାରି ହୋଇପଡୁଛିୟ ବିଶେଷକରି ସାମନ୍ତ ଛକରେ ଥିବା ମହାନ ଜ୍ୟୋର୍ତିବିଦଙ୍କ ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି । ମିଳିଥିବା ସୂଚନା ଅନୁଯାୟୀ ସାମନ୍ତ ଛକରେ ଦୀର୍ଘବର୍ଷ ହେବ ଥିବା ଉକ୍ତ ପ୍ରତିମୂର୍ତ୍ତି ଏବେ ଅବହେଳିତ ଅବସ୍ଥାରେ ରହିଛି । ଖଣ୍ଡପଡ଼ାକୁ ଆସୁଥିବା ମାନ୍ୟଗଣ୍ୟ ବ୍ୟକ୍ତି ତଥା ରାଜନେତା ଏଠାରେ ଘଡ଼ିଏ ରହିବା ସହିତ ମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦିଅନ୍ତି । ସେ ଦୃଷ୍ଟିରୁ ସାମନ୍ତ ଛକରେ ଥିବା ମହାନ ଜ୍ୟୋର୍ତିବିଦଙ୍କ ପ୍ରତିମୂର୍ତ୍ତି ସ୍ୱତନ୍ତ୍ର ଗୁରୁ ବହନ କରେ । ମାତ୍ର ରାତି ପାହିଲେ ପ୍ରତିମୂର୍ତ୍ତି ଚାରିପାଖେ ଜବରଦଖଲ ଦେଖିବାକୁ ମିଳୁଥିବା ବେଳେ ପ୍ରଶାସନ ଚୁପ ବସିଛି । ଉଠା ଦୋକାନୀ ମୂର୍ତ୍ତି ଚତୁର୍ପାର୍ଶ୍ୱରେ ବ୍ୟବସାୟ ଉଦ୍ଦେଶ୍ୟରେ ମାଡି ବସୁଥିବା ବେଳେ ମୂର୍ତ୍ତି ସମ୍ମୁଖକୁ ସ୍ଥାନୀୟ ଅଞ୍ଚଳର ଲୋକେ ଅସ୍ଥାୟୀ ପାର୍କିଂ ସ୍ଥଳରେ ପରିଣତ କଲେଣି ।

# କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ ପକ୍ଷରୁ ୧୪୦ତମ ପ୍ରତିଷ୍ଠା ଦିବସ

କେନ୍ଦ୍ରାପଡା,୨୯।୧୨:(ମନ୍ଥନ):କଜଳା ସ୍ଥିତ ଜିଲ୍ଲା କଂଗ୍ରେସ ଭବନରେ କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକଙ୍କ ସଭାପିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଶତାଧିକ ନେତା ଓ କର୍ମୀ ଉପସ୍ଥିତ ଥିଲେ । ସଭା ପ୍ରାରମ୍ଭରେ ଜିଲ୍ଲା କଂଗ୍ରେସ ସଭାପତି ଡାକ୍ତର ଦେବସ୍ମିତା ଶର୍ମା କଂଗ୍ରେସ ଦଳର ପତାକା ଉତ୍ତୋଳନ କରିଥିଲେ । ଏହାପରେ କଂଗ୍ରେସ ଦଳର ଗୌରବମୟ ଇତିହାସ, ଦେଶ ପାଇଁ ସମର୍ପିତ ଅନେକ କାର୍ଯ୍ୟାବଳୀ, ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ସୁବାଷ ଚନ୍ଦ୍ର ବୋଷ, ଇନ୍ଦିରା ଗାନ୍ଧୀ ଏବଂ ରାଜୀବ ଗାନ୍ଧୀଙ୍କ ତ୍ୟାଗ ଓ ଦେଶ ପାଇଁ ଥିବା ଅବଦାନ ଓ ବଳିଦାନ ସଂପର୍କରେ ସମାବେଶରେ ଆଲୋଚନା କରାଯାଇଥିଲା । ଏହି ସଭାରେ କେନ୍ଦ୍ରାପଡା ଜିଲ୍ଲା ସଭାପତି ଡାକ୍ତର ଦେବାସ୍ମିତା ଶର୍ମା, ଫକିର ଚରଣ ଖଟୁଆ, ଜଗନ୍ନାଥ ସେଠୀ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ପ୍ରଫୁଲ ଦାସ, ବିଭ୍ରାଂଶୁ ଲେଙ୍କା, ହରୀଶ ପଟ୍ଟନାୟକ, ସନ୍ତୋଷ ବେହେରା, ମଙ୍ଗୁଳି ଚରଣ ବେହେରା, ଜିତେନ୍ଦ୍ର ନାଥ ଜେନା, ବିଜୟ ମଲ୍ଲିକ, ସନ୍ଧ୍ୟାରାଣୀ ପ୍ରଧାନ, ତରନ୍ନୁମ୍ ବେଗମ,ଉମେଶ ପାଢ଼ୀ ପ୍ରମୁଖ ବହୁ କର୍ମୀ ଓ ନେତୃତ୍ୱ ଯୋଗଦେଇ ଅଭିଭାଷଣ ରଖିଥିଲେ । କେନ୍ଦ୍ରାପଡା ଜିଲ୍ଲାରେ ଦଳକୁ ସଶକ୍ତ କରିବା ଓ ସଂଗଠନକୁ ଅଧିକ ସୁଦୃଢ଼ କରିବାପାଇଁ ନେତା ଓ କର୍ମୀମାନେ ଶପଥ ଗ୍ରହଣ କରିଥିଲେ ।

# ଆଞ୍ଚଳିକ ମନ୍ଥନ

ମଙ୍ଗଳବାର,୩୦,ଡିସେମ୍ବର,୨୦୨୫ Tuesday,30 December 2025, Bhubaneswar












## କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ ପାଳିତ

ବୁଗୁଡ଼ା, ୨୯।୧୨:(ମନ୍ଥନ)ଦେଶର ସର୍ବପୁରାତନ ରାଜନୈତିକ ଦଳ କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ବୁଗୁଡା ବ୍ଲକ ଓ ନଗର କଂଗ୍ରେସ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜାନକୀ ବଲ୍ଲଭ ରାଉତ, ନଗର କଂଗ୍ରେସ ସଭାପତି ମାନସ ରଞ୍ଜନ ଦାଶ, ସୁବ୍ରତ କୁମାର ପଟ୍ଟନାୟକ, ବ୍ଲକ କଂଗ୍ରେସ ଶଙ୍କର୍ଷଣ ବେହେରା ପ୍ରମୁଖଙ୍କ ସମେତ କେତେକ ଦଳୀୟ କର୍ମୀ ଉପସ୍ଥିତ ରହି ଦଳର ସାଂଗଠନିକ ଅଭିବୃଦ୍ଧି ସମ୍ପର୍କେ ଆଲୋଚନା କରିଥିଲେ ।

## ଅଟୋ ଓ ବାଇକ ମୁହାଁମୁହିଁ ଧକ୍କା ୧ ମୃତ ୫ଆହତ

ପିପିଲି,୨୯।୧୨:(ମନ୍ଥନ)ଦାଣ୍ଡମୁକୁନ୍ଦପୁର ଭଗୁଆବାଙ୍କ ଛକ ନିକଟରେ ଅଟୋ ସହ ବାଇକି ମୁହାଁମୁହିଁ ଧକ୍କା ହେବା ଫଳରେ ଜଣକର ମୃତ୍ୟୁ ହୋଇଥିବା ସୁଚନା ମିଳିଛି । ମୃତକ ଜଣକ ହରିରାଜପୁର ଅଂଚଳର ଚନ୍ଦନ ପ୍ରଧାନ(୨୪) ହୋଇଥିବା ଜଣାପଡିଛି । ତେବେ ମିଳିଥିବା ସୁଚନା ମୁତାବକ ଅଟୋ ଟି ପିପିଲି ଆଡୁ ପୁରୀ ଅଭିମୁଖେ ଯାଉଥିବା ବେଳେ ବାଇକି ଟି ପୁରୀ ରୁ ପିପିଲି ଦାଣ୍ଡମୁକୁନ୍ଦପୁର ଦେଇ ଯାଉଥିଲା । ଭଗୁଆବାଙ୍କ ଛକ ନିକଟରେ ଅଟୋ ସହ ମୁହଁମୁହିଁ ଧକ୍କା ହୋଇଥିଲା । ଅଟୋ ଓ ବାଇକି ରେ ଥିବା ଲୋକମାନେ ଗୁରୁତର ଅବସ୍ଥାରେ ତଳେ ଛିଟିକି ପଡିଥିଲେ । ଖବର ପାଇ ପିପିଲି ପୋଲିସ ଘଟଣାସ୍ଥଳରେ ପହଂଚି ଗୁରୁତର ଆହତ ୫ଜଣଙ୍କୁ ନିକଟସ୍ଥ ପିପିଲି ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ । ତେବେ ଡାକ୍ତର ସେଠାରେ ଜଣେ ଯୁବକର ମୃତ୍ୟୁ ହୋଇଥିବା ଘୋଷଣା କରିଥିଲେ ପିପିଲି ପୋଲିସ ମୃତ ଶରୀରକୁ ମେଡିକାଲରେ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛନ୍ତି । ଦୃଘଟଣା ଘଟାଇଥିବା ଅଟୋ ସହ ବାଇକି କୁ ପୋଲିସ ଜବତ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ସୁଚନା ଦେଇଛନ୍ତି ।

## ଭାର୍ଗବୀ ସାହିତ୍ୟ ସଂସଦର ବାର୍ଷିକୋତ୍ସବ

ବଲାଙ୍ଗୀ,୨୯।୧୨:(ମନ୍ଥନ)'ଭାର୍ଗବୀ ସାହିତ୍ୟ ସଂସଦର ଦ୍ୱାଦଶ ବାର୍ଷିକୋତ୍ସବ ଭାର୍ଗବୀ ମଣ୍ଡପ,ବଲାଙ୍ଗୀ ଠାରେ ସଭାପତି କୃପାସିନ୍ଧୁ ଦତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ପ୍ରଥମ ଅଧିବେଶନରେ ଉପସଭାପତି ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଇଶ୍ୱର ଚନ୍ଦ୍ର ନାୟକ , ମୁଖ୍ୟ ଅତିଥି ଡ଼ଃ. ନେତ୍ରାନନ୍ଦ ଭୋଇ , ମୁଖ୍ୟ ବ୍ୟକ୍ତା ନିରନ ମହାପାତ୍ର , ସମ୍ମାନୀତ ଅତିଥି ଡ଼ଃ.ପ୍ରଦୋଷ କୁମାର ପତି , ସଂୋଷ କୁମାର କର,ସୁଧାଂଶୁ କୁମାର ବେହେରା ସହସମ୍ପାଦକ ଗଙ୍ଗାଧର ବେହେରା ସର୍ବପ୍ରଥମେ ପ୍ରଦୀପ ପ୍ରଜ୍ୱଳନ ପରେ ପୂଜ୍ୟପୂଜା ମାଲ୍ୟାପଣ, ପୁସ୍ତକ ଶାଳାର ଉଦ୍‌ଘାଟନ ସହିତ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା । ଏହି ଅଧିବେଶନରେ ଦଶୃଶ୍ରାବ୍ୟ ମାଧମରେ କବିତା ପାଠ ପ୍ରଦର୍ଶନ



କରାଯାଇଥିଲ । ଦ୍ୱିତୀୟ ଅଧିବେଶନ ମୁଖ୍ୟ ଅତିଥି ଜଷ୍ଟିସ୍ ଭିକାରୀ ଚରଣ ରାଉତ, ସମ୍ମାନୀତ ଅତିଥି ରୂପେ ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ହରିହର ସାହୁ ,ସମାଜସେବୀ ଶ୍ରୀକାଂ ପଟ୍ଟନାୟକ । ପୂର୍ବତନ ଏ.ବି.ଇ.ଓ, ସୀମା' ଶେଖର ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସଂସଦର ସମ୍ପାଦକ ସୁରେନ୍ଦ୍ର ନାଥ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ପ୍ରତିଭା ମାନଙ୍କୁ ଏବଂ ସମ୍ପାଦିକ ମାନଙ୍କୁ ମାନପତ୍ର ଓ ଉତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ତତ୍ ସହିତ ନିକଟବର୍ତ୍ତୀ ଉଚ୍ଚ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ଧାରୀ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧନ କରାଯାଇଥିଲା । ପରିଶେଷରେ ସଂସଦର କୋଷାଧକ୍ଷ ସରୋଜ କୁମାର ଦେଓ ଧନ୍ୟବାଦର୍ପଣ କରିଥିଲେ । ଏହି କାର୍ଯ୍ୟ ପରିଚାଳନାରେ ହେମଂ କୁମାର ଦେଓ, ଲକ୍ଷ୍ମୀଧର ପୃଷ୍ଟି,ପୂର୍ଣ୍ଣଚନ୍ଦ୍ର ରଥ,ରବୀନ୍ଦ୍ର ଦାସ,ଲିଙ୍ଗରାଜ ଦାଶ,ସ୍ୱର୍ଣ୍ଣଲତା ପଣ୍ଡା,ରୀତାଳୀ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ ।

## ୨୦୦୨ ମ୍ୟାଟ୍ରିକ୍ ବ୍ୟାଚର ବନ୍ଧୁ ମିଳନ ଅନୁଷ୍ଠିତ

ଡେଲାଙ୍ଗ,୨୯।୧୨:(ମନ୍ଥନ) ଡେଲାଙ୍ଗ ବ୍ଲକର ଚନ୍ଦ୍ରଶେଖର ଦେବ ଉଚ୍ଚ ବିଦ୍ୟାଳୟର ୨୦୦୨ ମ୍ୟାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଶ୍ରୀପତିପୁର ସ୍ଥିତ ମା କ୍ଷେତ୍ରପାଳୀଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ସଂସଦ ସଭାପତି ଶୁଶାନ୍ତ ମହାନ୍ତିଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ସମାବେଶରେ ଛାତ୍ରବନ୍ଧୁ ଚିତରଞ୍ଜନ ମହାନ୍ତି, ଦିଲିପ କୁମାର ମହାନ୍ତି, ରାଜେନ୍ଦ୍ର ନାୟକ, ନିରଞ୍ଜନ ପରିଡା, ଦୀପକ ପରିଡା, ଚିତରଂଜନ ଜେନା , ରଶ୍ମୀରଞ୍ଜନ ପୃଷ୍ଟି, ନୀଳକଣ୍ଠ ବରାଳ , ଅଜୟ ମାଝି, ଛାତ୍ରୀବନ୍ଧୁ ଶୀତାମଣି ବେହେରା, ମନ୍ଦାକିନି ପ୍ରଧାନ, ପ୍ରତିମା ବେହେରା, ଦୀପା ବେହେରା, ଶବିତା ବେହେରା ପ୍ରମୁଖ ସାମିଲ ହୋଇ ଉଚ୍ଚ ବିଦ୍ୟାଳୟରେ ପାଠପଢା ସମୟର ସ୍ମୃତି ଚାରଣ କରିଥିଲେ ଏହା ସହିତ ଦିର୍ଘ୨୩ ବର୍ଷ ପରେ ସମସ୍ତ ସାଥି ଏକାଠୀ ହୋଇଥିବାରୁ ପାଠପଢାର ପ୍ରତିଟି ମୁହୁର୍ତ୍ତ ଆଲୋଚନା କରିଥିଲେ ଯ ସହପାଠୀମାନେ ଏକତ୍ର ହୋଇ ପ୍ରତ୍ୟେକଙ୍କ ସୁଖଦୁଃଖରେ ଭାଗୀଦାରୀ ହୋଇ ସମ୍ପର୍କ ସୁଦୃଢ଼ ରଖିବା ପାଇଁ ଛାତ୍ର ଶ୍ରୀ ମହାନ୍ତି କହିଥିବାବେଳେ ସହପାଠୀ ଭୀମସେନ ନାୟକ ଏହାକୁ ସ୍ୱାଗତ କରାଇଥିଲେ । ପରିବେଶ ପ୍ରଦୂଷଣ, ଗ୍ଲୋବାଲ ୱାରମିଂ, ପ୍ଲାଷ୍ଟିକ୍ ବ୍ୟବହାର ନକରିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଜନସଚେତନତା କରାଇଥିଲେ । ଏହି ପରିପ୍ରେକ୍ଷିରେ ବିଭିନ୍ନ ଚାରା ରୋପଣ କରାଯାଇଥିଲା ।

## ୧୪୦ତମ ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ

ଅନୁଗୋଳ,୨୯।୧୨:(ମନ୍ଥନ)ସର୍ ଭାରତୀୟ ଜାତୀୟ କଂଗ୍ରେସର ୧୪୦ ତମ ପ୍ରତିଷ୍ଠା ଦିବସ ଅବସରରେ ଅନୁଗୋଳ ଜିଲ୍ଲା କଂଗ୍ରେସ ସଭାପତି ସୁନିଲ ପ୍ରଧାନଙ୍କ ନେତୃତ୍ୱରେ ସକାଳ ୮.୩୦ମିନିଟ ସମୟରେ ଅନୁଗୋଳ କଲେଜ ପ୍ରାଙ୍ଗଣରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଦିବା ୧୧ଘଟିକା ସମୟରେ ଅନୁଗୋଳ ଜିଲ୍ଲା କଂଗ୍ରେସ ଭବନ ପରିସରରେ ଦଳୀୟ ପତାକାକୁ ଜିଲ୍ଲା ସଭାପତି ସୁନିଲ ପ୍ରଧାନ ଉତ୍ତୋଳନ କରିଥିଲେ । ୧୮୮୫ମସିହାରେ ସ୍ଥାପିତ କଂଗ୍ରେସ କେବଳ ଏକ ରାଜନୈତିକ ଦଳ ନୁହେଁ, ବରଂ ଏହା ଥିଲା ଦେଶର ସ୍ୱାଧୀନତା ସଂଗ୍ରାମର ମୂଳଶକ୍ତି । ମହାତ୍ମାଗାନ୍ଧୀ, ଜବାହରଲାଲ୍ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଡକ୍ଟର ବିଆର୍.ଆମ୍ବେଦକରଙ୍କ ଭଳି ମହାନ୍ ନେତାଙ୍କ ନେତୃତ୍ୱରେ କଂଗ୍ରେସ ଦେଶକୁ ସ୍ୱାଧୀନତା ଦେଇଛି ଏବଂ ପରେ ଗଣତନ୍ତ୍ର, ସମ୍ବିଧାନ ଓ ଲୋକତାନ୍ତ୍ରିକ ସଂସ୍ଥା ଗୁଡିକୁ ମଜବୁ କରିଛି ।କଂଗ୍ରେସ ସଦାସର୍ବଦା ସାଧାରଣ ଲୋକ, ଗରୀବ, କୃଷକ, ଶ୍ରମିକ, ଆଦିବାସୀ, ଦଳିତ, ସଂଖ୍ୟାଲଘୁ ଙ୍କ ସହିତ ରହିଛିବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜଗଦାନନ୍ଦ ପ୍ରଧାନ, ସନ୍ତୋଷ କୁମାର ପଟ୍ଟନାୟକ, ନିରଞ୍ଜନ ଦାସ, ତପନ ପ୍ରଧାନ, ଚିତ୍ତରଞ୍ଜନ ନାଏକ, ଗୋବିନ୍ଦ ନାଏକ, ଅମୁଲ୍ୟ ବେହେରା, ରାକେଶ ମିଶ୍ର, ସଂଜୀବ ମଣ୍ଡୋଠିଆ, ବିନୋଦ ମାଝୀ, ସୁଦୀପ ମିଶ୍ର, ଅଳକା ମହାନ୍ତି, ଅରୁପ ସାମଲ, ଅଳକା ମହାପାତ୍ର, କସିଦା ଖାନ, ସଂଗ୍ରାମ କୁଅଁର, ସଂଗ୍ରାମ ବେହେରା, ଅରୁଣ କୁମାର ଦାସ, ମାନିନୀ ପ୍ରଧାନ, ବାସୁଦେବ ସାମଲ, କୁଞ୍ଜ ବିହାରୀ ନାଏକ, ଅଶୋକ ନାଏକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ ।



## ଜିଲ୍ଲା ଏବଂ ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ୨୦୨୫-୨୬

ଅନୁଗୋଳ,୨୯।୧୨:(ମନ୍ଥନ)ରବିବାର ଅପରହ୍ନରେ କିଶୋରନଗର ବ୍ଲକ୍ ବର ପଡିଆ ଠାରେ ଜିଲ୍ଲା ଏବଂ ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି । ଏହି ମେଳାକୁ ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସାଂସଦ ସମ୍ବଲପୁର ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିବା ସହିତ ୧୧୮.୩୫ କୋଟି ଟଙ୍କାର ୩୬ଟିନୂତନ ପ୍ରକଳ୍ପର ଶିଳାନ୍ୟାସ ତଥା ୩୨.୨୧ କୋଟି ଟଙ୍କାର ୨୨ଟି ପ୍ରକଳ୍ପର ଲୋକାର୍ପଣ କରିଥିଲେ । ବିଭିନ୍ନ ବିଭାଗର ୨୩୪ ଜଣ ଲାଭାର୍ଥୀଙ୍କୁ ଆଗ୍ରୋ ସର୍ଭିସ ସେଣ୍ଟର, ମସଲା ସହ ବ୍ରଏଲର ଫାର୍ମ ଭଳିବିଭିନ୍ନ ବିଭାଗ ପାଇଁ ସବ ସିଡି ପ୍ରଦାନ କରାଯାଇଥିଲା । ଏହିମେଳାରେ କୃଷି ଓ ଆନୁଷଙ୍ଗିକ ବିଭାଗତରଫରୁ ୨୬ଟି ଏବଂ କୃଷି ଯନ୍ତ୍ରପାତି ବିକ୍ରେତାମାନଙ୍କର ୩୧ଟି ଷ୍ଟଲ ପ୍ରଦର୍ଶନ କରାଯାଇଛି । ଏହିକାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମାନ୍ୟବରଛେଣ୍ଡିପଦା ବିଧାୟକ ଶ୍ରୀ ଅଗସ୍ତି ବେହେରା,ମାନ୍ୟବର ପାଲଲହଡା ବିଧାୟକ ଶ୍ରୀ ଅଶୋକ ମହାନ୍ତି, ମାନ୍ୟବର ଆଠମଲ୍ଲିକ ବିଧାୟକ ଶ୍ରୀନଳିନୀକାନ୍ତ ପ୍ରଧାନ, ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ବବିତା ପ୍ରଧାନ, ଜିଲ୍ଲାପାଳ ଶ୍ରୀ ଅବଦାଲମୁହମ୍ମଦ୍ ଅଖତର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଦେବଦତ୍ତ ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଉମା ଶଙ୍କର ମିଶ୍ରଧନ୍ୟବାଦ ଅର୍ପଣ କରିଥିଲେ ।

## ଭାଇଚରା ର ଏକ ଉଦାହରଣ ସୃଷ୍ଟି କରିଛନ୍ତି ନବରଙ୍ଗପୁର ଜିଲ୍ଲା କିନ୍ନର ସଂଘ

ନବରଙ୍ଗପୁର,୨୯।୧୨:(ମନ୍ଥନ)ନବରଙ୍ଗପୁର ଏବଂ ଉମରକୋଟ ଚର୍ଚ୍ଚ କୁ ଜିଲ୍ଲା କିନ୍ନର ସଂଘ ପକ୍ଷରୁ କିଛି ଭେଟି ପ୍ରଦାନ କରାଯାଇଛି । ଭେଟି ପ୍ରଦାନ ସମୟରେ ନବରଙ୍ଗପୁର ଚର୍ଚ୍ଚ ରେ କିନ୍ନର ସଂଘର ଅଧକ୍ଷ ମନୋଜ କୁମାର ପଟନାୟକ , ଆଇନ ପରାମର୍ଶଦାତା ରାମ ପ୍ରସାଦ ପାତ୍ର, ପ୍ରୋଜେକ୍ଟ ଲିଡର ଏମ. ବାଲା କୃଷ୍ଣ ରାଓ, ମହିଳା ଉପଦେଷ୍ଟା ଶର୍ମିଷ୍ଠା ଦେଓ, ସ୍ୱର୍ଣ୍ଣଲତା ପଟ୍ଟନାୟକ, ସମେତ ସଂଘ ର ସଭାପତି କାଜଲ କିନ୍ନର, ସମ୍ପାଦକ ଚୁମୁକୀ କିନ୍ନର ,ସ୍ମୃତି, ପ୍ରୀତି, ଅନିତା, ବର୍ଷା, ବଇଦି, ରାଧା, ତୁଳସୀ, ଶିବାନୀ, କବିତା ଏବଂ ଇପ୍ସିତା କିନ୍ନର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ନବରଙ୍ଗପୁର ଚର୍ଚ୍ଚ ର ସଭାପତି ନଗେନ୍ଦ୍ର ପଟନାୟକ , ପୂର୍ବତନ ସଭାପତି ନିରୂପରାଜ ସୁଗଦୁଲାରୀ , ଉପ ସଭାପତି ଦୟାନିଧି ସାମନ୍ତରାୟ,ସମ୍ପାଦକ ବୁଲୁ ସୁନା, କୋଷାଧକ୍ଷ ପ୍ରଦୀପ କୁମାର ଭତରା, ଯୁବ ବର୍ଗ ସଭାପତି ମାନସ ବାଘ, ଉପ ସଭାପତି ଅମିତ କୁଲଦୀପ, ମହିଳା ସମ୍ପାଦିକା ପ୍ରଭାତୀ ରଶ୍ମି ଖୋରା, ସମ୍ପାଦକ ବୈଜନ୍ତ ମାଳା ପାଙ୍ଗି ପ୍ରମୁଖ ଉପସ୍ଥିତ ରହି




ଭେଟ କୁ ଗ୍ରହଣ କରିବା ସାଥେ ସାଥେ ନବରଙ୍ଗପୁର ଜିଲ୍ଲା କିନ୍ନର ସଂଘ ଭାଇଚରା ର ଏକ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ପ୍ରକାଶ କରିଛନ୍ତି । ସେହିପରି ଉମରକୋଟ ଚର୍ଚ୍ଚ କୁ ମଧ ଜିଲ୍ଲା କିନ୍ନର ସଂଘ ପକ୍ଷରୁ କିଛି ଭେଟି ପ୍ରଦାନ କରାଯାଇଛି । ଉକ୍ତ ଭେଟି ପ୍ରଦାନ ସମୟରେ ଜିଲ୍ଲା କିନ୍ନର ସଂଘ ଉମରକୋଟ ଶାଖା ର ଉପଦେଷ୍ଟା ତଥା ଅଧିବକ୍ତା ଶ୍ରୀନିବାସ ପଟନାୟକ , ସଂଘ ର ଅନ୍ୟତମ ସଭ୍ୟ ସତ୍ୟବତୀ ନାୟକ , ରବି ସୁନା , ଗୀତା ନନ୍ଦ , ଅଜୟ କୁମାର ଚୌଧରି ଏବଂ ଶରତ କୁମାର ପାଣିଗ୍ରାହୀ , ସେହିପରି କିନ୍ନର ସଂଘ ର ସଭାପତି କାଜଲ କିନ୍ନର , ସମ୍ପାଦକ ଚୁମକି କିନ୍ନର ସମେତ ଅନ୍ୟ କିନ୍ନର ମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଚର୍ଚ୍ଚର ସଭାପତି ସୁସ୍ମିତା ଖୋରା , ଉପ ସଭାପତି ସରୋଜ ଦଳେଇ, କୋଷାଧକ୍ଷ ଅରୁଣ ନାୟକ, ଯୁବ ବର୍ଗ ସଭାପତି ଜେମ୍ସ ବାଘ ,ସୁମନ୍ତ ଖୁମଜରିଅ । ପ୍ରମୁଖ ଉପସ୍ଥିତ ରହି ସଂଘର ଏପରି କାର୍ଯକଳାପକୁ ପ୍ରସଂଶା କରିଛନ୍ତି । ସୂଚନା ଯୋଗ୍ୟ ଯେ ଏଥି ପୂର୍ବରୁ ମଧ ଜିଲ୍ଲା କିନ୍ନର ସଂଘ ପକ୍ଷରୁ ବିଭିନ୍ନ ପୂଜା ମଣ୍ଡପ, କ୍ରୀଡା କମିଟି ମାନଙ୍କୁ ନିଜ ସକ୍ଷମ ଅନୁଯାୟୀ ଅନୁଦାନ ପ୍ରଦାନ କରି ଆସୁଛନ୍ତି । ଏଥି ସମେତ ବିଭିନ୍ନ ସମୟରେ ସଂଘର ସଦସ୍ୟ ମାନେ ରକ୍ତଦାନ ଭଳି ମହତ୍ କାର୍ଯ୍ୟ କରିବା ସାଥେ ସାଥେ ଗରିବ ମାନଙ୍କୁ ବର୍ଷା ଓ ଶୀତ କାଳରେ ଛତା, କମ୍ବଳ ପ୍ରବୃତ୍ତି ବଣ୍ଟନ କରିଆସୁଛନ୍ତି । ନବରଙ୍ଗପୁର ଜିଲ୍ଲାରେ କିନ୍ନର ସଂଘ ଗଠନ ହେବା ପର ଠାରୁ ସମାଜରେ କିନ୍ନର ମାନେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ବୋଲି ସଂଘର ଅଧକ୍ଷ ମନୋଜ କୁମାର ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି । କିନ୍ନର ମାନଙ୍କ ଏଭଳି ଅଭିନବ ପ୍ରୟାସ କୁ ଜିଲ୍ଲାବାସୀ ସମେତ ସଂଘର ଉପଦେଷ୍ଟା ଜଗନ୍ନାଥ ମହାପାତ୍ର, ଉପଦେଷ୍ଟା ଅଖିଳ ଭଟ୍ଟ, ନିନି ବାବୁ ତ୍ରିପାଠୀ, ଦୁର୍ଗା ପାଢ଼ୀ, ମହିଳା ଉପଦେଷ୍ଟା ଡକ୍ଟର ସଂଯୁକ୍ତା ପଣ୍ଡା, ଅଧିବକ୍ତା କିଶୋରୀ ପଟ୍ଟନାୟକ, ଉମରକୋଟ ଅଞ୍ଚଳର ମହିଳା ଉପଦେଷ୍ଟା ଚନ୍ଦନା ମଲ୍ଲିକ , କାର୍ଯ୍ୟକାରୀ ସଦସ୍ୟ କୃଷ୍ଣ ପ୍ରସାଦ ରଥ ପ୍ରମୁଖ ଶୁଭେଚ୍ଛା ଓ ସାଧୁବାଦ୍ ଜଣାଇଛନ୍ତି ।

## ୧୯୯୧ ବ୍ୟାଚ୍‌ର ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ

ମାହାଙ୍ଗା, ୨୯।୧୨:(ମନ୍ଥନ)ଭଗବତୀ ବିଦ୍ୟାପୀଠ ଶୁକ୍ଳେଶ୍ୱରର ୧୯୯୧ ମସିହା ମ୍ୟାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ ଉତ୍ସବ ରେଣ୍ଟା ଗ୍ରାମ୍ୟ ଜଙ୍ଗଲଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ରଘୁନାଥ ବେହେରା, ଲକ୍ଷ୍ମୀଧର ପାତ୍ର, ଡାକ୍ତର ରାଜେନ୍ଦ୍ର ଶତପଥି, ଜ୍ଞାନରଂଜନ ଶରଣ, ହିଂମାଂଶୁ ପାଲ, ଦୀନବନ୍ଧୁ ନାୟକ, ସାମ୍ବାଦିକ ରବିନାରାୟଣ ଦାସ, ସ୍ମୃତିରଂଜନ ପଣ୍ଡା, ଭାଗବତ ମହାରଣା ପ୍ରମୁଖ ପରିଚାଳନା କରିଥିଲେ । ୪୫ ଜଣରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ର ଛାତ୍ରୀମାନେ ଉପସ୍ଥିତ ରହି ସେମାନଙ୍କର ଭାବର ଆଦାନପ୍ରଦାନ କରିବା ସହିତ ବନ୍ଧୁମାନଙ୍କର ସ୍ୱାସ୍ଥ୍ୟ ଏବଂ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ଭଲ ପାଠ ପଢୁଥିବା ମେଧାବୀ ପିଲାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ସ୍ଥିର କରାଯାଇଥିଲା । ବନ୍ଧୁ ମିଳନ ଉତ୍ସବ ପାଳନ ଏକ ନିଆରା ଅନୁଭୂତି । ଯାହା ପୁରାତନ ଛାତ୍ର ଛାତ୍ରୀମାନଙ୍କୁ ଏକାଠି କରିବାର ସୁଯୋଗ ସୃଷ୍ଟି କରିଥାଏ ବୋଲି ସମସ୍ତେ ଅନୁଭବ କରିଥିଲେ ।

## ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

ଅନୁଗୋଳ,୨୯।୧୨:(ମନ୍ଥନ)ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଗୋଳ ଅତିରିକ୍ତଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରତିମସ୍ୟଙ୍କ ଅଧକ୍ଷତାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୪୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲାସେଥିମଧ୍ୟରୁ ୪୬ଟି ବ୍ୟକ୍ତିଗତ ଓ ୨ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି କରାଯାଇଥିଲା । ରିଲିଫ ପାଣ୍ଠିରୁ୧ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଓ ୬ ଜଣଙ୍କୁ ମୁଖ୍ୟମନ୍ତ୍ରୀ୪୦ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥୁଲା । ଏହି କାର୍ଯ୍ୟକ୍ରମରେବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଶିବିରକୁଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମାସମ୍ବନ୍ଧୀୟ,ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ । ଜିଲ୍ଲା ପାଠାଗାରରେ କାର୍ଯ୍ୟରତ ଆସାଷ୍ଟାଣ୍ଟ ଲାଇବ୍ରେରିଆନ କହ୍ନେଇ ଦାସଙ୍କଚଳିତ ମାସ ୨୫ ତାରିଖରେ ଆକାଳ ବିୟୋଗ ଘଟିଥିଲା । ତାଙ୍କ ଆତ୍ମାର ସଦଗତି ଏବଂତାଙ୍କର ସେବା ଓ କର୍ତ୍ତବ୍ୟ ନିଷ୍ଠାକୁସ୍ମରଣ କରି ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

## ମେସିନ ଅପରେଟରଙ୍କ ଉପରେ ମରଣାନ୍ତକ ଆକ୍ରମଣ

ପାରାଦୀପ,୨୯।୧୨:(ମନ୍ଥନ)ମେସିନ ଅପରେଟରଙ୍କ ଉପରେ ମାଲିକ ପୁଅର ଦାଦାଗିରି, ତଳେ ପକାଇ ମାରିଲେ ନିସ୍ଥୁକ ମାଡ଼,ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ମାଡ଼ ମାରିବା ସହିତ ଫଟୋ ଉଠାଇ ସୋସିଆଲ ମିଡିଆରେ ଛାଡ଼ିଦେବାକୁ ଦେଲେ ଧମକ । ଏଭଳି ମାଡ଼ ଯନ୍ତ୍ରଣା ରେ ଛଟପଟ ହେଉଛନ୍ତି ଡ୍ରାଇଭର । ଶେଷରେ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିବା ସହିତ ନ୍ୟାୟ ଭିକ୍ଷା କରିଛନ୍ତି ଅପରେଟର । ଏହିଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି ପାରାଦୀପ ଆଦର୍ଶ ଥାନା ଅଧୀନ ବନ୍ଦର ର ପାଞ୍ଚ ନମ୍ବର ଗେଟ ନିକଟରେ । ବନ୍ଦରର ପାଞ୍ଚ ନମ୍ବର ଗେଟ ରୁ ପାରାଦୀପ ବନ୍ଦରର କାର୍ଯ୍ୟ ପାଇଁ ବିଭିନ୍ନ ସ୍ଥାନକୁ କୁଳମଣି ନାୟକ ନିଜର ମେସିନ ଓ ହାଇୱା ଦ୍ୱାରା ସପ୍ଲାଇ କରିଥାନ୍ତି । ଗତକାଲି ସନ୍ଧ୍ୟା ସମୟରେ କୌଣସି କାରଣ କୁ ନେଇ ମୂଳମଣୀ ନାୟକ ଙ୍କ ପୁଅ କୁଳଦୀପ ନାୟକ ଅପରେଟର ଗୋବିନ୍ଦ ଦାସଙ୍କୁ ଡାକିଥିଲେ । ପରସ୍ପର ମଧ୍ୟରେ ଆଲୋଚନା ଚାଲିଥିବା ସମୟରେ ହଠାତ କୁଳଦୀପ ଗୋବିନ୍ଦ ଙ୍କୁ ଗାଳି ଗୁଲଜ ଦେବା ସହିତ ମାଡ଼ ମାରିବା ଆରମ୍ଭ କରିଦେଇଥିଲେ । ପ୍ରଥମେ ଚାପୁଡ଼ା ମାରିବା ପରେ ବାଉଁଶ ରେ ନିର୍ଘାତ ମାଡ଼ ମାରି ଚାଲିଥିଲେ । ଯେମିତି ପାଇଲେ ସେମିତି ତଳେ ପକାଇ ମାଡ଼ ମାରିବା ସହିତ ଫଟୋ ଉଠାଇ ସୋସିଆଲ ମିଡ଼ିଆ ରେ ଛାଡ଼ିଦେବାକୁ ଧମକ ଦେଇଥିଲେ । ଯାହାକୁ ନେଇ ଡ୍ରାଇଭର ଜଣକ ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ ଦେବା ସହିତ ନ୍ୟାୟ ଭିକ୍ଷା କରିଛନ୍ତି । ପୋଲିସ ଯଦି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ଡ୍ରାଇଭର ସମୂହ ଆନ୍ଦୋଳନ କୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ।

## କାର ଧକ୍କାରେ ପୋଲିସ ପେଟ୍ରୋଲିଙ୍ଗ ଭ୍ୟାନ ଚୁରମାର ,ଅଳ୍ପକେ ବର୍ତ୍ତିଲେ ୩ଜଣ

ପିପିଲି,୨୯।୧୨:(ମନ୍ଥନ)ଭୁବନେଶ୍ୱର ପୁରୀ ଜାତୀୟ ରାଜପଥର ସାତଶଂଖ ବଜାର ନିକଟରେ ଶନିବାର ବିଳମ୍ବିତ ରାତିରେ ପୋଲିସ ପେଟ୍ରୋଲିଙ୍ଗ ପିସିଆର ଭ୍ୟାନ ଗାଡିକୁ ଏକ ଦ୍ରୁତଗାମି କାର ଧକ୍କା ଦେଇଥିଲା । ପିସିଆର ଭ୍ୟାନ ଗାଡିର ଡାହଣ ପଟ ଭାଙ୍ଗି ଚୁରମାର ହୋଇଯାଇଥିବା ବେଳେ ସେଥିରେ ଥିବା ୩ଜଣ ଆହତ ହୋଇଥିଲେ । କାରଟି ପିସିଆର କୁ ଧକ୍କା ଦେଇ ତଳୁ ଖସି ପଡିଥିଲା । ଖବର ପାଇ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଓ ସାତଶଂଖ ଫାଣ୍ଡି ଅଧିକାରୀ ମନୋରଂଜନ ପରିଡା ଘଟଣାସ୍ଥଳରେ ପହଂଚି ଆହତକୁ ଚିକିତ୍ସା ପାଇଁ ମେଡିକାଲକୁ ନେଇଥିଲେ । ଏନେଇ ପିପିଲି ଥାନାରେ ୭୯୦/୨୫ରେ ଏକ ମାମଲା ରୁଜୁ କରାଯାଇଛି ।ଖଣ୍ଡଗିରି ଥାନା ଅଂଚଳର କାର ଡ୍ରାଇଭର ଆଶିଷ କୁମାର ସାମଲଙ୍କୁ ପୋଲିସ ଗିରଫ କରିଛି । ଦୁର୍ଘଟଣା ଘଟାଇଥିବା କାରକୁ ସାତଶଂଖ ପାଣ୍ଡିରେ ଜବତ କରି ରଖାଯାଇ ଘଟଣାର ତଦନ୍ତ କରାଯାଉଥିବା ନେଇ ଥାନା ଅଧିକାରୀ ଶ୍ରୀତ୍ରିପାଠୀ ସୁଚନା ଦେଇଛନ୍ତି ।

## ସମାଜ ପରିବର୍ତ୍ତନରେ ସାହିତ୍ୟିକ ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ

ମାହାଙ୍ଗା, ୨୯।୧୨:(ମନ୍ଥନ)ଗତ ୨୭ତାରିଖ ଶନିବାର ଦିନ ଶ୍ରୀରାମଚନ୍ଦ୍ର ଭବନ, କଟକ ପରିସରରେ ଓଡ଼ିଶା ସରକାରଙ୍କ ପ୍ରକୃତିମିତ୍ର ପୁରସ୍କାର ପ୍ରାପ୍ତ ଜନମଙ୍ଗଳ ଅନୁଷ୍ଠାନର ରୌପ୍ୟଜୟନ୍ତୀ ଅବସରରେ ବିଶିଷ୍ଟ ସାମ୍ବାଦିକ ତଥା ସ୍ତମ୍ଭକାର ବିବେକାନନ୍ଦ ଦାସଙ୍କ "ମାନବିକତାର ବିଚାର" ପୁସ୍ତକର ଶୁଭଲୋକାର୍ପଣ ଉତ୍ସବତଥା ଜୀବନ ଓ ସାହିତ୍ୟ ଆଲୋଚନା ଚକ୍ର ଜନମଙ୍ଗଳ ସଭାପତି ତଥା ପରିବେଶବିତ୍ ପ୍ରମୋଦ କୁମାର ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ଉଦ୍‌ଘାଟକ ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶ୍ୱ ଭାରତୀ ଶାନ୍ତି ନିକେତନର ପ୍ରଫେସର ଡଃ ବୈଷ୍ଣବ ଚରଣ ସାମଲ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବର ଉଦ୍‌ଘାଟନ କରି ସାହିତ୍ୟିକମାନେ ସମାଜ ପରିବର୍ତ୍ତନରେ ମୁଖ୍ୟଭୂମିକା ଗ୍ରହଣ କରିଛନ୍ତି । ଉନ୍ନତମାନର ସାହିତ୍ୟ ସୃଷ୍ଟି କରି ଲେଖକମାନେ ବର୍ତ୍ତମାନ ସମାଜରେ ଘଟୁଥିବା ଦୁର୍ନୀତି ବିରୁଦ୍ଧରେ ସ୍ୱରଉତ୍ତୋଳନ କରିବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ପୂର୍ବତନ ଆୟକର କମିଶନର ତଥା ଶରତ କର ଓ ଅନିମାକର ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଶୋଭନ କର ଯୋଗଦେଇ ଶ୍ରୀଯୁକ୍ତ ଦାସଙ୍କ ପୁସ୍ତକ ସଂପର୍କରେ ଆଲୋକପାତ କରିବା ସହ ସେ ନିର୍ଭୀକ ସାମ୍ବାଦିକ ଓ ଲେଖକ ଭାବେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି ବୋଲି ମତ ଦେଇଥିଲେ । ବିଶିଷ୍ଟ ଅତିଥିଭାବେ ଅର୍ନ୍ତଜାତୀୟ ଓଡ଼ିଆ ସ୍ୱାଭୀମାନ ପ୍ରତିଷ୍ଠାନର



ପ୍ରତିଷ୍ଠାତା ସୁଶାନ୍ତ କୁମାର ସାବତ, ମୁଖ୍ୟ ବକ୍ତା ଭାବେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ, ସମ୍ମାନୀତ ଅତିଥି ଭାବେ ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ମହାନ୍ତି,ବରେଣ୍ୟ ଅତିଥି ଭାବେ ଉତ୍କଳସାହିତ୍ୟ ସମାଜର ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ପ୍ରାବନ୍ଧିକ ଡଃ.ଏକାଦଶୀ ପ୍ରଧାନ ଯୋଗଦେଇ ସାହିତ୍ୟ ସାଧନା ଅଧିକରୁ ଅଧିକ ଲେଖକମାନେ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ । ପ୍ରାରମ୍ଭରେ ଶିଶୁ ସାହିତ୍ୟିକ ମହେନ୍ଦ୍ର କୁମାର ଘଡେଇ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଅର୍ଚ୍ଚିତା ପ୍ରିୟଦର୍ଶିନୀ ଦାସ ପ୍ରାରମ୍ଭିକ ନୃତ୍ୟ ପରିବେଷଣ କରିଥିଲେ । ସମାଜ ସେବା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଡାକ୍ତର ନେତ୍ରାନନ୍ଦ ଭୋଇଙ୍କୁ ଜନମଙ୍ଗଳ ସମ୍ମାନ , ଅଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ଜନମଙ୍ଗଳ ସାରସ୍ୱତ ସମ୍ମାନ,ଦେବସ୍ମିତା ମିଶ୍ରଙ୍କୁ ଜନମଙ୍ଗଳ ଶିକ୍ଷାଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା । ରାଜେଶ କୁମାର ସାହୁ ମାନପତ୍ର ପାଠ କରିଥିଲେ । ଏହି ଅବସରରେ ଅତିଥିମାନେ ବିବେକାନନ୍ଦ ଦାସଙ୍କ ରଚିତ 'ମାନବିକାତାର ବିଚାର' ପୁସ୍ତକକୁ ଲୋକାର୍ପଣ କରିଥିଲେ । ପ୍ରଥମ ଅଧିବେଶନ କବିତା ପାଠୋତ୍ସବ ଓ କବିତାରେ ଭାଷା ଆଲୋଚନା ଚକ୍ର ବିଶିଷ୍ଟ ଶିକ୍ଷାବିତ୍ ତଥା ସୁ ସାହିତ୍ୟିକ ଫକୀର ଚରଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ବରେଣ୍ୟ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟନିର୍ବାହିକା ସମିତିସଭ୍ୟା ଡଃ ବୈଜୟନ୍ତୀମାଳା ଶତପଥୀ, ବିଶିଷ୍ଟ ସ୍ତମ୍ଭକାର ମୀରା ବେଉରା, ବିଶିଷ୍ଟ ପରିବେଶବିତ୍ ତଥା ସୁ-ସଂଗଠକ ଅକ୍ଷୟ କୁମାର ଷଡ଼ଙ୍ଗୀ ଯୋଗଦେଇ ସାହିତ୍ୟ ସଂପର୍କରେ ଆଲୋକପାତ କରିଥିଲେ । କବିତାପାଠୋତ୍ସବକୁ କବୀ ମଧୁସ୍ମିତା ମିଶ୍ର, ପଲ୍ଲିପ୍ରଭା ସାହିତ୍ୟ ସଂସ୍କୃତି ସଂସଦର ସଂପାଦିକା ଗୀତାଞ୍ଜଳୀ ପୃଷ୍ଟି ସଂଯୋଜନା କରିଥିଲେ । କବି ସର୍ବଶ୍ରୀ ସୁଶାନ୍ତ କୁମାର ନାୟକ, ବିଜୟ କୁଅଁର, ସେକ୍ ଜହର ଉଦ୍ଦିନ୍, ଛବିରାମ ସେଠୀ, ଗୀତା ଦାସ, ବାସନ୍ତୀ ଷଡ଼ଙ୍ଗୀ, ଦିପ୍ତୀରଂଜନ ପଣ୍ଡା, ମମତା ମହାନ୍ତି, ଲୋକନାଥ ସେଠୀ, ସ୍ନିଗ୍ନା ନାୟକଙ୍କ ସମେତ ବହୁ କବି ଓ କବୟତ୍ରୀ ନିଜର ସ୍ୱରଚିତ କବିତା ପାଠ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଦିପକ କୁମାର ଦାସ, ପ୍ରକୃତିବନ୍ଧୁ ନିରଂଜନ ସାହୁ, କାନ୍ତିଲତା ନାୟକ, ଅଚ୍ୟୁତାନନ୍ଦ ନାୟକ, ଅନସୂୟା ଦାସ, ତାରକ କୁମାର ଦାସ, ଅବନୀ ଚନ୍ଦ୍ର ଦାସ, ଅମୂଲ୍ୟ କୁମାର ସ୍ୱାଇଁ, ଉମାକାନ୍ତ ପ୍ରହରାଜ, କିଶୋର ସେଠୀ, ଦିପକ କୁମାର ସାହୁ, ସାଜିତ୍ ଖାଁ ପ୍ରମୁଖ ସହଯୋଗ କରିଥିଲେ । ଏହି ଉତ୍ସବରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବହୁ ସୁନାମଧନ୍ୟ କବି,ଲେଖକ ଓ ସାହିତ୍ୟିକ ମାନେ ଯୋଗଦେଇଥିଲେ । ଶେଷରେ ଶିଶୁ ସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବରିଷ୍ଠ ନାଗରିକ ମଞ୍ଚ ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡ଼ା,୨୮।୧୨:କେନ୍ଦ୍ରାପଡା ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକର୍ତ୍ତା ମଣ୍ଡଳୀଙ୍କ ମାସିକ ସାଂଗଠନିକ ଓ ଆଗାମୀ ବାର୍ଷିକ ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସଂଗଠନର ସଭାପତି ବରିଷ୍ଠ ଆଇନଜୀବୀ ଅକ୍ଷୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସାଧାରଣ ସମ୍ପାଦକ ନରୋତ୍ତମ ଜେନା ଉପସ୍ଥିତ ସଦସ୍ୟମାନଙ୍କୁ ସ୍ୱାଗତ ଜଣାଇବା ସହ ସାଂଗଠନିକ ଅଭିବୃଦ୍ଧି ଓ ଆଗାମୀ ବାର୍ଷିକ ଉତ୍ସବ ପାଳନ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଏହାର ସଫଳତା କାମନା କରିଥିଲେ । ସଭାପତି ଶ୍ରୀ ମହାନ୍ତି, କାର୍ଯ୍ୟକାରୀ ସଭାପତି ଫକୀର ଚରଣ ଖଟୁଆ, ବରିଷ୍ଠ ଉପଦେଷ୍ଟା ଡ. ଶରତ ଚନ୍ଦ୍ର ସ୍ୱାଇଁ, ନିତ୍ୟାନନ୍ଦ ସୁଆର ପ୍ରମୁଖ ସାମ୍ପ୍ରତିକ ପରିସ୍ଥିତିରେ ପ୍ରାୟ ପ୍ରତି ଦିନ ଘଟି ଚାଲିଥିବା ବିଭିନ୍ନ ଅସାମାଜିକ କଳଙ୍କିତ କାର୍ଯ୍ୟକଳାପ ଯଥା ନାରୀ ନିର୍ଯ୍ୟାତନା, ନାରୀ ହତ୍ୟା, ଧର୍ଷଣ, ଆତ୍ମହତ୍ୟା ସହ ବିଭିନ୍ନ ସ୍ତରରେ ଦୁର୍ନୀତି, ଭ୍ରଷ୍ଟାଚାର ଆଦି ଓଡିଆ ଅସ୍ମିତା ଓ ସ୍ୱାଭିମାନ ପ୍ରତି ଘୋର କଳଙ୍କିତ ଅଧ୍ୟାୟ ସୃଷ୍ଟି କରୁଛି । ଏ ସମସ୍ତ ଅପସଂସ୍କୃତି ଓ ନିନ୍ଦନୀୟ ଘଟଣା ପ୍ରତି ଯଥେଷ୍ଟ ସଚେତନତା ସହ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ପ୍ରହ୍ଲାଦ ମଲ୍ଲ, ଯୁଗ୍ମସମ୍ପାଦକ ଅକ୍ଷୟ କୁମାର ନାୟକ, ଅର୍ଥ ସମ୍ପାଦକ ରବିନ୍ଦ୍ର ନାଥ ବାରିକ, ବରିଷ୍ଠ ସଭ୍ୟ ଅଦ୍ୱୈତ କୁମାର ଦାସ, ଡ. ଉପେନ୍ଦ୍ର କୁମାର ପ୍ରଧାନ, କିଶୋର ଚନ୍ଦ୍ର ପରିଡା, ବୈଷ୍ଣବ ଚରଣ ପ୍ରଧାନ, ଶୈଳେନ୍ଦ୍ର କୁମାର ମହାନ୍ତି, ଜଗମୋହନ ହୋତା, ନିରଞ୍ଜନ ପରିଡା, ପ୍ରସନ୍ନ କୁମାର ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆସନ୍ତା ଫେବୃଆରୀରେ ବାର୍ଷିକ ଉତ୍ସବ ପାଳନ ନିମନ୍ତେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହାପୂର୍ବରୁ ସଂଗଠନର ସମସ୍ତ କର୍ମକର୍ତ୍ତା, ଉପଦେଷ୍ଟାମଣ୍ଡଳୀ ଓ ସଦସ୍ୟମାନେ ସେମାନଙ୍କ ବାର୍ଷିକ ଦେୟ କାର୍ଯ୍ୟାଳୟରେ ପୈଠ କରିବାକୁ ପରାମର୍ଶ ଦିଆଯାଇଥିଲା । ଆସନ୍ତା ଜାନୁଆରୀମାସ ୨୬ତାରିଖରେ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳନରେ ଯୋଗଦେବା ପାଇଁ ଅନୁରୋଧ କରାଗଲା । ବରିଷ୍ଠ ସଭ୍ୟ ବସନ୍ତ କୁମାର ଓଝା ଧନ୍ୟବାଦ ଅର୍ପଣ କରିଥିଲେ ।

ମଙ୍ଗଳବାର ୩୦ ଡିସେମ୍ବର, ୨୦୨୫ ଭୁବନେଶ୍ୱର
TUESDAY 30 DECEMBER, 2025, BHUBANESWAR

'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ସ୍ୱପ୍ନ ସାକାର କେତେଦୂର

ଗରିବଙ୍କ ପାଇଁ କେନ୍ଦ୍ର ସରକାର ମାଗଣା ଘର ଯୋଗାଇବାକୁ ଅନେକ ବର୍ଷ ତଳେ ଯୋଜନା ପ୍ରସ୍ତୁତ କରିଥିଲେ । ପ୍ରଥମେ ଏହାର ନାମ ଥିଲା ଇନ୍ଦିରା ଆବାସ ଯୋଜନା । ଏବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନାମରେ ଗରିବଙ୍କୁ ମାଗଣା ଘର ଦିଆଯାଉଛି । ଏତେ ବର୍ଷ ହେଲାଣି ଏହି ଯୋଜନା କାର୍ଯ୍ୟକାରୀ ହେଉଛି, ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ ହେଲାଣି, ତଥାପି ଅନେକ ଗରିବ ଲୋକ ଏବେ ସୁଦ୍ଧା ନିଜସ୍ୱ ଘରରୁ ବଂଚିତ ହୋଇଛନ୍ତି । ନିପଟ ମଫସଲ, ଆଦିବାସୀ ବହୁ ଗ୍ରାମକୁ ଗଲେ ଆବାସ ଯୋଜନାର ବିଫଳତା ସ୍ପଷ୍ଟ ବାରି ହୋଇପଡ଼ିବ । କେବଳ କେନ୍ଦ୍ର ସରକାର ନୁହଁନ୍ତି, ରାଜ୍ୟ ସରକାର ମଧ୍ୟ ନିଜସ୍ୱ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ପ୍ରତିବର୍ଷ ବଜେଟରେ ଏଥିରେ ଏଥିରେ ବହୁ କୋଟି ଟଙ୍କା ବ୍ୟୟ ବରାଦ ହେଉଛି । କିନ୍ତୁ ଏହା ବି ସମସ୍ତଙ୍କ ପାଇଁ ଘର ସ୍ୱପ୍ନକୁ ସାକାର କରିପାରିନାହିଁ । ଶାସକ ଓ ବିରୋଧୀ ଉଭୟେ ପରସ୍ପର ବିରୋଧରେ ଆରୋପ ପ୍ରତ୍ୟାରୋପ କରି ଆସୁଛନ୍ତି । କଂଗ୍ରେସ ମଧ୍ୟ ଏଥିରେ ସାମିଲ ହେଉଛି । ଅତୀତରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଓଡ଼ିଶାରେ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଏବଂ କେନ୍ଦ୍ରରୁ ଏହି ଯୋଜନା ବାବଦରେ ଆସିଥିବା କୋଟି କୋଟି ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ କରିଥିଲେ । କେନ୍ଦ୍ରମନ୍ତ୍ରୀ କ'ଣ କହିଲେ ତାହା ଭିନ୍ନ କଥା । କିନ୍ତୁ ଏକଥାକୁ ସ୍ୱୀକାର କରିବାକୁ ପଡ଼ିବ ଯେ, ରାଜ୍ୟରେ ଅନେକ ସ୍ୱଚ୍ଛଳ ପରିବାର ଆବାସ ଯୋଜନାର ହିତାଧିକାରୀ ହୋଇଥିବା ବେଳେ ବହୁ ଗରିବ ଏଥିରୁ ବଂଚିତ ହୋଇଛନ୍ତି । ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ପାଇଁ ଏହି ଯୋଜନା ଫଳବତୀ ହୋଇପାରୁନି । ଲାଞ୍ଚ ନଦେଲେ ଆବାସ ମିଳୁନି ବୋଲି ଅଭିଯୋଗ ହେଉଛି । ଏହା ଅନେକାଂଶରେ ସତ୍ୟ ବୋଲି ସ୍ୱୀକାର କରିବାକୁ ପଡ଼ିବ ।ଯୋଜନାରେ ନିଶ୍ଚିତଭାବେ କେଉଁଠି ନା କେଉଁଠି କିଛି ତ୍ରୁଟି ରହିଯାଇଛି । କିଛି ଗରିବ ଲୋକ ଏହି ଯୋଜନାରୁ ବାଦ ପଡ଼ିଥିବା ବେଳେ ସ୍ଥଳ ବିଶେଷକରେ ସ୍ୱଚ୍ଛଳ ବର୍ଗର ଲୋକେ ଏହି ସୁବିଧା ମାରି ନେଉଛନ୍ତି । କିନ୍ତୁ ଏଥିପାଇଁ ଯୋଜନାକୁ ସମାଲୋଚନା କରାଯିବା ଅଥବା ଏହାକୁ ବନ୍ଦ କରିବାର ଯଥାର୍ଥତା ନାହିଁ । ଗରିବ ଲୋକଙ୍କୁ ସରକାର ମାଗଣାରେ କୋଠାଘର ଯୋଗାଇ ଦେବାକୁ ମଧ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ପୂର୍ବରୁ କଂଗ୍ରେସ ଶାସନ କାଳରେ ଇନ୍ଦିରା ଆବାସ ଯୋଜନା କରାଯାଇଥିଲା । ଏବେ ମୋଦି ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ରାଜ୍ୟ ସରକାର ମଧ୍ୟ ନିଜସ୍ୱ ପାଣ୍ଠିରେ ଆବାସ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଦୀର୍ଘ ବର୍ଷ ହେବ ଏହିସବୁ ଯୋଜନା କାର୍ଯ୍ୟକାରୀ ହୋଇ ଆସୁଥିଲେ ମଧ୍ୟ ଏବେ ବି ରାଜ୍ୟର ଲକ୍ଷ ଲକ୍ଷ ଗରିବ ଲୋକଙ୍କର ନିଜସ୍ୱ ଘର ଖଣ୍ଡିଏ ନାହିଁ । ଝାଟିମାଟି ଘର ବା ଚାଳଛପର ଘରେ ଲୋକେ ଅସୁରକ୍ଷିତ ଭାବେ ବସବାସ କରୁଛନ୍ତି । ୧୯୯୯ ମହାବାତ୍ୟାରେ ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ଘର ଭାଙ୍ଗିଗଲା । ସାମୁଦ୍ରିକ ଜୁଆରେ ଅନେକ ଭାସିଗଲେ । ସେତେବେଳେ କେନ୍ଦ୍ର ସରକାର ଉପକୂଳ ଓଡ଼ିଶାରେ ଲୋକଙ୍କୁ କୋଠାଘର ଯୋଗାଇ ଦେବାକୁ କୋଟି କୋଟି ଟଙ୍କା ସହାୟତା ପ୍ରଦାନ କଲେ । ଅନେକ ସ୍ଥାନରେ ବହୁମୁଖୀ ଆଶ୍ରୟ ସ୍ଥଳ ନିର୍ମାଣ କରାଗଲା । ପ୍ରାକୃତିକ ବିପର୍ଯ୍ୟୟ ବେଳେ ଏହା ବେଲ ସହାୟକ ହେଉଛି । କିନ୍ତୁ ଏବେ ବି ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ପକ୍କା ଘର ନାହିଁ । ଦୁର୍ନୀତି ଏବଂ ରାଜନୈତିକ ଅଭିସନ୍ଧି ରଖି ଅନେକ ସରକାରଙ୍କ ଯୋଜନାକୁ ବାଟବଣା କରୁଛନ୍ତି । ସ୍ଥାନୀୟ ନେତା, ସରକାରୀ କର୍ମଚାରୀମାନେ ଯୋଜନାକୁ ଅପହରଣ କରୁଛନ୍ତି । ଲାଞ୍ଚ ନଦେଲେ ଅନେକ ସ୍ଥାନରେ ଆବାସ ମିଳୁନି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ । ଏଭଳି ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ । ଏବେ କେନ୍ଦ୍ର ସରକାର ରାଜ୍ୟକୁ ଆବାସ ଯୋଜନାରେ ୯.୫୯ ଲକ୍ଷ ଗୃହ ମଞ୍ଜୁର କରିଛନ୍ତି । ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ । କିନ୍ତୁ ଏହା କେତେଦୂର ସ୍ୱଚ୍ଛତାର ସହ କାର୍ଯ୍ୟକାରୀ ହେବ ତାହା ଦେଖିବାର କଥା । ଖାଲି ଯୋଜନା କରିଦେଲେ ହେବନି ବା ଏଥିପାଇଁ ଟଙ୍କା ମଞ୍ଜୁର କଲେ ହେବନି । ଏହାର କାର୍ଯ୍ୟକାରୀତା ପ୍ରତି ସମୁଚିତ ଦୃଷ୍ଟି ଦେବାକୁ ପଡ଼ିବ । ଏକଥା ସତ ଯେ, ଦେଶରେ ଲୋକସଂଖ୍ୟା ବଢ଼ୁଛି ଏବଂ ପ୍ରତିବର୍ଷ ନୂଆ ପରିବାର ସୃଷ୍ଟି ହେଉଛି । ତେଣୁ ଗୋଟିଏ ପରିବାରକୁ ଆଜି ଗୋଟିଏ ଘର ଯୋଗାଇ ଦେଲେ ସେହି ପରିବାର ସବୁଦିନ ଉପକୃତ ହେବନି । କାଲି ପିଲାମାନେ ବଡ଼ ହୋଇ ନିଜର ସ୍ୱତନ୍ତ୍ର ପରିବାର କଲେ ସେମାନଙ୍କ ପାଇଁ ମଧ୍ୟ ନୂଆ ଘର ଆବଶ୍ୟକ । ତଥାପି ସରକାର ଚାହିଁଲେ ଦୁଇ ତିନି ବର୍ଷ ଭିତରେ ସମସ୍ତଙ୍କୁ ପକ୍କା ଘର ଯୋଗାଇବାକୁ ସକ୍ଷମ ହୋଇପାରିବେ ।

# ଏଲୋକ୍ଟ୍ରୋ-ଏନ୍ସେଫେଲୋଗ୍ରାମ (ଇଇଜି)

### ଡାକ୍ତର ପ୍ରଫୁଲ୍ଲ କୁମାର ଦାସ

ମହାଭାରତର ଅଭିମନ୍ୟୁ କଥା ପ୍ରାୟ ସମସ୍ତେ ଜାଣନ୍ତି । ଚକ୍ରବ୍ୟୁହରେ ପ୍ରବେଶ କରି ଅଭିମନ୍ୟୁ କିପରି ବୀର ଦର୍ପରେ ଯୁଦ୍ଧ କରିଥିଲେ । କିନ୍ତୁ ବାହାରକୁ ବାହାରିବାର କୌଶଳ ତାଙ୍କୁ ଜଣା ନଥିଲା । ଚକ୍ରବ୍ୟୁହରେ ପ୍ରବେଶ କରିବା କୌଶଳ ତାଙ୍କୁ କିଏ ଶିଖାଇଥିଲା ? ସେ ମାତା ସୁଭଦ୍ରାଙ୍କ ଗର୍ଭରେ ଥିବା ସମୟରେ ଶ୍ରୀକୃଷ୍ଣ ସୁଭଦ୍ରାଙ୍କ ଉଦ୍ଦେଶ୍ୟ କରି ଚକ୍ରବ୍ୟୁହରେ ପ୍ରବେଶ କରିବାର ବିବରଣୀ ଶୁଣାଇଥିଲେ । ଶୁଣୁ ଶୁଣୁ ସୁଭଦ୍ରା ଶୋଇପଡ଼ିଥିଲେ । ତଥାପି ଶ୍ରୀକୃଷ୍ଣଙ୍କ କଥାକୁ ଶୁଣି ହୁଁ ଶବ୍ଦ ଆସୁଥିଲା । ଏହି ସମୟରେ ଶ୍ରୀକୃଷ୍ଣ ଲକ୍ଷ୍ୟ କରିଥିଲେ ଯେ ସୁଭଦ୍ରା ଶୋଇପଡ଼ିଛନ୍ତି, ତଥାପି ଗର୍ଭସ୍ଥ ସନ୍ତାନ ଏହି ବିବରଣୀ ଶୁଣୁଛି । ଏଣୁ କୃଷ୍ଣ କଥାକୁ ସେହିଠାରେ ବନ୍ଦ କରି ଦେଇଥିଲେ । ସେହି ଗର୍ଭସ୍ଥ ଭ୍ରୁଣଟି ଚକ୍ରବ୍ୟୁହରେ ପ୍ରବେଶ ଜ୍ଞାନ ଜାଣିଥିଲେ ମଧ୍ୟ ବାହାରିବା ବାଟ ଜାଣିପାରି ନଥିଲା ବୋଲି ମହାଭାରତରେ ଲିଖିତ । ପାଠକମାନେ ଏହି କଥାକୁ ଅସଙ୍ଗତ ମନେ କରନ୍ତି ନାହିଁ । କିନ୍ତୁ ଆଧୁନିକ ସମାଜ ଏହାକୁ ଗ୍ରହଣ ନକରିପାରେ । ସେମାନେ କହନ୍ତି, ଗର୍ଭସ୍ଥ ଭ୍ରୁଣ କିପରି, କେମିତି କଥା ଶୁଣିପାରେ ଓ ମନେ ରଖିପାରେ । ଭ୍ରୁଣବସ୍ଥାରେ ହିଁ ଶିଶୁର ମାନସିକ ବିକାଶ ହୋଇଥାଏ । ଏହି ଅବସରରେ ସିନାପ୍ସେ ନାମ ନାଡ଼ୀକୋଷର ବୃଦ୍ଧି ହୋଇଥାଏ । ନୂତନ ନାଡିକୋଷର ମଧ୍ୟ ବିକାଶ ହୋଇଥାଏ । ଭ୍ରୁଣବସ୍ଥାରେ ଶିଶୁ ଶରୀରର ବିକାଶ ସହ ମସ୍ତିଷ୍କର ମଧ୍ୟ ବିକାଶ ଘଟିଥାଏ । ଦର୍ଶନ, ସ୍ପର୍ଶ, ଘ୍ରାଣ, ଶ୍ରବଣ, ଅସ୍ୱାଦନ ଇତ୍ୟାଦି ପାଞ୍ଚଟି ଇନ୍ଦ୍ରିୟ ସମ୍ବନ୍ଧ ଯେଉଁ କ୍ରିୟା ଥାଏ ସେଥିମଧ୍ୟରୁ ଶ୍ରବଣ ଗୋଟିଏ କ୍ରିୟା । ଉଦର ଉର୍ଦ୍ଧ୍ୱଭାଗରେ ଯେଉଁ ସ୍ପର୍ଶ କମ୍ପନ ଆଦି ଅନୁଭବ ଶକ୍ତି ଦ୍ୱାରା ହିଁ ଜାଣିଥାଏ । ଏହି ଶବ୍ଦ ରୂପ ଧ୍ୱନି ଗର୍ଭସ୍ଥ ଭ୍ରୁଣ କ'ଣ ଗ୍ରହଣ କରିପାରେ । ଏହାକୁ ଅନୁସରଣ କରି ଫିନ୍‌ଲ୍ୟାଣ୍ଡଦେଶୀୟ ବୈଜ୍ଞାନିକମାନେ ଏହାକୁ ପ୍ରୟୋଗ କରିଥିଲେ । ଥରେ ବୈଜ୍ଞାନିକମାନେ କେତେକ ଗର୍ଭବତୀ ନାରୀଙ୍କୁ ସେମାନଙ୍କ ଦ୍ୱାରା ଚୟନ 'ଟଟଟ' ଏହି ପଦକୁ ସପ୍ତାହରେ ୫ରୁ ଅଧିକ ଥର ୪ ମିନିଟ ଯାଏ ଶୁଣାଇଥିଲେ । ଏହି ଧ୍ୱନି ଗର୍ଭକୋଷ ଭିତରକୁ ଅତିକ୍ରମ କରି ଶିଶୁ ଯେପରି ଶୁଣେ, କିନ୍ତୁ ଶୁଣୁର ଯେପରି କିଛି ନହୁଏ । ସେହିପରି ଧ୍ୱନିର ତୀବ୍ରତାର ବ୍ୟବସ୍ଥା କରିଥିଲେ । ଶିଶୁ ଜନ୍ମ ପରେ ଅର୍ଥାତ୍ ୫ମ ବା ୬ଷ୍ଠ ଦିନରେ ଗବେଷକମାନେ ସହି ଧ୍ୱନିକୁ ପୁଣି ଶୁଣାଇଲେ ।

ଏଲୋକ୍ଟ୍ରୋ-ଏନ୍ସେଫେଲୋଗ୍ରାମ (ଇଇଜି) : ଇଇଜି ନାମକ ଉପକରଣରେ ଶିଶୁର ମସ୍ତିଷ୍କ ବିଷୟରେ ଜାଣି ପାଇଁ ପରୀକ୍ଷା କରିଥିଲେ । ଯେଉଁ ଶିଶୁଟି ଭ୍ରୁଣବସ୍ଥାରେ 'ଟଟଟ' ଶବ୍ଦ ଶୁଣିଥିଲା ଅଭିଜ୍ଞାନ ରୂପକ ପ୍ରଦର୍ଶନ କଲା । ଯେତେବେଳେ 'ଟଠଟ' ଶବ୍ଦ ମଧ୍ୟରେ 'ଠ'କାର ଶୁଣାଗଲା । ସେତେବେଳେ ଶିଶୁର ମସ୍ତିଷ୍କରେ ଆଶ୍ଚର୍ଯ୍ୟ ସହ ସ୍ପନ୍ଦନ ଦୃଷ୍ଟିଗୋଚର ହେଲା । ଯେଉଁ ଶିଶୁମାନଙ୍କୁ ଭ୍ରୁଣବସ୍ଥାରେ 'ଟଟଟ' ଶବ୍ଦ ଶୁଣାଯାଇ ନଥିଲା, ସେମାନେ ଶବ୍ଦ ଶୁଣି ମଧ୍ୟ ଶିଶୁଙ୍କ ସ୍ପନ୍ଦନରେ କୌଣସି ପରିବର୍ତ୍ତନ ଘଟିନଥିଲା । ଜନ୍ମ ପୂର୍ବ ଗର୍ଭସ୍ଥ ଭ୍ରୁଣବସ୍ଥାରେ ଥିବାରୁ ଶିଶୁ ନିଜେ ଶୁଣିଥିବା ଶବ୍ଦକୁ ସ୍ମରଣରେ ରଖିପାରିଛନ୍ତି ଏହା ଏକ ଶକ୍ତି । ଏହିପରି ୨୮ ସପ୍ତାହ ପ୍ରୟୋଗ ପରେ ଏହା ପ୍ରମାଣିତ ହେଲା । ବିଜ୍ଞାନର ଏହି ଅଂଶ ଆଜି ସଂପ୍ରସାରଣ ପାଇଁ ନିରୂପିତ । କିନ୍ତୁ ମହାଭାରତର ଏହି ଅଂଶ ବହୁ ତଥା ଶହ ଶହ ବର୍ଷ ପୂର୍ବେ ନିରୂପିତ ହୋଇଥିଲା । ଆଜି ମଧ୍ୟ ଗ୍ରାମାଞ୍ଚଳରେ ଗର୍ଭବତୀ ମହିଳାମାନଙ୍କ ଉଦ୍ଦେଶ୍ୟରେ କୁହାଯାଏ ଉତ୍ତମ ବଚନ କହିବା, ଉତ୍ତମ ବଚନ ଶୁଣିବା, ରାମାୟଣ ପରି ଜ୍ଞାନବର୍ଦ୍ଧକ ବହି ପଢ଼ିବା, ଶ୍ରୁତିମଧୁର ଗୀତ ଶୁଣିବା ଇତ୍ୟାଦି । କାରଣ ଗର୍ଭବତୀଙ୍କ ବ୍ୟବହାର ଗର୍ଭସ୍ଥ ସନ୍ତାନ ଉପରେ ପଡ଼େ ବୋଲି ସାଧାରଣ ମହିଳାମାନଙ୍କ ଧାରଣା ରହିଛି । କେବଳ ପୁରାଣ କହୁନାହିଁ ବରଂ ବିଜ୍ଞାନ ମଧ୍ୟ ପ୍ରମାଣିତ କରୁଛି ।

ବର୍ତ୍ତମାନ ସମୟରେ ଇଇଜି ପରୀକ୍ଷାକୁ ନେଇ ସେପରି ଭୟଭୀତ ହେବାର କିଛି କାରଣ ନାହିଁ । ଏହା ଆପଣଙ୍କର ଆଗତ ଭବିଷ୍ୟତ କୁହାଯାଉଥିବା ପିଲାଟି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେବେ ଆଉ ଏକ ବିଶେଷ କଥା ହେଉଛି ପିଲାଟି ବେଳୁ ନବଜାତକର କୌଣସି ପ୍ରକାର ଅସ୍ୱାଭାବିକ ସ୍ଥିତି ଥିଲେ ଆପଣ ପ୍ରାରମ୍ଭିକ ସମୟରେ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇପାରନ୍ତି । ପିଲାମାନଙ୍କ ପରୀକ୍ଷା ନିରୀକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ଖାଦ୍ୟପେୟ କଥା ନେଇ ଆଜିକାଲି ସୋସିଆଲ ମିଡ଼ିଆରେ ଅନେକ ତଥ୍ୟ ସବୁ ବାହାରୁଛି । ଏ ସବୁ ଡାକ୍ତରୀ ସିଦ୍ଧାନ୍ତରେ ନିର୍ଣ୍ଣୟ ହୋଇଛି କି ନାହିଁ ଭଲଭାବେ ବୁଝିବା କଥା । କୌଣସି କାନକୁହା କଥା କାହାଙ୍କ ଠାରୁ ଶୁଣି ପିଲାମାନଙ୍କର ସ୍ୱାସ୍ଥ୍ୟଗତ କ୍ଷେତ୍ରରେ ସାଲିସ କରନ୍ତୁ ନାହିଁ । ପିଲାମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରାରମ୍ଭିକ ସମୟରୁ ନିୟମିତ ଟୀକା ଦିଅନ୍ତୁ ଏବଂ ସବୁଠାରୁ ଭଲହେବ ସରକାରୀ ଡାକ୍ତରଖାନାରେ ବିନା ମୂଲ୍ୟରେ ଏହି ସୁବିଧା ଗ୍ରହଣ କରିବା । ପିଲାମାନଙ୍କ ଶାରୀରିକ ଅସଂଗତି ବା ଶୁଣିବା କ୍ଷେତ୍ରରେ କୌଣସି ସମସ୍ୟା ଥିଲେ ମାନସିକ ଭାବେ ହତୋତ୍ସାହିତ ହୁଅନ୍ତୁ ନାହିଁ । ବରଂ ପ୍ରଥମରୁ ଡାକ୍ତରୀ ସହାୟତା ଦ୍ୱାରା ଏହାର ନିରାକରଣ ସମ୍ଭବ ।

କନସ୍‌ଲଣ୍ଟାଟ ରେଡ଼ିଓଲୋଜିଷ୍ଟ, ଏମ୍‌ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୨୩୪୪୩, E-mail : drprafulldas007@gmail.com

# ଶାମ୍ବ ଦଶମୀ

### ଡକ୍ଟର ତପନ କୁମାର ପାଳ

ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ଋଷି ଦୁର୍ବାସାଙ୍କ ଦ୍ୱାରା ଅଭିଶପ୍ତ ହୋଇ କୁଷ୍ଠ ବ୍ୟାଧିଗ୍ରସ୍ତ ହେଲେ । ଏହି ରୋଗରୁ ମୁକ୍ତି ପାଇବା ପାଇଁ ସେ ପୁରୋହିତ ଗୌରମୁଖ ଓ ଦେବର୍ଷି ନାରଦଙ୍କ ପରାମର୍ଶ କ୍ରମେ କଳିଙ୍ଗର ସମୁଦ୍ର କୂଳରେ ଭଗବାନ ବିଷ୍ଣୁଙ୍କ ଆରାଧନା କଲେ । ସେହି ଦିନ ଥିଲା ପୌଷ ମାସ ଶୁକ୍ଲପକ୍ଷ ଦଶମୀ ତିଥି । ଶାମ୍ବ ଚନ୍ଦ୍ରଭାଗା ନଦୀ କୂଳରେ ତପସ୍ୟା କରି ସୂର୍ଯ୍ୟ ନାରାୟଣଙ୍କର ଏକ ମଣି ବିଗ୍ରହ ପାଇଲେ । ସୂର୍ଯ୍ୟଙ୍କ ସେହି ବିଗ୍ରହ ପୂଜା କରି ଶାମ୍ବ ଦୁରାରୋଗ୍ୟରୁ ମୁକ୍ତ ହେଲେ । ସେହି ଦିନଟି ଥିଲା ମାଘ ମାସ ଶୁକ୍ଲପକ୍ଷ ସପ୍ତମୀ ତିଥି । ଶାମ୍ବ ନିଜର ମୁକ୍ତି ଯୋଗୁଁ ସମଗ୍ର କଳିଙ୍ଗରେ ସୂର୍ଯ୍ୟ ପୂଜା ବିଧିର ପ୍ରଚାର କରାଇଲେ । ପ୍ରଥମେ ସେ ଚନ୍ଦ୍ରଭାଗା ନଦୀ କୂଳରେ ଏକ ମନ୍ଦିର ତିଆରି କରାଇ ପୌଷ ଶୁକ୍ଳ ଦଶମୀ (ଶାମ୍ବ ଦଶମୀ) ତିଥିରେ ମର୍ତ୍ତ୍ୟ ଲୋକରେ ସୂର୍ଯ୍ୟ ପୂଜାର ପ୍ରଥା ପ୍ରଚଳିତ କରାଇଥିଲେ ।

ଏହାପରେ ସୂର୍ଯ୍ୟ ଦେବଙ୍କ ଆଦେଶକ୍ରମେ ଶାକ ଦ୍ୱୀପରୁ ମଗ ବ୍ରାହ୍ମଣଙ୍କୁ ଅଣାଇ ଶାମ୍ବ ସୂର୍ଯ୍ୟ ନାରାୟଣଙ୍କୁ ସନ୍ତୁଷ୍ଟ କରାଇଥିଲେ । ସେହି କାଳରୁ ଶାମ୍ବ ଦଶମୀରେ ସୂର୍ଯ୍ୟଙ୍କର ବ୍ରତ ପାଳନ ଏବଂ ପୂଜାର ପ୍ରଚଳନ ରହିଛି । ଗ୍ରହ ଜାଗ ସଂସ୍କାରରେ ଗ୍ରନ୍ଥରେ ଉଲ୍ଲେଖଂ ଅଛି 'ଜାତଂ ସୂର୍ଯ୍ୟ କଳିଙ୍ଗେଷୁ' । ଅର୍ଥାତ୍ ସୂର୍ଯ୍ୟଙ୍କର ଜନ୍ମସ୍ଥାନ କଳିଙ୍ଗ ଦେଶ । କୋଣାର୍କ ସମେତ ଖିଚିଙ୍ଗର ସୂର୍ଯ୍ୟ ମନ୍ଦିର, ଗଞ୍ଜାମର ବୁଗୁଡ଼ା, ଭଦ୍ରକର ପାଳିଆ ଏବଂ ଖୋର୍ଦ୍ଧାର ବିରଞ୍ଚି ନାରାୟଣ ମନ୍ଦିର ଓଡ଼ିଶାର ପ୍ରାଚୀନ ସୂର୍ଯ୍ୟ ମନ୍ଦିର ଗୁଡ଼ିକ ମଧ୍ୟରୁ ଅନ୍ୟତମ । ଶାମ୍ବ ଦଶମୀରେ ଓଡ଼ିଶାର ଘରେ ଘରେ ସୂର୍ଯ୍ୟ ପୂଜା ହୋଇଥାଏ । ବିଶେଷ କରି ଉପକୂଳ ଓଡ଼ିଶାରେ ଏହି ପର୍ବର ଲୋକପ୍ରିୟତା ଅଧିକ । ପ୍ରତ୍ୟୁଷରୁ ଘରର ମହିଳାମାନେ ଉଠି ସୂର୍ଯ୍ୟ ପୂଜା କରିଥାନ୍ତି । ଏହି ଅବସରରେ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥାଏ । ଘରର ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ଗୋଟିଏ ଲେଖାଏଁ ବ୍ୟଞ୍ଜନ ବଢ଼ାଯାଇ ପ୍ରଥମେ ସୂର୍ଯ୍ୟଙ୍କ ପାଖରେ ଭୋଗ ଲଗାଯାଇଥାଏ ।

ଏସବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,
ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩

# ଶ୍ରୀ ରମଣ ମହର୍ଷି

### ହେମନ୍ତ କୁମାର ପରିଡ଼ା

ରମଣ ମହର୍ଷି ୧୮୨୯, ଡିସେମ୍ବର ୩୦ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଅନ୍ୟନାମ ଥିଲା 'ଭେଙ୍କଟରମଣ' । ସେ ଏକ ମଧ୍ୟବିତ୍ତ ବ୍ରାହ୍ମଣ ପରିବାରରେ ଜନ୍ମ ହୋଇଥିଲେ । ପରିବାରରେ ଆର୍ଥିକ ସ୍ୱଚ୍ଛଳତା ଭଲ ନଥିବାରୁ ମାତ୍ର ୧୨ ବର୍ଷ ବୟସରୁ ସେ ତାଙ୍କ ଭାଇ ଓ ଭଉଣୀଙ୍କ ସହ ଦାଦାଙ୍କ ପାଖରେ ପରିପାଳିତ ହୋଇଥିଲେ । ପିଲାଦିନରୁ ସେ ଫୁଟବଲ୍, କୁସ୍ତି, ସନ୍ତରଣ ଆଦି ବ୍ୟାୟାମ ବେଶ୍ ଆଗ୍ରହ ରଖିଥିଲେ । ବାଲ୍ୟକାଳରୁ ସେ କୌଣସି ଧର୍ମ ପୁସ୍ତକ ପଢ଼ି ନଥିଲେ । ହେଲେ ସେ ନିଜ ଜୀବନୀ ପୁସ୍ତକରେ ଲେଖିଥିଲେ 'ଅପରିପକ୍ୱ ବୟସରେ ଅରୁଣାଚଳ ମୋର ମନକୁ ଆଶ୍ଚାର୍ଯ୍ୟାଭିଭୂତ କରିଦେଲା' । ସେ ଏହାର କିଛି ଅର୍ଥ ବୁଝିବା ପୂର୍ବରୁ ନିଜ ମନକୁ ନିଶ୍ଚଳ କରି ଦେଇଥିଲେ । ସେହିଦିନରୁ ତାଙ୍କ ମଧ୍ୟରେ ଚେତନାର ସ୍ରୋତ ପ୍ରବାହିତ ହେଲା । ୧୮୯୭, ଅଗଷ୍ଟ ୨୯ରେ ରମଣ ଗୃହ ତ୍ୟାଗ କଲେ । ତାଙ୍କ ପ୍ରଭୁ ଥିଲେ ଅରୁଣାଚଳ । ସେ ନିଜକୁ ପ୍ରଭୁ ଅରୁଣାଚଳଙ୍କୁ ସମର୍ପିତ କରିଥିଲେ ।

ଭାରତୀୟ ଆଧ୍ୟାତ୍ମିକ ସାଧନା କ୍ଷେତ୍ରରେ ରମଣ ମହର୍ଷି ଯେଉଁ ଗୁଢ଼ ତତ୍ତ୍ୱର ମାର୍ଗ ଦେଖାଇଛନ୍ତି ତାହା ଯୁଗ ଯୁଗ ପାଇଁ ଅମର । ଏକ ପ୍ରସଙ୍ଗରେ ଉଲ୍ଲେଖ ଅଛି ସେ ପରମ ପିତାଙ୍କ ସନ୍ଧାନରେ ଯାତ୍ରା କରିବା ପୂର୍ବରୁ ଯେଉଁ ଚିଠି ତାଙ୍କ ପରିବାର ପାଇଁ ଲେଖି ଯାଇଥିଲେ ତାହା ଥିଲା "ମୁଁ ପରମପିତାଙ୍କ ସନ୍ଧାନରେ ତାଙ୍କର ନିର୍ଦ୍ଦେଶରେ ଯାତ୍ରା ଆରମ୍ଭ କରୁଛି । ତେଣୁ ଏହି କାର୍ଯ୍ୟ ନିମିତ୍ତ କେହି ଦୁଃଖ ନକରିବା ପାଇଁ ଓ ମତେ ସନ୍ଧାନ କରିବା ଉଦ୍ଦେଶ୍ୟରେ କିଛି ଅର୍ଥବ୍ୟୟ ନ କରିବା ନିମିତ୍ତ ମୁଁ ଅନୁରୋଧ କରୁଛି । କଲେଜ ଦରମା ଦିଆଯାଇ ନାହିଁ । ଏଥି ସହିତ ଦୁଇ ଟଙ୍କା ରହିଲା ।" ପଲ୍ ବ୍ରଣ୍ଟନ୍ ନାମକ ଜଣେ ପାଶ୍ଚାତ୍ୟ ସାମ୍ବାଦିକ, ସାହିତ୍ୟିକ ଓ ସମାଲୋଚକ ମହର୍ଷିଙ୍କୁ ଥରେ ପ୍ରଶ୍ନ କଲେ, ବର୍ତ୍ତମାନ ଏହି ସଭ୍ୟ ଜଗତ୍ ଦାରୁଣ ସନ୍ଧିକ୍ଷଣର ସମ୍ମୁଖୀନ ହୋଇଛି । ତେବେ ଏହାର ଭବିଷ୍ୟତ କ'ଣ ? ମହର୍ଷି ଉତ୍ତର ଦେଲେ, ଭବିଷ୍ୟତ ବିଷୟରେ ଚିନ୍ତା କରିବାର କି ଆବଶ୍ୟକତା ଅଛି ? ବର୍ତ୍ତମାନ ସମ୍ପର୍କରେ ତୁମର ଜ୍ଞାନ ବା କଅଣ ? ଭବିଷ୍ୟତର ଭାରତ ଭବିଷ୍ୟତ ଉପରେ ଛାଡ଼ିଦିଅ ।

ସେହିଦିନ ଠାରୁ ଜୀବନର ଅନ୍ତିମ ଦିବସ ପର୍ଯ୍ୟନ୍ତ ସେ ମଦୁରାଇରେ ବାସ କଲେ । ମଦୁରାଇକୁ ଯାତ୍ରା କରିବାର ଛଅ ସପ୍ତାହ ପୂର୍ବରୁ ସେ ନିଜ ମାମୁଁଙ୍କ ଘରର ପ୍ରଥମ ମହଲାରେ ବସିଥିଲେ । ହଠାତ୍ ମନ ମଧ୍ୟରେ ମୃତ୍ୟୁର ଭୟ ଉଦ୍ରେକ ହେଲା ତାଙ୍କର । ସେ ମୃତ୍ୟୁ ମୁଖରେ ପଡ଼ିଥିବାବେଳେ ତାଙ୍କ ସହ ତାଙ୍କର କୌଣସି ବନ୍ଧୁ ପରିଜନ କି ଡାକ୍ତର ପରାମର୍ଶ କରୁନଥିଲେ । ଏହି ମୃତ୍ୟୁଭୟ ହିଁ ରମଣ ମହର୍ଷିଙ୍କୁ ଦିବ୍ୟଦୃଷ୍ଟି ପ୍ରଦାନ କଲା । ଏହାପରେ ମହର୍ଷି ରମଣ ନିଜ ଜୀବନକୁ ସମ୍ପୂର୍ଣ୍ଣ ଧ୍ୟାନମଗ୍ନ ରହି ବିତାଇଥିଲେ । ଧ୍ୟାନ ହିଁ ତାଙ୍କ ଠାରେ ଚିରଶାନ୍ତି ଉଦ୍ରେକ କଲା । ସେ ଈଶ୍ୱରାଲୋକରେ ସଦା ଉଦ୍ଭାସିତ ହୋଇଥିଲେ । ସମଗ୍ର ବିଶ୍ୱ ତାଙ୍କ ନିକଟରେ ଏକ ଥିଲା । ସେ ଉପନିଷଦର ଜୀବନ୍ତ ପ୍ରତୀକ ଥିଲେ । ରମଣ ମୌନ ରହୁଥିଲେ ବି ମନୁଷ୍ୟମାନଙ୍କ ହୃଦୟକୁ ତାଙ୍କର ସନ୍ଦେଶ ପ୍ରେରଣ କରୁଥିଲେ । ତାଙ୍କର ବାଣୀ ଥିଲା 'ନିଜକୁ ଚିହ୍ନ' । ମହର୍ଷିଙ୍କ ବାମ ବାହୁରେ ଏକ ଦୁରାରୋଗ୍ୟ ଆବୁ ହୋଇଥିଲା । ଏହି ରୋଗରୁ ମୁକ୍ତି କରିବାକୁ ମହର୍ଷିଙ୍କୁ ଚାରିଥର ଅସ୍ତ୍ରୋପଚାର କରାଯାଇଥିଲା । ହେଲେ ୧୯୫୦, ଏପ୍ରିଲ ୧୪ରେ ଯେତେବେଳେ ଆକାଶରେ ଏକ ଉଲ୍‌କାର ଆବିର୍ଭାବ ହୋଇଥିଲା ସେତେବେଳେ ମହର୍ଷି ରମଣ ଏହି ପାର୍ଥିବ ଜଗତରୁ ବିଦାୟ ନେଇଥିଲେ ।

ମାଳତୀକୁଞ୍ଜ, ପ୍ଲଟନଂ ୫୨୬/ଡି,
ସେକ୍ଟର-୧୦, ସିଡିଏ, କଟକ
E-mail : hemanta123kumarparida@gmail.com

# ସେନ୍ସୋରିନ୍ୟୁରାଲ ହିୟରିଂ ଲସ୍

### ନାରାୟଣ ଚନ୍ଦ୍ର ବିଶ୍ୱାଳ

ପିଲାମାନଙ୍କୁ ଛୋଟବେଳୁ ଏ ଅଭ୍ୟାସରୁ କମ କିପରି କରାଯାଇପାରିବ ସେ ଶିକ୍ଷା ଦିଅନ୍ତୁ । ଏହାସହ ନିୟମିତ ଭାବେ ବାକ୍ ଶ୍ରବଣ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ଏବଂ କୌଣସି ଶ୍ରବଣ ସମ୍ବନ୍ଧୀୟ ସମସ୍ୟା ଦେଖାଦେଲେ ମନଇଚ୍ଛା ପେନକ୍ଲିଅର ବା ଇୟର ଡ୍ରପ ବ୍ୟବହାର କରନ୍ତୁ ନାହିଁ । ଆପଣଙ୍କ ଖାଦ୍ୟ ତାଲିକାରେ ସୁଷମ ଖାଦ୍ୟ, ପନିପରିବାକୁ ଗୁରୁତ୍ୱ ଦିଅନ୍ତୁ । ଗାଡ଼ି ଚାଳନା ବେଳେ ବା ରାତିରେ ଶୋଇବା ବେଳେ ଏପରିକି ପ୍ରାତଃ ଭ୍ରମଣ ହେଉ ବା ଯୋଗପ୍ରାଣାୟମ ସେ ସମୟରେ କାନରେ ହିୟରିଂ କଡ଼ ବ୍ୟବହାର କରିବା ଅଭ୍ୟାସ ପରିତ୍ୟାଗ କରନ୍ତୁ । କେତେକ ଅଛନ୍ତି କାନରେ ମଇଳା ଜମିଛି ଭାବି ମନଇଚ୍ଛା ଅନାବଶ୍ୟକ ଏଣୁତେଣୁ କାଠି ପୁରାଇ କର୍ଣ୍ଣ ଗହ୍ୱରକୁ ପରିଷ୍କାର କରିବାକୁ ଅପଚେଷ୍ଟା କରିଥାନ୍ତି । ଏହା କେବଳ ମାରାତ୍ମକ ନୁହେଁ ବରଂ ଘାତକ ମଧ୍ୟ । ଦେଶୀୟ ବା ତୁଟୁକା ତୁଟୁକି ପ୍ରାଚୀନ ବ୍ୟବସ୍ଥାର କୌଣସି ତେଲ କାନ ସଫା ପାଇଁ ଆଦୌ ପକାନ୍ତୁ ନାହିଁ । ନିଜ ଶରୀରକୁ କେବଳ ନୁହେଁ କାନ ଯେ ଆପଣଙ୍କର ଶରୀରର ଗୁରୁତ୍ୱପୂର୍ଣ୍ଣ ଅଂଶ ଏହାକୁ ଆଦୌ ଭୁଲନ୍ତୁ ନାହିଁ । କାନ ସମ୍ବନ୍ଧୀୟ ପରାମର୍ଶ ନେଇ ଆଲୋଚନା କଲାବେଳେ ଡିଜେ ସଂଗୀତ ଏକ ମାରାତ୍ମକ ପ୍ରସଙ୍ଗ । ଅନେକ ଏହାକୁ ଅଣଦେଖା କରିଥାନ୍ତି । ଯଥା ସମ୍ଭବ ଡିଜେ ବ୍ୟବହାର ହେଉଥିବା ସ୍ଥାନ ଠାରୁ ନିଜକୁ ଦୂରେଇବା ପାଇଁ ଚେଷ୍ଟା କରନ୍ତୁ । କାନରେ ପାଣି ପଶିଗଲେ କିମ୍ବା ଏବେ ଯେହେତୁ ବର୍ଷାଦିନ ବ୍ୟବହାରିକ ସାଧାରଣ ଜୀବନରେ ବର୍ଷାରେ ଭିଜିବା ସମୟରେ କାନ ଭିତରକୁ ପାଣି ଚାଲି ଯାଉଥିଲେ ଏ ଦିଗକୁ ଅଣଦେଖା କରନ୍ତୁନାହିଁ । ପରିଷ୍କାର ବିଶୋଧିତ ତୁଳା ଦ୍ୱାରା କାନ ସଫା କରନ୍ତୁ । ପାଣିରେ ବୁଡ଼ି ସ୍ନାନ କରିବା ଅଭ୍ୟାସ ଥିଲେ ଏଥିରୁ ନିବୃତ୍ତ ରହିବା ଖୁବ ଭଲ । ଅନେକ ହୁଏତ ଜାଣିନଥାନ୍ତି କାନ ସହିତ ସ୍ନାୟୁଗତ ଭାବେ ମସ୍ତିଷ୍କର ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ଓ ସମ୍ପର୍କ ରହିଛି । ତେଣୁ ଅନେକ କ୍ଷେତ୍ରରେ ଏହା ସ୍ନାୟୁ ମସ୍ତିଷ୍କଜନିତ ସମସ୍ୟାକୁ ବିଗାଡ଼ି ଦେଇଥାଏ । ଶ୍ରୁତିମଧୁର ସଂଗୀତ ଜୀବନର ଆନନ୍ଦ ମହୌଷଧି । ଏହା ଯଦି ଦୁଃଖଦ ହୋଇ ଆପଣଙ୍କ ଶ୍ରବଣ ଶକ୍ତିକୁ ସବୁଦିନ ପାଇଁ ବନ୍ଦ କରିଦିଏ ତାହାହେଲେ ଟିକେ ଚିନ୍ତା କରନ୍ତୁ ଆପଣଙ୍କ ଜୀବନଟି କିପରି ଏକ ଅସଜଡ଼ା ହେବନାହିଁ ବରଂ ଆପଣଙ୍କ ଆଖପାଖ ପରିବେଶ, ସମୟ ଆଉ ସମସ୍ତଙ୍କୁ ଶୁଣିବାର ଅନୁଭବକୁ ହରାଇ ବସିବେ ।

'ଧ୍ୱନୀ' ମେଟ୍ରୋପ୍ଲାଜା, କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ, ଦୂରଭାଷ : ୯୪୩୮୨୭୬୭୬୦
E-mail : narayanbiswal001@gmail.com

# ଓଡ଼ିଶାରେ ସୂର୍ଯ୍ୟ ପୂଜା ଓ ଶାମ୍ବ ଦଶମୀ

### ଶିକ୍ଷାବିତ୍ ରାଜରଶ୍ମୀ ଦାସ

ପବିତ୍ର ଦେବଭୂମି ଉତ୍କଳରେ ବୌଦ୍ଧ, ଜୈନ, ଶୈବ,ଶାକ୍ତ, ଗାପତ୍ୟ-ସୌର, ବ୍ରାହ୍ମଣ୍ୟ, ଇସ୍‌ଲାମ, ବ୍ରାହ୍ମଣ, ଖ୍ରୀଷ୍ଟିୟାନ ପ୍ରଭୃତି ପ୍ରତ୍ୟକ ଧର୍ମଦର୍ଶନର ମହାମିଳନ ଘଟିଛି ମହାନ୍ ଆର୍ଯ୍ୟ ସନାତନ ସଂସ୍କୃତିରେ । ଏପରିକି ୧୫୦୦ ଶତାବ୍ଦୀ ବେଳକୁ ଜଗନ୍ନାଥ ଧର୍ମ ଓ ସଂସ୍କୃତିରେ ପଞ୍ଚଦେବତାର ଉପାସନା ହୁଏ ବୋଲି ବିଭିନ୍ନ ତଥ୍ୟ ଲିପିବଦ୍ଧ ହୋଇ ରହିଛି । ଅନେକ ମନ୍ତ୍ରର ପ୍ରାରମ୍ଭରେ ରହିଥାଏ 'ଗଣେଶ ଭାସ୍କର ବିଷ୍ଣୁ ଶିବ ଦୁର୍ଗା ତଥୈବ ଚ, ପଞ୍ଚଦେବ ସ୍ମରେନିତ୍ୟ ସର୍ବ ପାତକ ଦହନମ୍' । ଶାମ୍ବ ଓ ସୂର୍ଯ୍ୟ ପୂଜାର ପ୍ରସାର ଓ ପ୍ରଚାର ୧୨ଶ ଓ ୧୩ଶ ଶତକ ବେଳକୁ ଭାରତ ବର୍ଷରେ ବ୍ୟାପକ ଥିଲା । ୧୩ଶ ଶତାବ୍ଦୀରେ ଗଙ୍ଗବଂଶୀ ରାଜା ଲାଙ୍ଗୁଳା ନରସିଂହ ଦେବ ଚନ୍ଦ୍ରଭାଗା କୂଳସ୍ଥ ମୈତ୍ରେୟ ବନରେ ପୃଥିବୀ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର ପ୍ରତିଷ୍ଠା କରିଯାଇଛନ୍ତି । ଅର୍କକ୍ଷେତ୍ର କୋଣାର୍କ, ଚନ୍ଦ୍ରଭାଗା ତୀର୍ଥର ମାଘସପ୍ତମୀ ମେଳା ଓ ଶମ୍ବର ଦଶମୀ ଓଡ଼ିଶାରେ ସୂର୍ଯ୍ୟ ପୂଜାର ହେଉଛି ମୂକସାକ୍ଷୀ ।

ସୂର୍ଯ୍ୟ ପୁରାଣର ଏକ ଅଙ୍ଗବିଶେଷ ହେଉଛି ଶାମ୍ବ ପୁରାଣ । ଯେଉଁଥିରେ କି ଶାମ୍ବ ଦଶମୀର ତାତ୍ପର୍ଯ୍ୟ ବର୍ଣ୍ଣିତ ହୋଇଛି । ଶାମ୍ବ ଓ ସୂର୍ଯ୍ୟ ପୂଜାର ପ୍ରସାର ଓ ପ୍ରଚାର ବାରଶହ ଓ ତେରଶହ ଶତକ ବେଳକୁ ଭାରତ ବର୍ଷରେ ବ୍ୟାପକ ଥିଲାବୋଲି ଗବେଷକ ମୃତ୍ୟୁଞ୍ଜୟ ନାୟକଙ୍କ ତଥ୍ୟରୁ ଜଣାପଡ଼େ । ତେରଶହ ଶତାବ୍ଦୀର ଗଙ୍ଗବଂଶୀ ରାଜା ଲଙ୍ଗୁଳା ନରସିଂହ ଦେବ ଚନ୍ଦ୍ରଭାଗା କୂଳସ୍ଥ ମୈତ୍ରେୟ ବନରେ ପୃଥିବୀ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର ପ୍ରତିଷ୍ଠା କରିଯାଇଛନ୍ତି । ମହାଭାରତର କାହାଣୀ ଅନୁଯାୟୀ ଜାମ୍ବବତୀଙ୍କ ଗର୍ଭଜାତ ଶାମ୍ବ ହେଉଛି ଶ୍ରୀକୃଷ୍ଣଙ୍କ ପୁତ୍ର । ପରବର୍ତ୍ତୀ ସମୟରେ ଅପମାନ ଓ ଅଭିଶପ୍ତ ଶାମ୍ବ କୁଷ୍ଠବ୍ୟାଧିଗ୍ରସ୍ତ ହୋଇ ଶାକ ଦ୍ୱୀପରୁ ବ୍ରାହ୍ମଣମାନଙ୍କୁ ଡକାଇ ସେମାନଙ୍କ ଦ୍ୱାରା ସୂର୍ଯ୍ୟପୂଜା କରି ଆରୋଗ୍ୟ ଲାଭ କରିଥିଲେ । ସେହିପରି ପୌରାଣିକ କାହାଣୀ ଅନୁଯାୟୀ ଅର୍କକ୍ଷେତ୍ର ବା କୋଣାର୍କରେ କୁମ୍ଭୀରରୂପୀ ଅର୍କଦୈତକୁ ସୂର୍ଯ୍ୟ ନିଧନ କରି ଅର୍କକ୍ଷେତ୍ର ପ୍ରତିଷ୍ଠା କରିଛନ୍ତି । ପୌଷମାସ ଶୁକ୍ଳପକ୍ଷରେ ଶାମ୍ବଦଶମୀ ବା ଶମ୍ବର ଦଶମୀ ଏକ ପବିତ୍ର ଦିବସ ଭାବରେ ଆନନ୍ଦ ଉଲ୍ଲାସର ସହ ଭକ୍ତିପୂତ ପରିବେଶରେ ଅନୁଷ୍ଠିତ ହୋଇଥାଏ । ହିନ୍ଦୁ ନାରୀମାନେ ନିଜ ନିଜର ପିଲାମାନଙ୍କର ସର୍ବଶୁଭମଙ୍ଗଳ କାମନା କରି ସୂର୍ଯ୍ୟଙ୍କୁ ପୂଜା ଉପାସନା କରିଥାନ୍ତି । ପୂଜା ପରେ ସୂର୍ଯ୍ୟପୁରାଣ, ନୃସିଂହପୁରାଣ ଓ ଶାମ୍ବପୁରାଣ ପାଠ କରାଯାଇଥାଏ ।

ସୃଷ୍ଟି, ସ୍ଥିତି, ପ୍ରଳୟର ମୂଳଧାରା ସୂର୍ଯ୍ୟ ଦେବତା ଆଦି ଦେବତା ଭାବରେ ସାରା ପୃଥିବୀରେ ଆଦିମ କାଳରୁ ପୂଜିତ । ତେଣୁ ସୂର୍ଯ୍ୟ ବନ୍ଦନାରେ ସୂର୍ଯ୍ୟଙ୍କୁ ପ୍ରଣାମ ପୂର୍ବକ ଗାନ କରାଯାଇଥାଏ 'ନମଃ ସର୍ବତ୍ରେ ଜଗଦେକ ଚକ୍ଷୁଷେ ଜଗତ୍ - ପ୍ରସୂତି-ସ୍ଥିତି-ନାଶ-ହେତବେ,



ତ୍ରୈମୟାୟ ତ୍ରିଗୁଣାତ୍ମାଧାରିଣେ ବିରଞ୍ଚି-ନାରାୟଣ-ଶଙ୍କରାତ୍ମନେ ନମଃ' 'ଜବାକୁସୁମ-ସଂକାଶଂ କାଶଂପେୟ ମହାଦ୍ୟୁତିଂ, ଧ୍ୱାନ୍ତାରିଂ ସର୍ବପାପଘ୍ନଂ ପ୍ରଣତୋସ୍ମି ଦିବାକରଂ' । ଓଡ଼ିଆ ଜନଜୀବନରେ ସୂର୍ଯ୍ୟ ବନ୍ଦନାର ଆଧ୍ୟାତ୍ମିକ ମହତ୍ତ୍ୱ ରହିଛି । ପୌଷ ମାସ ଶୁକ୍ଳ ପକ୍ଷ ଦଶମୀ ଦିନଟିକୁ ଶାମ୍ବ ଦଶମୀ ରୂପେ ପାଳନ କରାଯାଇଥାଏ । ହିନ୍ଦୁ ନାରୀମାନେ ନିଜ ନିଜର ସନ୍ତାନ ସନ୍ତତିଙ୍କ ମଙ୍ଗଳ କାମନା କରି ଏହି ଦିନ ସୂର୍ଯ୍ୟଙ୍କୁ ପୂଜା କରିଥାନ୍ତି । କେବଳ ସେତିକି ନୁହେଁ ଏହି ଦିନ ନରନାରାୟଣ ରୂପକ ଅସହାୟ ଲୋକଙ୍କୁ ଖାଦ୍ୟ ଓ ବସ୍ତ୍ର କେହି କେହି ଦାନ କରିଥାନ୍ତି । ଶାମ୍ବ ଦଶମୀ ପୂଜାର ଲୋକାଚାର ଦୃଷ୍ଟିକୋଣରୁ ଏହାର ଧର୍ମ ଦର୍ଶନ ଓ ନିର୍ଗୁଣ ତତ୍ତ୍ୱ ଦିଗଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସୂର୍ଯ୍ୟ ଶକ୍ତିର ରୋଗ ନିବାରଣ ଗୁଣଟିକୁ ଗଳ୍ପ ଛଳରେ ବୁଝାଇ ଦେବାର ତାତ୍ପର୍ଯ୍ୟ ଯେ ଶାମ୍ବ ଦଶମୀ ପୂଜାରେ ନିହିତ ଏହା ହିଁ ବିଶେଷ ପ୍ରଣିଧାନଯୋଗ୍ୟ ।

ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ମଧ୍ୟ ସୂର୍ଯ୍ୟ ବନ୍ଦନା ଦେଖିବାକୁ ମିଳେ । ବୌଦ୍ଧ ସାହିତ୍ୟ, ନାଥ ସାହିତ୍ୟ, ସାରଳା ସାହିତ୍ୟ (ମହାଭାରତ), ପଞ୍ଚସଖା ସାହିତ୍ୟ ବ୍ୟତୀତ ମାଦଳାପାଞ୍ଜି, ମହାଦେବ ଦାସଙ୍କ ବିଷ୍ଣୁ କେଶରୀ ପୁରାଣ, ପିତାମ୍ବର ଦାସଙ୍କ ନୃସିଂହ ପୁରାଣ, ଉପେନ୍ଦ୍ରଭଞ୍ଜଙ୍କ ବୈଦେହୀଶ ବିଳାସ, ଅଭିମନ୍ୟୁ ସାମନ୍ତସିଂହାରଙ୍କ ବିଦଗ୍ଧ ଚିନ୍ତାମଣିରେ ସୂର୍ଯ୍ୟ ସ୍ତୁତି, ଦୃଷ୍ଟିଗୋଚର ହୁଏ । ଚୋଳଗଙ୍ଗଙ୍କ ସମୟରେ ସତ୍ୟାନନ୍ଦ ସଂସ୍କୃତିରେ 'ସୂର୍ଯ୍ୟ ସିଦ୍ଧାନ୍ତ' ଗ୍ରନ୍ଥ ରଚନା କରିଯାଇଛନ୍ତି । ଓଡ଼ିଶାରେ ସୂର୍ଯ୍ୟ ପୁରାଣ ସହିତ ଶାମ୍ବଦଶମୀର ସମ୍ପର୍କ ରହିଛି । ଶିବ ପାର୍ବତୀ ସମ୍ବାଦରେ ରଚିତ ପୁରାଣଟିର ଶେଷଭାଗରେ ପାର୍ବତୀ ସୂର୍ଯ୍ୟଦେବଙ୍କର ବାରଗୋଟି ନାମ ଯଥା - ଆଦିତ୍ୟ, ଦିବାକର, ଭାସ୍କର, ପ୍ରଭାକର, ସହସ୍ରାଂଶୁ, ତ୍ରିଲୋକ-ଲୋଚନ, ଦେବଦେବେଶ, ଛାୟାରମଣ, ଦିନକର, ଦ୍ୱାଦଶାତ୍ମକ, ତ୍ରିବିକ୍ରମ, ରୂପେ ଓ ସୂର୍ଯ୍ୟଙ୍କୁ ବନ୍ଦନା କରିଛନ୍ତି । ନାରଦଙ୍କର ଅଭିଶାପରେ ଉତ୍ତରଦିଗବାସୀଙ୍କର କୁଷ୍ଠବ୍ୟାଧି ଓ ସୂର୍ଯ୍ୟଙ୍କ ଅଭିଶାପରେ ନାରଦଙ୍କର ଧବଳ-କୁଷ୍ଠ କେବଳ ସୂର୍ଯ୍ୟ ଉପାସନା ଫଳରେ ଶାନ୍ତ ହୋଇଅଛି । ତତ୍ପରେ ଅର୍କକ୍ଷେତ୍ର ବା କୋଣାର୍କରେ କୁମ୍ଭୀରରୂପୀ ଅର୍କଦୈତ୍ୟକୁ ସୂର୍ଯ୍ୟ ନିଧନ କରି ଅର୍କକ୍ଷେତ୍ରର ପ୍ରତିଷ୍ଠା କରିଛନ୍ତି । ଦୈତ୍ୟବଧ ପରେ ଶାକଦ୍ୱୀପରେ ପ୍ରଳୟ ରୂପଧାରୀ ସୂର୍ଯ୍ୟଙ୍କୁ ଦେବଗଣଙ୍କ ଅନୁରୋଧରେ ଛାୟାଦେବୀ ପଦ୍ମିନୀରୂପ ଧରି କ୍ଷାନ୍ତ କରାଇଛନ୍ତି । ପୁରାଣକାରମାନେ ସୂର୍ଯ୍ୟ ପୂଜାରେ ସୂର୍ଯ୍ୟଙ୍କ ବନ୍ଦନା ପୂର୍ବକ ଉଲ୍ଲେଖ କରିଛନ୍ତି - 'ରବିବାର ଦିନ ସୂପର୍ଯ୍ୟ ପୂଜା ମନାସିଣ, ବ୍ରତ କଲେ ଲକ୍ଷ୍ମୀଦେବୀ ହରଷ ହୋଇଣ । ସେହିଦିନୁ ପୁତ୍ରକାମ୍ୟ ପତିବ୍ରତା ନାରୀ, ରବିବାର ଦିନ ବ୍ରତ କରନ୍ତି ବିଚାରି । ମନର କାମନା ସର୍ବ ହୁଅଇ ପୂରଣ, ସ୍ନାନ ଯେ କରେ ସେହି ମାଘ ସପ୍ତମୀ ଦିନ । ସୂର୍ଯ୍ୟ ମଣ୍ଡଳରେ ତାର ହୁଏ ଶେଷ ଘର, ଦେବତାଏ ପୁଜୁଥାନ୍ତି ତାହାର ପୟର ।' ସୂର୍ଯ୍ୟ ସକଳ ଶକ୍ତିର ଆଧାର । ସୂର୍ଯ୍ୟ ହେଉଛନ୍ତି ସୃଷ୍ଟିର ମୂଳଭିତ୍ତି । ସୂର୍ଯ୍ୟପୂଜା ହେଉଛି ଓଡ଼ିଆ ଚିନ୍ତା ଚେତନା ନୁହେଁ ସର୍ବଭାରତୀୟସ୍ତରରେ ସୁବଠି ସକଳ ଶକ୍ତିର ସେହି ପରମଶକ୍ତିମୟ ଭଗବାନ ସୂର୍ଯ୍ୟଙ୍କ ଦେବଙ୍କ କୃପା ପ୍ରାପ୍ତିର ପବିତ୍ର ଦିବସ ।

ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ

ଆଞ୍ଚଳିକ ସ୍ୱପ୍ନ

ମଙ୍ଗଳବାର,୩୦,ଡିସେମ୍ବର,୨୦୨୫ Tuesday,30 December 2025, Bhubaneswar





# ନର୍ସିଂ ହୋମରେ ଭୟଙ୍କର ଅଗ୍ନିକାଣ୍ଡ, ଜୀବନ୍ତ ଜଳି ୧୬ ମୃତ

**ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି):** ଇଣ୍ଡୋନେସିଆର ନର୍ଥ ସୁଲାୱେସୀ ପ୍ରଦେଶର ରାଜଧାନୀ ମନାଡୋର ଏକ ନର୍ସିଂ ହୋମରେ ଅଗ୍ନିକାଣ୍ଡ । ନିଆଁ ଲାଗିବା କାରଣରୁ ୧୬ ଜଣଙ୍କର ମୃତ୍ୟୁ ହୋଇଥିବା କଥା ଜଣାପଡିଛି । ନିଆ ଲାଗିବାର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ପାରିନି । ତଦନ୍ତକାରୀ ଟିମ୍ ଘଟଣାସ୍ଥଳରେ ପହଁଞ୍ଚି କାରଣ ଜାଣିବାକୁ ଚେଷ୍ଟା କରୁଛନ୍ତି। ସ୍ଥାନୀୟ ଅଧିକାରୀ କହିଛନ୍ତି ଯେ, ନିଆଁ ରବିବାର ରାତି ପ୍ରାୟ ୮ଟା ୩୬ ମିନିଟରେ ପାଲ୍ ଦୁଆ ଜିଲ୍ଲାର ପାଣ୍ଟି ଭରଧା ଦମାଇ ନର୍ସିଂ ହୋମରେ ଲାଗିଥିଲା । ନିଆଁ ଲାଗିବାର ସୂଚନା ମିଳିବା ମାତ୍ରେ ପୁଲିସ ଓ ଫାୟର ବ୍ରିଗେଡ୍ ଟିମ୍ ଘଟଣାସ୍ଥଳରେ ପହଁଞ୍ଚିଥିଲେ । ମନାଡେ ସହରର ସରକାରଙ୍କ ଦ୍ୱାରା ପଠାଯାଇଥିବା ଜିନି ଫାୟର ଇଞ୍ଜିନି ରାତି ପ୍ରାୟ ୯ଟା ୩୦ ମିନିଟ୍ରେ ନିଆଁକୁ କାବୁ କରାଯାଇଥିଲା । ନିଆଁ ଲାଗିବାର ଘଟଣା ପରେ ପୁଲିସ ପୁରା ଅଞ୍ଚଳକୁ ସୁରକ୍ଷିତ କରିଛି ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି । ଉଦ୍ଧାର ହୋଇଥିବା ଲୋକଙ୍କ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପୁଲିସ ଏବଂ ଫରେନସିକ୍ ଟିମ୍ ନିଆଁ ଲଗାଇବାର କାରଣ ଓ ଘଟଣାକ୍ରମକୁ ବୁଝିବା ପାଇଁ ଯାଞ୍ଚ କରୁଛି । ଏହାଛଡା ପ୍ରତ୍ୟକ୍ଷଦର୍ଶୀଙ୍କୁ ମଧ୍ୟ ପଚରା ଉଚରା କରାଯାଉଛି । ପୀଡିତଙ୍କ ପରିଚୟ ପାଇଁ ହସ୍ପିଟାଲରେ ତାଙ୍କର ଡାଟା ଏକାଠି କରାଯାଉଛି । ଅଧିକାରୀ ଋହୁଁଛନ୍ତି ଯେ, ତାଙ୍କର ପରିଚୟ ସମ୍ପୂର୍ଣ୍ଣ ଭାବରେ ମିଳିପାରୁ, ଫଳରେ ତାଙ୍କ ପରିବାକୁ ତାଙ୍କ ମୃତଦେହ ଦେଇହେବ । ଏହାପରେ ଆଗାମୀ ପକ୍ରିୟ ଆରମ୍ଭ କରାଯାଉଛି ।

# ରୁଷ୍ -ୟୁକ୍ରେନ୍ ଯୁଦ୍ଧ ଶେଷ କରିବାକୁ 'ଶାନ୍ତି ଚୁକ୍ତି' ନିକଟତର

**ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି):** ରୁଷ୍ -ୟୁକ୍ରେନ୍ ଯୁଦ୍ଧରେ ପଡ଼ିବ ଯବନିକା । ସରିବ ୪ ବର୍ଷ ଧରି ଋଲିଥିବା ଘମାଘୋଟ ଲଢ଼େଇ । ଯୁଦ୍ଧ ବନ୍ଦ ନେଇ ଶେଷ ପର୍ଯ୍ୟାୟରେ ରହିଛି ଆଲୋଚନା । ଫ୍ଲୋରିଡ଼ାରେ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନସ୍କିଙ୍କ ସହ ଶାନ୍ତି ଆଲୋଚନା କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ୨୦ ସୁତ୍ରୀ ପିସ୍ ପ୍ଲାନ୍ ଉପରେ ୯୫ ପ୍ରତିଶତ ସହମତି ହୋଇଛି । ଜେଲେନସ୍କିଙ୍କ ସହ ବୈଠକ ପରେ ରୁଷ-ୟୁକ୍ରେନ ଯୁଦ୍ଧ ସମାପ୍ତ କରିବା ପାଇଁ 'ଶାନ୍ତି ଚୁକ୍ତି'ର ବହୁତ ନିକଟତର ବୋଲି କହିଛନ୍ତି ଡୋନାଲ୍ଡ ଟ୍ରମ୍ପ । ଆଲୋଚନା ପୂର୍ବରୁ ଟ୍ରମ୍ପ ୨ ଘଣ୍ଟା ଫୋନରେ ପୁଟିନ୍‌ଙ୍କ ସହ ଆଲୋଚନା କରିଥିଲେ । ବୈଠକ ପରେ ଟ୍ରମ୍ପ-ଜେନେନସ୍କି ପେସମିଟ୍ କରି ଆଲୋଚନା ବିଷୟରେ ପ୍ରତିକ୍ରିୟା ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ, 'ଆମର ଭଲ ଆଲୋଚନା ହୋଇଛି । ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲୁ । ପୁଟିନଙ୍କ ସହ ଫୋନରେ ଏକ ସକାରାତ୍ମକ ଫୋନ୍ ଆଲୋଚନା ହୋଇଥିଲା। ଆମେ ଅନେକ ପଏଣ୍ଟ ଉପରେ ଆଲୋଚନା କରିଥିଲୁ । ମୁଁ ଭାବୁଛି ଆମେ ଶାନ୍ତିର ବହୁତ ନିକଟତର ହେଉଛୁ । ରାଷ୍ଟ୍ରପତି ଏବଂ ମୁଁ ବର୍ତ୍ତମାନ ୟୁରୋପୀୟ ନେତାମାନଙ୍କ ସହିତ କଥା ହୋଇଛୁ । ଆମେ ଏହି ଯୁଦ୍ଧକୁ ସମାପ୍ତ କରିବାରେ ଅଗ୍ରଗତି କରିଛୁ, ଯାହା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସମ୍ଭବତଃ ସବୁଠାରୁ ଘାତକ ଯୁଦ୍ଧ । ଏକ ଶାନ୍ତି ଚୁକ୍ତିନାମା ପାଇଁ କେତେ ସମୟ ଲାଗିପାରେ ବୋଲି ପଚରାଯିବାରୁ, ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ଯଦି ସବୁକିଛି ଠିକ୍ ଠାକ୍ ହୁଏ, ତେବେ ଏହା କିଛି ସପ୍ତାହ ମଧ୍ୟରେ ହୋଇପାରିବ । କିନ୍ତୁ ଯଦି ପରିସ୍ଥିତି ଆହୁରି ଖରାପ ହୁଏ, ତେବେ ଏହା ହେବ ନାହିଁ, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ହେବ ।ଶାନ୍ତି ଚୁକ୍ତି ଉପରେ ୯୫% ସହମତି- ୟୁକ୍ରେନୀୟ ରାଷ୍ଟ୍ରପତି ଜେଲେନସ୍କି ବୈଠକକୁ ସକାରାତ୍ମକ ବୋଲି କହି କହିଛନ୍ତି ଯେ, ସମସ୍ତ ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି । ୨୦-ସୂତ୍ରୀ ଶାନ୍ତି ଯୋଜନାରେ ୯୫ ପ୍ରତିଶତ ସହମତି ହୋଇଛି । ଆମେରିକା-ୟୁକ୍ରେନ ସୁରକ୍ଷା ଗ୍ୟାରେଣ୍ଟି ଉପରେ ୧୦୦ ପ୍ରତିଶତ ସହମତି ହୋଇଛି । ଆମେରିକା-ୟୁରୋପ-ୟୁକ୍ରେନ ସୁରକ୍ଷା ଗ୍ୟାରେଣ୍ଟି ଉପରେ ପ୍ରାୟ ସହମତି ହୋଇଛି ।

# କଳବଳ କରୁଛି ପ୍ରଦୂଷଣ

**ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି):** ଦିଲ୍ଲୀରେ ଶୀତ ଅବକାଶ ଓ ପ୍ରଦୂଷଣ ମଧ୍ୟରେ ସରକାରଙ୍କ ବଡ଼ ନିଷ୍ପତ୍ତି । ଦିଲ୍ଲୀରେ ଘନ କୁହୁଡ଼ି ଓ ଭୟଙ୍କର ବାୟୁ ପ୍ରଦୂଷଣ ଯୋଗୁ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପ୍ରତି ଆଶଙ୍କା ଦେଖାଦେଇଛି । ଗ୍ରେଡେଡ୍ ରେସ୍ପନ୍ସ ଆକ୍ସନ୍ ପ୍ଲାନ ପ୍ରୟୋଗ ହେବାରୁ ନର୍ସରୀରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ଅଫଲାଇନ୍ କ୍ଲାସ୍ ବନ୍ଦ ଥିଲା ଏବଂ ହାଇବ୍ରିଡ୍ ମୋଡରେ ପାଠ ଋଲିଥିଲା । କିନ୍ତୁ ବାୟୁ ଗୁଣବତ୍ତାରେ ଉନ୍ନତି ହେବାରୁ ଦିଲ୍ଲୀ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ଷଷ୍ଠରୁ ନବମ ଏବଂ ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ବର୍ତ୍ତମାନ ସ୍କୁଲ୍ ଯିବାକୁ ପଡ଼ିବ । ଏହା



ସହିତ ଦିଲ୍ଲୀର ସମସ୍ତ ସ୍କୁଲରେ ଶୀତ ଅବକାଶ ଜାନୁଆରି ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ରହିବ। ସରକାର ସ୍କୁଲଗୁଡ଼ିକରେ ୧୦ ହଜାର ଏୟାର ପ୍ୟୁରିଫାୟର ବଣ୍ଟନ କରି ଛାତ୍ରମାନଙ୍କୁ ସୁରକ୍ଷା ଦେବାକୁ ପ୍ରୟାସ ଜାରି ରଖିଛନ୍ତି । ଏହି ନିଷ୍ପତ୍ତି ପ୍ରଦୂଷଣ ନିୟନ୍ତ୍ରଣ ଓ ଶିକ୍ଷା ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ଲକ୍ଷ୍ୟ ରଖିଛି । ସେପଟେ ଉତ୍ତର ପ୍ରଦେଶରେ ଏବେ ଶୀତ ଓ ପ୍ରଦୂଷଣ ବୃଦ୍ଧି ପାଇଛି । ଏହି କାରଣରୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନିର୍ଦ୍ଦେଶରେ ରାଜ୍ୟର ସମସ୍ତ ସ୍କୁରେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ କ୍ଲାସ୍ ୧ ଜାନୁଆରି ୨୦୨୬ ପର୍ଯ୍ୟନ୍ତ ବନ୍ଦ ରହିବ । ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ପ୍ରାଥମିକତା ଦେଇ ଏହି ନିଷ୍ପତ୍ତି ନିଆଯାଇଛି ।

# ୨୦୨୫ ଭାରତ-ଆମେରିକା ସମ୍ପର୍କରେ ଅଶାନ୍ତିର ବର୍ଷ

**ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି):** ବର୍ଷ-୨୦୨୫ ଭାରତ ଓ ଆମେରିକା ସମ୍ପର୍କ ପାଇଁ ଅଶାନ୍ତିପୂର୍ଣ୍ଣ ରହିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ବିରୋଧରେ କଡ଼ା ଶୁଳ୍କ ନିଷ୍ପତ୍ତି, ଏଚ୍-୧ବି ଭିସା ଉପରେ କଟକଣା ଏବଂ ପାକିସ୍ତାନ ସହ ଜଡ଼ିତ ଭୂ-ରାଜନୈତିକ ଉତ୍ତେଜନା ଯୋଗୁଁ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଗଭୀର ଋପଗ୍ରସ୍ତ ରହିଛି । ଯଦିଓ ଆମେରିକା ସହ ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ ଓ ଉଚ୍ଚସ୍ତରୀୟ କଥାବାର୍ତ୍ତା କିଛି ଆଶା ଦେଖାଉଛି, ତଥାପି ଏହି ବର୍ଷ ଦୁଇ ଦେଶର ସମ୍ପର୍କକୁ କଠୋର ପରୀକ୍ଷାରେ ପକାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆମେରିକା ଗସ୍ତ ଓ ଟ୍ରମ୍ପଙ୍କ ସହ ବୈଠକରେ ଦ୍ୱିପାକ୍ଷିକ ବାଣିଜ୍ୟକୁ ୨୦୩୦ ସୁଦ୍ଧା ୫୦୦ ବିଲିୟନ ଡଲାରକୁ ବଢ଼ାଇବା ପାଇଁ ବାଣିଜ୍ୟ ଚୁକ୍ତି (ବିଟିଏ) ଆଲୋଚନାର ଘୋଷଣା ହୋଇଥିଲା । କିନ୍ତୁ ଟ୍ରମ୍ପ ଭାରତକୁ 'ଅତ୍ୟଧିକ ଶୁଳ୍କ ଆଦାୟକାରୀ ଦେଶ' ବୋଲି ସମାଲୋଚନା କରି ଏପ୍ରିଲରେ ୨୬ ପ୍ରତିଶତ ଓ ପରେ ଅଗଷ୍ଟରେ ରୁଷରୁ ତୈଳ କ୍ରୟ ଯୋଗୁଁ ଆଉ ୨୫ ପ୍ରତିଶତ ଅତିରିକ୍ତ ଟାରିଫ୍ ଲଗାଇ ମୋଟ ୫୦ ପ୍ରତିଶତ କରିଦେଇଥିଲେ । ଏହା ଭାରତୀୟ ରପ୍ତାନିକୁ ବଡ଼ କ୍ଷତି ପହଞ୍ଚାଇଛି । ଆମେରିକୀୟ ସାଂସଦ ରାଜା କୃଷ୍ଣମୂର୍ତ୍ତି ଏହାକୁ ଭାରତ ବିରୋଧରେ 'ଅନାବଶ୍ୟକ ଋପ' ବୋଲି ସମାଲୋଚନା କରିଛନ୍ତି। ଆପ୍ରବାସନ କ୍ଷେତ୍ରରେ ମଧ୍ୟ ଟ୍ରମ୍ପଙ୍କ କଡ଼ା ନୀତି ଭାରତୀୟ ପ୍ରବାସୀଙ୍କୁ ପ୍ରଭାବିତ କରିଛି । ଏଚ୍-୧ବି ଭିସାରେ ନୂଆ ୧୦୦,୦୦୦ ଡଲାର ଫି ଲଗାଇବା ସହ ହଜାର ହଜାର ଭାରତୀୟଙ୍କୁ ଡିପୋର୍ଟ(ନିର୍ବାସନ) କରାଯାଇଛି। ଏହା ଭାରତୀୟ ଆଇଟି ପେସାଦାରଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି । ପାକିସ୍ତାନ ସହ ଜଡ଼ିତ ଘଟଣା ମଧ୍ୟ ଭାରତ-ଆମେରିକା ସମ୍ପର୍କକୁ ଆହୁରି ଜଟିଳ କରିଛି। ଏପ୍ରିଲ ୨୨ରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ପରେ ଭାରତ 'ଅପରେସନ ସିନ୍ଦୂର' ଆରମ୍ଭ କରି ପାକିସ୍ତାନ ଓ ପିଓକେରେ ଆତଙ୍କବାଦୀ ଠିକଣା ଉପରେ ଆକ୍ରମଣ କରିଥିଲା । ମେ ୧୦ରେ ଯୁଦ୍ଧ ବିରତି ହୋଇଥିବା ବେଳେ ଟ୍ରମ୍ପ ନିଜ ଆଡୁ ଏହି ଘୋଷଣା କରି ତାଙ୍କ ମଧ୍ୟସ୍ଥତାରେ ପରମାଣୁ ଯୁଦ୍ଧ ରୋକାଯାଇଥିବା ଦାବି କରିଥିଲେ । ଏହି ଦାବିକୁ ଭାରତ ଖଣ୍ଡନ କରିବା ସହ 'ଆମ ଲକ୍ଷ୍ୟ ହାସଲ ପରେ ପାକ୍ ଅନୁରୋଧରେ ଯୁଦ୍ଧବିରତି ହୋଇଥିଲା' ବୋଲି ସ୍ପଷ୍ଟ କରିଥିଲା । ତେବେ ଟ୍ରମ୍ପ ଏହା ମାନିବାକୁ ପ୍ରସ୍ତୁତ ନଥିବା ବେଳେ ଭାରତ ମଧ୍ୟ ଟ୍ରମ୍ପଙ୍କ ଏ ବାବଦ ତୁହାକୁ ତୁହା ଦାବିକୁ ପ୍ରତ୍ୟାଖ୍ୟାନ କରିଛି । ଅନ୍ୟପକ୍ଷରେ ଟ୍ରମ୍ପଙ୍କ ପାକିସ୍ତାନ ସେନା ପ୍ରମୁଖଙ୍କ ସହ ବୈଠକ ଓ ପାକିସ୍ତାନକୁ କମ୍ ଶୁଳ୍କ ଲାଗୁ କରିବା ଭାରତରେ ଅସନ୍ତୋଷ ସୃଷ୍ଟି କରିଛି । ଏଭଳି ତିକ୍ତତା ସତ୍ତ୍ୱେ ଚଳିତ ବର୍ଷ କିଛି ସକାରାତ୍ମକ ଘଟଣା ମଧ୍ୟ ଘଟିଛି । ଅକ୍ଟୋବରରେ ଭାରତ-ଆମେରିକା ୧୦ ବର୍ଷିଆ ପ୍ରତିରକ୍ଷା ସହଯୋଗ ଚୁକ୍ତି ସ୍ୱାକ୍ଷର ହୋଇଛି। ମୋଦି ଓ ଟ୍ରମ୍ପଙ୍କ ମଧ୍ୟରେ ସମ୍ପ୍ରତି କଥାବାର୍ତ୍ତା 'ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ' ରହିଛି ବୋଲି ଉଭୟ ରାଷ୍ଟ୍ର ପକ୍ଷରୁ କୁହାଯାଇଛି । ଟ୍ରମ୍ପ ମୋଦୀଙ୍କୁ 'ମହାନ ବନ୍ଧୁ' ବୋଲି କହି ୨୦୨୬ରେ ଭାରତ ଗସ୍ତର ସଙ୍କେତ ଦେଇଛନ୍ତି। ବିଶେଷଜ୍ଞମାନେ କହୁଛନ୍ତି ଯେ ଏହି ଋପ ସତ୍ତ୍ୱେ ରଣନୈତିକ ଗୁରୁତ୍ୱ ଯୋଗୁଁ ସମ୍ପର୍କ କାଏମ ରହିବ, କିନ୍ତୁ ବାଣିଜ୍ୟ ଓ ଆପ୍ରବାସନ ସମସ୍ୟା ଦୀର୍ଘକାଳୀନ ପ୍ରଭାବ ଛାଡ଼ିପାରେ । ଭାରତ ନିଜର ସ୍ୱାର୍ଥ ରକ୍ଷା କରି ଏବେ ନୂଆ ବଜାର ଖୋଜୁଛି ଏବଂ ରୁଷ୍ ଓ ଚୀନ୍ ସହ ସମ୍ପର୍କ ମଜବୁତ କରୁଛି ।

# ଅପରେସନ୍ 'ସିନ୍ଦୂର' ସମୟରେ ଥରୁଥିଲା ପାକିସ୍ତାନ

**ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି):**ପାକିସ୍ତାନ ରାଷ୍ଟ୍ରପତି ଆସିଫ ଅଲି ଜର୍ଦାରୀ ପ୍ରଥମ ଥର ପାଇଁ ସ୍ୱୀକାର କରିଛନ୍ତି ଯେ ଭାରତର 'ଅପରେସନ୍ ସିନ୍ଦୂର' ସମୟରେ ପୂରା ଦେଶରେ ଭୟର ବାତାବରଣ ଲାଗି ରହିଥିଲା ଏବଂ ତାଙ୍କ ସାମରିକ ସଚିବ ତାଙ୍କୁ ତୁରନ୍ତ ବଙ୍କରକୁ ଯିବାକୁ ପରାମର୍ଶ ଦେଇଥିଲେ । କ୍ଷମତାରେ ଥିବା ନେତାମାନଙ୍କୁ ବଙ୍କରରେ ରହିବା ପାଇଁ କୁହାଯାଇଥିଲା, କିନ୍ତୁ ମୁଁ ମନା କରିଥିଲି ବୋଲି ଜର୍ଦାରୀ କହିଛନ୍ତି। 'ଯଦି ସହିଦ ହେବାକୁ ହେବ ତେବେ ଏଠି ହିଁ ହେବୟ ନେତାମାନେ ବଙ୍କରରେ ମରନ୍ତି ନାହିଁ, ଯୁଦ୍ଧକ୍ଷେତ୍ରରେ ମରନ୍ତି ବୋଲି ମୁଁ କହିଥିଲି' ବୋଲି ଏକ ସାକ୍ଷାତକାରରେ ପାକ୍ ରାଷ୍ଟ୍ରପତି କହିଛନ୍ତି । ଜର୍ଦାରୀ ଦାବି କରିଛନ୍ତି ଯେ ଭାରତର ଆକ୍ରମଣ ଆରମ୍ଭ ହେବାର ୪ ଦିନ ପୂର୍ବରୁ ତାଙ୍କୁ ଏହାର ସୂଚନା ମିଳିଥିଲା । ସୂଚନାଯୋଗ୍ୟ, ଏପ୍ରିଲ ୨୨ରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ପରେ ମେ ୭ରେ ଭାରତ ଅପରେସନ୍ ସିନ୍ଦୂର ଆରମ୍ଭ କରିଥିଲା । ଏହି ଅଭିଯାନରେ ପାକିସ୍ତାନ ଓ ପିଓକେରେ ୯ଟି ଆତଙ୍କବାଦୀ କ୍ୟାମ୍ପ ଧ୍ୱଂସ ହୋଇଥିଲା ଏବଂ ୧୦୦ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିଲେ । ପାକିସ୍ତାନର ମିସାଇଲ୍ ଓ ଡ୍ରୋନ୍ ଆକ୍ରମଣକୁ ଭାରତ ପଣ୍ଡ କରିବା ସହ ବିଭିନ୍ନ ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିଥିଲା । ମେ ୧୦ରେ ଯୁଦ୍ଧବିରତି ଘୋଷଣା ହୋଇଥିଲା । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଥିରେ ମଧ୍ୟସ୍ଥତା ଦାବି କରିଥିବା ବେଳେ ଏହାକୁ ଭାରତ ଦୃ ଭାବେ ଖଣ୍ଡନ କରିଥିଲା । ମଧ୍ୟସ୍ଥତାକୁ ନେଇ ଭାରତର ଆଭିମୁଖ୍ୟ ସ୍ପଷ୍ଟ ଥିବା ବେଳେ ଆଜି ଜର୍ଦାରୀଙ୍କ ବୟାନ ଅପରେସନ୍ ସିନ୍ଦୂରର ପ୍ରଭାବକୁ ପୁଣିଥରେ ପ୍ରମାଣିତ କରିଛି ଏବଂ ପାକିସ୍ତାନରେ ରାଜନୈତିକ ବିବାଦ ସୃଷ୍ଟି କରିଛି ।

# କ୍ଷମା ମାଗିଲେ ଲଳିତ ମୋଦି

**ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି):** ଆଇପିଏଲ ସଂସ୍ଥାପକ ଓ ଦୁର୍ନୀତି ଅଭିଯୁକ୍ତ ଲଳିତ ମୋଦି ଭାରତ ସରକାରଙ୍କୁ କ୍ଷମା ମାଗିଛନ୍ତି । ନିକଟରେ ସେ ଲଣ୍ଡନର ଏକ ପାର୍ଟିର ଭିଡିଓ ସେୟାର କରିଥିଲେ। ଏଥିରେ ସେ କିଙ୍ଗଫିସର ଏୟାରଲାଇନ୍ସ ଋଣ ଠକେଇ ଓ ମନିଲଣ୍ଡରିଂ ମାମଲାରେ ପଳାତକ ବିଜୟ ମାଲ୍ୟାଙ୍କ ସହ ଦେଖିବାକୁ ମିଳିଥିଲେ । ଭିଡିଓରେ ସେ ନିଜେ ଦୁହିଁଙ୍କ ଯୋଡିକୁ 'ସବୁଠାରୁ ବଡ଼ ପଳାତକ' ବୋଲି କହିଥିଲେ । ଋରିଆଡୁ ସମାଲୋଚନା ପରେ ଏବେ ଲଳିତ ମୋଦି କ୍ଷମା ମାଗଛନ୍ତି । ଏନେଇ ସେ ଏକ୍ସରେ ମଧ୍ୟ ପୋଷ୍ଟ କରିଛନ୍ତି । ସେ କୌଣସି କାରଣ ବିଷୟରେ ଉଲ୍ଲେଖ କରି ନାହାଁନ୍ତି। ତେବେ କୁହାଯାଉଛି ଯେ,ଏହି ଭିଡିଓ ସମ୍ପର୍କରେ ହୁଏତ ସେ କ୍ଷମା ମାଗିଛନ୍ତି । ଲଳିତ ମୋଦି କହିଛନ୍ତି,ଯଦି ମୋ କଥା କାହାକୁ କଷ୍ଟ ଦେଉଛି ତେବେ ଏଥିପାଇଁ ମୁଁ କ୍ଷମା ମାଗୁଛି । ବିଶେଷ ଭାବରେ ଭାରତ ସରକାରଙ୍କୁ କ୍ଷମା ମାଗୁଛି, କାରଣ ସରକାରଙ୍କ ପ୍ରତି ମୋ ମନରେ ବହୁତ ସମ୍ମାନ ରହିଛି । ସେ କହିଛନ୍ତି, ମୁଁ କୌଣସି ଉଦେଶ୍ୟ ରଖି ଏହି ଭିଡିଓ ପୋଷ୍ଟ କରିନି । ମୁଁ ପୁଣିଥରେ ହୃଦୟରୁ କ୍ଷମା ମାଗୁଛି । ଲଳିତ ମୋଦି ଲଣ୍ଡନରେ ବିଜୟ ମାଲ୍ୟାଙ୍କ ୭୦ ତମ ଜନ୍ମଦିନ ପାର୍ଟିରେ ସାମିଲ ହୋଇଥିଲେ । ଭିଡିଓରେ ଲଳିତ ମୋଦିଙ୍କୁ ଏହା କହୁଥିବାର ଶୁଣିବାକୁ ମିଳୁଛି ଯେ, ଆମେ ଦୁହେଁ ପଳାତକ, ଭାରତର ସବୁଠାରୁ ବଡ଼ ପଳାତକ ।' ଏହି ଭିଡିଓର କ୍ୟାପସନ୍ ରହିଛି 'ଋଲନ୍ତୁ ଭାରତର ଇଣ୍ଟରନେଟ୍ରେ ପୁଣିଥରେ ଧମାଲ କରିବା । ମୋର ବନ୍ଧୁ ବିଜୟ ମାଲ୍ୟାଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା।'ଏହି ଭିଡିଓ ଭାଇରାଲ ପରେ ସୋସିଆଲ୍ ମିଡିଆରେ



ସରକାରଙ୍କୁ ନାନା କଟାକ୍ଷ ଓ କଡ଼ା ସମାଲୋଚିତ ହେବାକୁ ପଡିଥିଲେ । ଶେଷରେ ଭିଡିଓ ସମ୍ପର୍କରେ ଭାରତ ସରକାରଙ୍କ ପକ୍ଷରୁ ପ୍ରତିକ୍ରିୟା ସାମ୍ନାକୁ ଆସିଥିଲା । ସରକାର ଲଳିତ ମୋଦି ଓ ବିଜୟ ମାଲ୍ୟାଙ୍କୁ ଫେରାଇ ଆଣିବାକୁ ଦୃଢ଼ ପ୍ରତିଶ୍ରୁତି ବଦ୍ଧ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଥିଲା। ବିଭିନ୍ନ କ୍ଷେତ୍ରରେ ଜଟିଳ ଆଇନଗତ ପ୍ରକ୍ରିୟା ଯୋଗୁ ଦୁହିଁଙ୍କୁ ପ୍ରତ୍ୟର୍ପଣ କରିବାରେ ବିଳମ୍ବ ହେଉଛି ବୋଲି ମନ୍ତ୍ରଣାଳୟ କହିଥିଲା । ସରକାରଙ୍କ ପକ୍ଷରୁ ଏଭଳି ପ୍ରତିକ୍ରିୟା ପରେ ଏବେ କ୍ଷମା ମାଗିଛନ୍ତି ଲଳିତ ମୋଦି ।

# ମିଛ କହୁଛି ବାଂଲାଦେଶ, ଭାରତ ଆସିନାହାନ୍ତି ହାଦିଙ୍କ ଆକ୍ରମଣକାରୀ

**ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି):**ବାଂଲାଦେଶୀଙ୍କ ଅସଲ ମୁଖା ଖୋଲିଦେଲେ ବିଏସଏଫ ଯବାନ। ନିହତ ବାଂଲାଦେଶୀ ଛାତ୍ର ନେତା ସରିଫ ଓସମାନ ହାଦିଙ୍କ ହତ୍ୟାକାରୀ ଏବେ ଭାରତରେ ବୋଲି ଦାବି କରିଥିଲା ଢାକା ମେଟ୍ରୋପଲିଟାନ୍ ପୁଲିସ । ଏବେ ଏହି ଦାବିକୁ ମିଛ ବୋଲି କହିଛନ୍ତି ଭାରତର ବର୍ଡର ସିକ୍ୟୁରିଟି ଫୋର୍ସ । ଡିଏମପି ଦାବି କରିଥିଲା ଯେ, ସରିଫ ଓସମାନ ହାଦିଙ୍କ ହତ୍ୟାକାଣ୍ଡର ଦୁଇ ପ୍ରମୁଖ ଅଭିଯୁକ୍ତ ମେଘାଳୟ ସହିତ ସଂଯୁକ୍ତ ମୈମନସିଂ ଜିଲ୍ଲାର ହାଲୁଆଘାଟ ସୀମା ଦେଇ ଭାରତ ପଳାଇ ଯାଇଛନ୍ତି । ଏହି ଦାବିକୁ ଖାରଜ କରିଛି ବିଏସ୍ଏଫ୍ । ବାଂଲାଦେଶ ସୀମା ଅତିକ୍ରମ କରି କେହି ଭାରତ ଆସିନଥିବା ସ୍ପଷ୍ଟ କରିଛି ବିଏସଏଫ । ମେଘାଳୟ, ତ୍ରିପୁରା ଏବଂ ଆସାମ ଅଞ୍ଚଳରେ ଥିବା BSF ୟୁନିଟ୍ ବାଂଲାଦେଶ ଆଭ୍ୟନ୍ତରୀଣ ସୁରକ୍ଷା ବିଭାଗର ଦାବିକୁ ପ୍ରତ୍ୟାଖ୍ୟାନ କରିଛି । ବାଂଲାଦେଶ ପୁଲିସ ଭାରତୀୟ ସୀମାରେ ନିୟୋଜିତ ସୁରକ୍ଷା ବାହିନୀର କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠାଇ ଏକ ବିବୃତି ଜାରି କରିଥିଲା । BSF ଥିବା ସତ୍ତ୍ୱେ ୨ଅଭିଯୁକ୍ତ ଭାରତକୁ ପ୍ରବେଶ କରିଗଲେ ବୋଲି ଦାବି କରିଥିଲା ବାଂଲା ପୁଲିସ । ଏବେ ଏହି ଦାବିକୁ ମିଥ୍ୟା ଏବଂ ଭ୍ରାମକ ବୋଲି କହି ଖାରଜ କରିଛି BSF । ପଡ଼ୋଶୀ ଦେଶ ମିଥ୍ୟା ଅଭିଯୋଗ କରୁଛି ଏବଂ ଦାବିକୁ ସତ ବୋଲି ଦର୍ଶାଇବା ପାଇଁ ବାଂଲା ପାଖରେ କୌଣସି ପ୍ରମାଣ ନାହିଁ ବୋଲି ବିଏସଏଫ୍ କହିଛି । ଏହା ସହ ମେଘାଳୟ ସେକ୍ଟରରେ କାହାକୁ ଗିରଫ କିମ୍ବା ଅଟକ ରଖାଯାଇନାହିଁ ବୋଲି BSF ସ୍ପଷ୍ଟ କରିଛି । ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ଡିଏମପି ଅତିରିକ୍ତ କମିଶନର ଏସଏନ ନଜରୁଲ ଇସଲାମ କହିଥିଲେ ଯେ, ସନ୍ଦିଗ୍ଧ ବ୍ୟକ୍ତି ଫୈଜଲ କରିମ୍ ମାସୁଦ ଏବଂ ଆଲମଗିର ଶେଖ ସ୍ଥାନୀୟ ସହଯୋଗୀଙ୍କ ସହାୟତାରେ ଭାରତର ମେଘାଳୟ ରାଜ୍ୟକୁ ପ୍ରବେଶ କରିଥିଲେ । ଆମ ସୂଚନା ଅନୁଯାୟୀ, ସନ୍ଦିଗ୍ଧମାନେ ହାଲୁଆଘାଟ ସୀମା ଦେଇ ଭାରତରେ ପ୍ରବେଶ କରିଥିଲେ । ପାର ହେବା ପରେ, ପ୍ରଥମେ ସେମାନଙ୍କୁ ପୂର୍ତ୍ତି ନାମକ ଜଣେ ବ୍ୟକ୍ତି ସ୍ୱାଗତ କରିଥିଲେ । ପରେ, ସାମି ନାମକ ଜଣେ ଟ୍ୟାକ୍ସି ଡ୍ରାଇଭର ସେମାନଙ୍କୁ ମେଘାଳୟର ତୁରା ସହରକୁ ନେଇଯାଇଥିଲେ। ଆମକୁ ଏବେ ଖବର ମିଳିଛି ଯେ, ସନ୍ଦିଗ୍ଧଙ୍କୁ ସହାୟତା କରିଥିବା ଦୁଇ ବ୍ୟକ୍ତି, ପୂର୍ତ୍ତି ଏବଂ ସାମିଙ୍କୁ ଭାରତର କର୍ତ୍ତୃପକ୍ଷ ଅଟକ ରଖିଛନ୍ତି । ଏବେ ସନ୍ଦିଗ୍ଧଙ୍କୁ ଫେରାଇ ଆଣିବା ପାଇଁ ବାଂଲାଦେଶ ସରକାର ଭାରତ ସହିତ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି ।

# ପାକିସ୍ତାନ ବାଂଲାଦେଶ ଭାଇ-ଭାଇ ; ଭାରତକୁ ଘେରିବାକୁ ବାଂଲାର ସାହାରା

**ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି):**ଦକ୍ଷିଣ ଏସିଆର ରାଜନୀତିରେ ବଡ଼ ପରିବର୍ତ୍ତନ । ନିକଟତର ହେଉଛନ୍ତି ପାକିସ୍ତାନ ଓ ବାଂଲାଦେଶ । ବାଂଲାଦେଶରେ ଶେଖ ହାସିନା ସରକାରଙ୍କ ପତନ ପରେ ଦକ୍ଷିଣ ଏସିଆର ଭୂ-ରାଜନୀତିରେ ଏକ ନୂତନ ମୋଡ଼ ଆସିଛି । ଯାହା ଭାରତ ପାଇଁ ଆଦୌ ଶୁଭ ନୁହେଁ , ଦୀର୍ଘ ଦିନର ଶୀତଳ ସମ୍ପର୍କ ପରେ ପାକିସ୍ତାନ ଓ ବାଂଲାଦେଶ ଏବେ ପରସ୍ପରର ଅତି ନିକଟତର ହେବାରେ ଲାଗିଛନ୍ତି । ନିକଟରେ ବାଂଲାଦେଶର ଅନ୍ତରୀଣ ସରକାରଙ୍କ ମୁଖ୍ୟ ମହମ୍ମଦ ୟୁନୁସ ଓ ପାକିସ୍ତାନ



ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ ମଧ୍ୟରେ ହୋଇଥିବା ସକରାତ୍ମକ ଆଲୋଚନା ଏହାର ସ୍ପଷ୍ଟ ପ୍ରମାଣ ଥିଲା । ଶନିବାର ହେଲେ କାଲି ପାକିସ୍ତାନର ବୈଦେଶିକ ବିଭାଗ ବର୍ଷର ଶେଷ ମିଡିଆ ବ୍ରିଫିଂ କରୁଥିବା ବେଳେ ବାଂଲାଦେଶକୁ ନେଇ ବଡ ବୟାନ ଦେଇଛନ୍ତି ଉପ ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ଇଶକ୍ ଡାର । ଇଶକ୍ ଡାର ସିଧା ମାନିଛନ୍ତି ଯେ ହସିନାଙ୍କ ସରକାର ଥିବା ବେଳେ ପାକିସ୍ତାନ ସହ ସମ୍ପର୍କ ଭଲ ନଥିଲା କାରଣ ହସିନାଙ୍କ ସରକାର ଆଣ୍ଟି -ପାକିସ୍ତାନର କଥା କୁହେ । ହେଲେ ଏବେ ସମ୍ପର୍କ ବହୁତ ଭଲ ଅଛି ଆଉ ସବୁଠାରୁ ବଡ଼ କଥା, ହେଲେ ପାକିସ୍ତାନ ବୈଦେଶିକ ମନ୍ତ୍ରୀ ଆତଙ୍କବାଦୀ ସହ ଲିଙ୍କରେ ଥିବା ଜମାତ-ଏ-ଇସ୍ଲାମୀ ଦଳକୁ ପ୍ରଶଂସା କରିଛନ୍ତି, ଏ ହେଉଛି ସେଇ ଗୋଷ୍ଠୀ ଯାହାକୁ ଆତଙ୍କବାଦୀ ଲିଙ୍କରେ ହସିନା ବ୍ୟାନ୍ କରିଥିଲେ । ଏମିତି କି ବାଂଲାଦେଶକୁ ଆକ୍ଟିଭ କରିବ ପାକିସ୍ତାନ, କାରଣ ବୈଦେଶିକ ମନ୍ତ୍ରୀ କହିଲେ ପାକିସ୍ତାନ-ବାଂଲାଦେଶ ଭାଇ ଭାଇ । ଉଭୟ ଦେଶ ମଧ୍ୟରେ ସିଧାସଳଖ ସାମୁଦ୍ରିକ ବାଣିଜ୍ୟ ଆରମ୍ଭ ହୋଇଥିବାବେଳେ, ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟ ସହଯୋଗ ବୃଦ୍ଧି ପାଇଁ ଚୁକ୍ତିନାମା ସ୍ୱାକ୍ଷରିତ ହେବାକୁ ଯାଉଛି । ଭାରତ ବିରୋଧୀ ମନୋଭାବ ବଢୁଥିବା ସମୟରେ ପାକିସ୍ତାନ ଏହି ସୁଯୋଗର ଫାଇଦା ଉଠାଇ ବାଂଲାଦେଶ ସହ ଏକ ଶକ୍ତିଶାଳୀ ମେଣ୍ଟ ଗଠନ କରିବାକୁ ଋହୁଁଛି । ଗୁଇନ୍ଦା ସୂଚନା ଅନୁଯାୟୀ, ISI ବାଂଲାଦେଶ ମାଧ୍ୟମରେ ଭାରତର ପୂର୍ବ ସୀମାରେ ଅଶାନ୍ତି ସୃଷ୍ଟି କରିବାକୁ ରଣନୀତି ପ୍ରସ୍ତୁତ କରୁଛି । ଏହି ବଦଳୁଥିବା ସମ୍ପର୍କ ଏବେ ଭାରତ ପାଇଁ ଏକ ବଡ଼ ସୁରକ୍ଷା ଚିନ୍ତାର କାରଣ ପାଲଟିଛି । ବାଂଲାଦେଶ ସହ ସାମରିକ ଚୁକ୍ତି କରି ପାକିସ୍ତାନ ନିଜର ସାମରିକ ଉପସ୍ଥିତି ଜାହିର କରିବାକୁ ଋହୁଛି । ବାଂଲାଦେଶର ବୁଡ଼ିଥିବା ଅର୍ଥନୀତିରୁ ଫାଇଦା ଉଠାଇବା ପାଇଁ ପାକିସ୍ତାନ ସିଧାସଳଖ ବାଣିଜ୍ୟିକ କାରବାର ଓ ରପ୍ତାନି ବଢ଼ାଇବାକୁ ଲକ୍ଷ୍ୟ ରଖିଛି । ବାଂଲାଦେଶ ମାଟିକୁ ବ୍ୟବହାର କରି ଭାରତର ପୂର୍ବୋତ୍ତର ରାଜ୍ୟଗୁଡ଼ିକରେ ବିଦ୍ରୋହ ଓ ଅଶାନ୍ତି ସୃଷ୍ଟି କରିବା ପାଇଁ ISI ସୁଯୋଗ ଭାବେ ଦେଖୁଛି । ୧୯୭୧ ଯୁଦ୍ଧର ତିକ୍ତତାକୁ ଦୂର କରି ବାଂଲାଦେଶରେ ଭାରତର ପ୍ରଭାବକୁ ସମ୍ପୂର୍ଣ୍ଣ ରୂପେ ଶେଷ କରିବାକୁ ପାକିସ୍ତାନ ପ୍ରୟାସ କରୁଛି । ସାର୍କ ପରି ସଂଗଠନରେ ଭାରତର ଆଧିପତ୍ୟକୁ ପ୍ରତିହତ କରିବା ପାଇଁ ବାଂଲାଦେଶର ସମର୍ଥନ ପାକିସ୍ତାନ ପାଇଁ ଜରୁରୀ । ଚୀନ ମଧ୍ୟ ବାଂଲାଦେଶ ଓ ପାକିସ୍ତାନ ମଧ୍ୟରେ ବଢୁଥିବା ନିକଟତାକୁ ପରୋକ୍ଷରେ ସମର୍ଥନ କରୁଛି, ଯାହା ଭାରତ ପାଇଁ ବିପଦ ଦ୍ୱିଗୁଣିତ ହେବ ।

# ନୂଆବର୍ଷରେ ବନ୍ଦ ରହିବ ଅନଲାଇନ୍ ଫୁଡ୍ ଡେଲିଭରୀ

**ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି):**ଜିରୋନାଇଟ୍ ଏବଂ ନୂଆବର୍ଷରେ ଅନଲାଇନ ଅର୍ଡର ବନ୍ଦ । ଘରେ ପହଞ୍ଚିବନି ଆପଣଙ୍କ ମଗାଇଥିବା ଖାଦ୍ୟ । ସତର୍କ ନରହିଲେ ରହିପାରନ୍ତି ଉପବାସ । ଏହି ଦୁଇ ଦିନରେ ଯଦି ଆପଣ ଘରେ ବସି ଖାଦ୍ୟ ମଗାଇବା ପାଇଁ ଯୋଜନା କରୁଥିବେ ତାହେଲେ ଆଗୁଆ ହୋଇଯାଆନ୍ତୁ ସଚେତନ । କାରଣ ଆଉ ୧୦ ମିନିଟରେ ଆପଣଙ୍କ ନିକଟରେ ପହଞ୍ଚିବନି ଗରମା ଗରମ ଖାଦ୍ୟ । ଠପ୍ ହେବାକୁ ଯାଉଛି ଅନଲାଇନ୍ ଖାଦ୍ୟ ଡେଲିଭରୀ । ବିଭିନ୍ନ ଦାବି ନେଇ ଆସନ୍ତା ୩୧ ତାରିଖରୁ ପୁଣି ଥରେ ହରତାଳ କରିବା ପାଇଁ ଡାକରା ଦେଇଛି ସ୍ୱିଗ୍ ୱର୍କର୍ସ । ସ୍ୱିଗୀ, ଜୋମାଟୋ, ବ୍ଲିଙ୍କଟ୍ ଭଳି ଅନଲାଇନ୍ ଖାଦ୍ୟ ଡେଲିଭରୀ କରୁଥିବା ପ୍ଲାଟଫର୍ମରେ କାମ କରୁଥିବା କର୍ମଋରୀଙ୍କ ଆନ୍ଦୋଳନ ଲୋକଙ୍କ ଉପରେ ନିଶ୍ଚୟ ପ୍ରଭାବ ପକାଇବ । ତେବେ ଏହି ହରତାଳ ଡାକରା ଦେଇଛି ଆଇଏଫଏଟି । ଗତ ୨୫ ତାରିଖରେ ଏଭଳି ହରତାଳ ଡାକରା ଦେଇଥିଲେ ସ୍ୱିଗ୍ ୱାର୍କର୍ସ




। ଏହାଦ୍ୱାରା ଗୁରୁଗ୍ରାମ ସର୍ବାଧିକ ପ୍ରଭାବିତ ହୋଇଥିଲା । ସେପଟେ ଥଣ୍ଡା ସାଙ୍ଗକୁ ଘନ କୁହୁଡ଼ି ପାଇଁ କର୍ମଋରୀମାନେ ଖାଦ୍ୟ ପହଞ୍ଚାଇବା ଲାଗି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ରାତି ୧୧ଟା ପରେ ସର୍ଭିଭସକୁ ବନ୍ଦ କରିବା ପାଇଁ ଦାବି ରକିଛନ୍ତି । ଏହାକୁ ନେଇ ଆପଣଙ୍କ ମତାମତ କ'ଣ କମେଣ୍ଟ ମାଧ୍ୟମରେ ଜଣାନ୍ତୁ । ସେପଟେ ଡେଲିଭରି ବୟଙ୍କ ଦାବି ଅନୁସାରେ ୧୦ ମିନିଟରେ ଡେଲିଭରି ମଡେଲ ପାଇଁ ବହୁ ବିପଦରେ ନେଇ ଖାଦ୍ୟ ଦେବାକୁ ପଡୁଛି । ଦ୍ରୁତଗତି, ଟ୍ରାଫିକ୍ ସମସ୍ୟା, ପ୍ରଦୂଷଣ ଭଳି ବହୁ ବିପଦପୂର୍ଣ୍ଣ ଲକ୍ଷ୍ୟ ରହୁଛି । ନୀତି ଆୟୋଗର ରିପୋର୍ଟ ଅନୁଯାୟୀ, ୨୦୨୦-୨୧ରେ ଭାରତରେ ପ୍ରାୟ ୭.୭ ନିୟୁତ ଗିଗ୍ କର୍ମଋରୀ ଥିଲେ । ମାତ୍ର ୨୦୨୯-୩୦ ସୁଦ୍ଧା ,ହା ୨୩.୫ ନିୟୁତରେ ପହଞ୍ଚିବ ବୋଲି କୁହାଯାଉଛି । ଯଦିଓ ସରକାର ସାମାଜିକ ସୁରକ୍ଷା ସଂହିତ ଅଧୀନରେ ଗିଗ୍ କର୍ମଋରୀଙ୍କୁ ମାନ୍ୟତା ପ୍ରଦାନ ଆରମ୍ଭ କରିଛନ୍ତି ମାତ୍ର ଏହା ଯଥେଷ୍ଟ ନୁହେଁ ବୋଲି ସଂଘ ପକ୍ଷରୁ କୁହାଯାଇଛି । ୟୁନିୟନ ପକ୍ଷରୁ କୁହାଯାଇଛି କି, ସର୍ବନିମ୍ନ ମଜୁରୀ, ସାମାଜିକ ସୁରକ୍ଷା ଏବଂ ଆଲଗୋରିଦିମ୍ ନିୟମନ୍ତ୍ରଣ ଉପରେ ସ୍ପଷ୍ଟ ନିୟମ ପାଇଁ ଦାବି ହୋଇଛି । ଧର୍ମଘଟଣ ମୁଖ୍ୟ କାରଣ ଏଗୁଡ଼ିକ ବୋଲି କୁହାଯାଉଛି ।

# ଉନ୍ନାଓ ଦୁଷ୍କର୍ମ ମାମଲା,ହାଇକୋର୍ଟଙ୍କ ଜାମିନ୍ ଆଦେଶ ଉପରେ 'ସୁପ୍ରିମ୍' ରୋକ୍

**ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି):**ବହୁଚର୍ଚ୍ଚିତ ଉତ୍ତରପ୍ରଦେ ଉନ୍ନାଓ ଦୁଷ୍କର୍ମ ମାମଲାରେ ଅଜଜି ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି । ଦୁଷ୍କର୍ମ ମାମଲାରେ ମୁଖ୍ୟ ଅଭିଯୁକ୍ତ ତଥା ପୂର୍ବତନ ବିଧାୟକ କୁଳଦୀପ ସେଙ୍ଗରଙ୍କ ଜାମିନ୍ଆବେଦନ ଉପରେ ରୋକ ଲାଗିଛି । ହାଇକୋର୍ଟଙ୍କ ଜାମିନ୍ ଆଦେଶ ଉପରେ ସୁପ୍ରିମ୍ ରୋକ ଲାଗିଛି । ସିବିଆଇର ବିଜୟ ହୋଇଛି । କୁଳଦୀପ ସେଙ୍ଗରଙ୍କୁ ମିଳିବନି ଜାମିନ । ଜେଲ୍ ହିଁ ରହିବ କୁଳଦୀପ। ସିଜେଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧକ୍ଷତାର ଗଠିତ ୩ ଜଣିଆ ଖଣ୍ଡପୀଠ ମାମଲାର ଶୁଣାଣି କରି ଏହି ରାୟ ଦେଇଛନ୍ତି । ୨୦୧୭ରେ ଉନ୍ନାଓ ଦୁଷ୍କର୍ମ ମାମଲା ଦେଶରେ ଚହଳ ପକାଇଥିଲା । ଦିଲ୍ଲୀ ହାଇକୋର୍ଟ ରାୟ ବିରୋଧରେ ସିବିଆଇ ଯାଚିକା ଉପରେ ଆଜି ଶୁଣାଣି କରିଥିଲେ ସୁପ୍ରିମକୋର୍ଟ । ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ କୁଳଦୀପ ସେଙ୍ଗରର ଦଣ୍ଡାଦେଶ ଦିଲ୍ଲୀ ହାଇକୋର୍ଟ ସସ୍ପେଣ୍ଡ କରିବା ସହିତ ସର୍ତ୍ତମୂଳକ ଜାମିନ୍ ଦେଇଥିଲେ । ହେଲେ ସେ ଏବେ ଜେଲରେ ରହିବ । ସିବିଆଇ ଏହି ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା । ହାଇକୋର୍ଟଙ୍କ ଆଦେଶ ଉପରେ ରୋକ ଲଗାଇବାକୁ ଦାବି କରିଥିଲେ ସିବିଆଇ । ଦିଲ୍ଲୀ ହାଇକୋର୍ଟ ପ୍ରଦାନ କରିଥିବା ଜାମିନ ଉପରେ ରହିତାଦେଶ ଲଗାଇଛନ୍ତି ସୁପ୍ରିମକୋର୍ଟ ଯାହା କୁଳଦୀପକୁ ଝଟକା ଦେଇଛି । ଏହା ସହିତ ସେଙ୍ଗରକୁ ନୋଟିସ୍ ହୋଇଛି । ଦିଲ୍ଲୀ ହାଇକୋର୍ଟ ଦଣ୍ଡାଦେଶ ସସ୍ପେଣ୍ଡ କରିଥିଲେ ବି ଉନ୍ନାଓ ପିଡ଼ିତାଙ୍କ ବାପାଙ୍କ ହତ୍ୟା ମାମଲାରେ ସେଙ୍ଗର ଆଜୀବନ ସଜା କାଟୁଛି । ସିଜେଆଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ସିବିଆଇ ଦାଖଲ କରିଥିବା ଯାଚିକାର ଶୁଣାଣି କରିଥିଲେ । ସିବିଆଇର ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଯୁକ୍ତି ଦେଇଥିଲେ ଯେ ଏହା ଏକ ଭୟଙ୍କର ମାମଲା ଯେଉଁଥିରେ ପୀଡିତା ଜଣେ ନାବାଳକ ଥିଲେ । ସେଙ୍ଗାରଙ୍କୁ IPCର ଧାରା ୩୭୬ ଏବଂ POCSO ଆଇନର ଧାରା ୫ ଏବଂ ୬ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ୨୦ ବର୍ଷକିମ୍ବା ଆଜୀବନ କାରାଦଣ୍ଡ ପର୍ଯ୍ୟନ୍ତ ହୋଇପାରେ, ବିଶେଷକରି ଯେତେବେଳେ ଅପରାଧୀ ପ୍ରଭାବଶାଳୀ ପଦବୀରେ ଥାଏ । ଜଣେ ବିଧାୟକ ହୋଇଥିବାରୁ, ସେଙ୍ଗାର ପଦବୀ'ରେ ଥିଲେ, ଯାହା ଏକ ଗୁରୁତର ଅପରାଧ । ହାଇକୋର୍ଟ ସେଙ୍ଗାରଙ୍କୁ 'ସାର୍ବଜନୀନ ସେବକ' ଭାବରେ ନ ଦର୍ଶାଇ ଭୁଲ କରିଛନ୍ତି । ଜଷ୍ଟିସ୍ ଜେକେ ମାହେଶ୍ୱରୀ ଏବଂ ସିଜେଆଇ ଆଇନଗତ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ ।

# ଦିଦି ବାଂଲାଦେଶର ପ୍ରଧାନମନ୍ତ୍ରୀ ହୋଇଯାଆନ୍ତୁ

**କୋଲକାତା,୨୯।୧୨(ଏଜେନ୍ସି):** ବାଂଲାଦେଶୀ ଯଦି ଏତେ ପସନ୍ଦ କରୁଛନ୍ତି ତେବେ ସେଠାକାର ପ୍ରଧାନମନ୍ତ୍ରୀ ହୋଇଯାଅ । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଏଭଳି ଉପଦେଶ ଦେଲେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ । ମମତା ବାନାର୍ଜୀ ପଶ୍ଚିମବଙ୍ଗ ଅପେକ୍ଷା ବାଂଲାଦେଶରେ ଅଧିକ ଲୋକପ୍ରିୟ ବୋଲି ଟିଏମସି ସାଂସଦ ସୌଗତ ରାୟ ବୟାନ ଦେଇଥିଲେ । ଏହା ଉପରେ ଗିରିରାଜ ସିଂହ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ମମତା ବାନାର୍ଜୀ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସହିତ ସେଠାକୁ ଋଲିଯାଆନ୍ତୁ ଏବଂ ସେଠାରେ ପ୍ରଧାନମନ୍ତ୍ରୀ ହୋଇ ରୁହନ୍ତୁ । ଆମେ ବଙ୍ଗଳାକୁ ବାଂଲାଦେଶ ହେବାକୁ ଦେବୁ ନାହିଁ ।ତାଙ୍କ କହିବା ମୁତାବକ, ମମତା ବାନାର୍ଜୀ ରୋହିଙ୍ଗ୍ୟା ଏବଂ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ପାଇଁ ଭାରତ ଆସିବାକୁ ଲାଲ କାର୍ପେଟ ବିଛାଉଛନ୍ତି । ସେମାନଙ୍କୁ ସମର୍ଥନ କରି ସେ ହିନ୍ଦୁମାନଙ୍କୁ ହତ୍ୟା କରୁଛନ୍ତି । ଯଦି ମମତା ବାଂଲାଦେଶରେ ଅଧିକ ଲୋକପ୍ରିୟ, ତେବେ ସେ ବଙ୍ଗଳାକୁ ଛାଡି ତାଙ୍କର ଅନୁପ୍ରବେଶକାରୀଙ୍କ ସହିତ ସେଠାକୁ ଋଲିଯିବା ଉଚିତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ପୁରୁଣା ଫଟୋ ସେୟାର କରି ଦିଗ୍‌ବିଜୟ ଏକ୍ସରେ ଲେଖିଥିଲେ ଯେ, ଯେଉଁଥିରେ ପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀଙ୍କ ପାଦତଳେ ବସିଥିବାର ଦେଖାଯାଇଥିଲା। ଫଟୋ ସହିତ କଂଗ୍ରେସ ନେତା ଲେଖିଥିଲେ, ଆରଏସଏସର ଜଣେ ତୃଣମୂଳ ସ୍ୱୟଂସେବକ ଏବଂ ବିଜେପିର କର୍ମୀ ନେତାମାନଙ୍କ ପାଦ ତଳେ ବସି ମୁଖ୍ୟମନ୍ତ୍ରୀ ଏବଂ ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ । ଏହା ସଂଗଠନର ଶକ୍ତି ।ଏହା ଉପରେ ଜବାବ ଦେଇ ଗିରିରାଜ କହିଛନ୍ତି ଯେ, ଦିଗବିଜୟ ସିଂହ ପ୍ରଶଂସା କରନ୍ତୁକିମ୍ବାକରନ୍ତୁ କିଛିଫରକ ପଡ଼େନାହିଁ । ବିଜେପି ହେଉଛି କର୍ମୀଙ୍କ ଦଳ, ଦେଶପ୍ରେମୀଙ୍କ ଦଳ । ଆଉ କଂଗ୍ରେସ ହେଉଛି ପରିବାରବାଦର ଦଳ । ଏହା ନେହେରୁ-ଇନ୍ଦିରାଙ୍କ ବଂଶର ପାଦ ଋଟିବା ଦଳ ।



# ନୂଆ ବର୍ଷରୁ ଆମାଜନ.ଇନ ରେ ଫିଟନେସ ସାମଗ୍ରୀ ଉପରେ ବିଶେଷ ଅଫର

ଭୁବନେଶ୍ୱର, ୨୯।୧୨ (ନି.ପ୍ର) : ନୂଆ ବର୍ଷରେ ଫିଟ୍ ରହିବାକୁ ଆମାଜନ.ଇନ ପକ୍ଷରୁ 'ଗେଟ୍ ଫିଟ୍ ଡେଜ୍' ର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ହୁପ୍, ୟୋନେକ୍ସ, ଲାଇଫଲଙ୍ଗ ଓ ଅନ୍ୟାନ୍ୟ ବିଶ୍ୱସ୍ତ ବ୍ରାଣ୍ଡରୁ ବ୍ୟାୟାମ ଓ ଫିଟନେସ୍ ସାମଗ୍ରୀ ସହଜରେ ମିଳିବ। ଯେଉଁମାନେ ଘରେ ବ୍ୟାୟାମ କରିବାକୁ ଚାହୁଁଛନ୍ତି କିମ୍ବା ନିଜର ଫିଟନେସ୍ ଗିଅରକୁ ନୂତନ କରିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ଏହା ଭଲ ସୁଯୋଗ। ଏହି ସମୟରେ ଡେବିଟ୍ ଓ କ୍ରେଡିଟ୍ କାର୍ଡରେ ବିଶେଷ ଅଫରମାନ ମଧ୍ୟ ଉପଲବ୍ଧ ହେବ। ଆମାଜନ.ଇନ ର ହୋମ୍ ଇମ୍ପ୍ରୁଭମେଂଟ ଓ ସ୍ପୋର୍ଟସ୍ ଡାଇରେକ୍ଟର କାର୍ତିକ ସୁବାରାୟାପ୍ପା କହିଛନ୍ତି, 'ଆଜିକାଲି ଗ୍ରାହକମାନେ ଫିଟନେସ୍‌କୁ ବହୁତ ଗୁରୁତ୍ୱ ଦେଉଛନ୍ତି। ଏହି କାରଣରୁ ଆମାଜନ.ଇନ ରେ ଫିଟନେସ୍ ସାମଗ୍ରୀ ସବୁଠାରୁ ଦ୍ରୁତ ବଢୁଥିବା ବର୍ଗ ମାନଙ୍କ ମଧ୍ୟରୁ ଅନ୍ୟତମ। କ୍ରୀଡା ଓ ବ୍ୟାୟାମ ସାମଗ୍ରୀରୁ ଆରମ୍ଭ କରି ପିନ୍ଧିବା ଯୋଗ୍ୟ ଉପକରଣ ପର୍ଯ୍ୟ' ଲୋକମାନଙ୍କ ମଧ୍ୟରେ ଆଗ୍ରହ ବଢିବାରେ ଲାଗିଛି। ଆମେ ଏଆଇ-ସହାୟତାପ୍ରାପ୍ତ ଖୋଜାଖୋଜି, ଗ୍ରାହକ ମୂଲ୍ୟାଙ୍କନ ଓ ଲାଇଭ୍ ସପିଂ ଅଭିଜ୍ଞତା ସହିତ ପ୍ରମୁଖ ବ୍ରାଣ୍ଡରୁ ନୂତନ ସାମଗ୍ରୀ ଆଣୁଛୁ, ଯାହା ଗ୍ରାହକମାନଙ୍କୁ ସହଜରେ ପସନ୍ଦ ଆସିବ। ନୂତନ ହୁପ୍ ୫.୦ ଯାହାକି ବିଶ୍ୱର ପ୍ରମୁଖ ହ୍ୟୁମାନ୍ ପରଫର୍ମାନ୍ସ ଏକ୍ସପର୍ଟମାନେ ଡିଜାଇନ୍ କରିଛନ୍ତି ଏବଂ କ୍ରିଷ୍ଟିଆନୋ ରୋନାଲଡୋ ଭଳି ଖ୍ୟାତିନାମା ଖେଳାଳିମାନେ ପିନ୍ଧୁଛନ୍ତି, ଏହା ଆପଣଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ନିରୀକ୍ଷଣ ସୁବିଧା ଦେଇଥାଏ। ୧୪ ଦିନରୁ ଅଧିକ ବ୍ୟାଟେରି ଲାଇଫ୍, ପ୍ରତି ସେକେଣ୍ଡ୍‌ରେ ଡାଟା କ୍ୟାପଚର୍ କରିବାର ସୁବିଧା ଏବଂ ଶରୀରର ବିଭିନ୍ନ ସ୍ଥାନରେ ପିନ୍ଧିବାର ସୁବିଧା ସହିତ ଏହା ୨୪/୭ ଇନସାଇଟ୍ ଦେଇଥାଏ। ହୁପ୍ ୱାନର ର ଦାମ ୨୦,୯୯୦ ଟଙ୍କା ଏବଂ ହୁପ ପିକ ର ଦାମ ୨୭,୯୯୦ ଟଙ୍କା, ଯାହାକି ଡେବିଟ୍ ଓ କ୍ରେଡିଟ୍ କାର୍ଡ୍‌ରେ ଅଫର୍ ସହିତ ଉପଲବ୍ଧ ହେବ।

ଘରେ ବ୍ୟାୟାମ କରିବାକୁ ଇଚ୍ଛୁକମାନଙ୍କ ପାଇଁ ବ୍ଲୁଡଫିଟ ରେଜିଷ୍ଟାନ୍ସ ବ୍ୟାଣ୍ଡ ସେଟ (ଟଙ୍କା ୧,୧୯୯) ଏକ ସମ୍ପୂର୍ଣ୍ଣ ହୋମ୍ ଜିମ୍ ସମାଧାନ, ଯେଉଁଥିରେ ୫ଟି ଭିନ୍ନ ରେଜିଷ୍ଟାନ୍ସ ଟ୍ୟୁବ୍, ହାଣ୍ଡଲ୍, ଡୋର୍ ଆଙ୍କର୍ ଓ ଅନ୍ୟାନ୍ୟ ସାମଗ୍ରୀ ରହିଛି। ସହଜ ବ୍ୟବହାର ପାଇଁ ସ୍ଲୋଭିକ ଡୋର ପୁଲ ଅପ ବାର (ଟଙ୍କା ୫୯୯) ମଧ୍ୟ ଉପଲବ୍ଧ, ଯାହାରେ ଏଡଜଷ୍ଟ କରିବାର ସୁବିଧା, ଆଂଟି-ସ୍କିଡ୍ ଗ୍ରିପ୍ ଏବଂ ୧୦୦ କିଲୋଗ୍ରାମ୍ ପର୍ଯ୍ୟନ୍ତ ଭାର ଉଠାଇବାର କ୍ଷମତା ରହିଛି।

# କେଏଲ୍ ଡିମ୍ଡ ଟୁ ବି ୟୁନିଭର୍ସିଟିର ଏକ୍ସଭି ସମାବର୍ତ୍ତନ ଉତ୍ସବ

## ସ୍ନାତକ ରୁ ଡ଼କ୍ଟରେଟ ପର୍ଯ୍ୟନ୍ତ ୫୦୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ

ଭୁବନେଶ୍ୱର, ୨୯।୧୨ (ନି.ପ୍ର) : କେଏଲ୍ ଡିମ୍ଡ ଟୁ ବି ୟୁନିଭର୍ସିଟି ପକ୍ଷରୁ ଏହାର ଏକ୍ସଭି ସମାବର୍ତନ ସମାରୋହରେ ବଦେଶ୍ୱରମ କ୍ୟାମ୍ପସଠାରେ ୨୦୨୫ ଶିକ୍ଷା ବର୍ଷର ୫୦୦୦ରୁ ଅଧିକ ସ୍ନାତକ ଛାତ୍ରଛାତ୍ରୀଙ୍କୁ ଡ଼ିଗ୍ରୀ ପ୍ରଦାନ କରାଯାଇଛି । ଏହି ସମାରୋହରେ ଭାରତର ନ୍ୟାଶନାଲ ଏକାଡେମୀ ଅଫ୍ ସାଇନ୍ସେସର ଅଧ୍ୟକ୍ଷ ପ୍ରଫେସର ବିନୋଦ କେ. ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ସମାବର୍ତନ ସମାରୋହକୁ ସମ୍ବୋଧିତ କରିଥିଲେ। ସେହିପରି ଟାଟା ମେମୋରିଆଲ ସେଂଟର- ରୁରାଲ ଆଉଟରିଚ୍ ପ୍ରୋଗ୍ରାମର କୋଅର୍ଡିନେଟର ଡଃ ଶ୍ରୀପଦ ବାନାଭାଲ୍ଲୀ ସମ୍ମାନିତ ଅତିଥି ଭାବେ ଏହି ସମାରୋହରେ ଅଂଶଗ୍ରହଣ କରିଥିଲେ। ଗ୍ରାଜୁଏଟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ମାନ୍ୟବର ଚାନ୍ସେଲର ଇନିୟର କୋନେରୁ ସତ୍ୟନାରାୟଣ କହିଛନ୍ତି ଯେ, 'ଶିକ୍ଷା ସମାବର୍ତନ ସମାରୋହରେ ଶେଷ ହୁଏ ନାହିଁ ବରଂ ଏହିଠାରୁ ଆରମ୍ଭ ହୋଇଥାଏ। ଶିଖିବାର ପ୍ରକୃତ ମାପକାଠି ଏହି ଗ୍ରାଜୁଏଟମାନେ କିଭଳି ସମାଜ ପାଇଁ ମୂଲ୍ୟ ସୃଷ୍ଟି କରିବା ପାଇଁ ସଚ୍ଚୋଟତା, ଦାୟିତ୍ୱ ଓ ପ୍ରତିବଦ୍ଧତା ସହିତ ନିଜର ଜ୍ଞାନକୁ ପ୍ରୟୋଗ କରନ୍ତି ତାହା ଉପରେ ନିର୍ଭର କରିଥାଏ।' ଭାଇସ-ଚାନ୍ସେଲର ଡଃ ଜି. ପାର୍ଥସାରଧି ବର୍ମା କହିଛନ୍ତି, 'ଏକ୍ସଭି ସମାବର୍ତନ ସମାରୋହ ଶିକ୍ଷା, ଅନୁସନ୍ଧାନ ଓ ସାମଗ୍ରିକ ଶୈକ୍ଷିକତା କ୍ଷେତ୍ରରେ ଉତ୍କର୍ଷତା ପ୍ରତି ଆମର ପ୍ରତିବଦ୍ଧତାକୁ ଆଲୋକିତ କରୁଛି, ଯାହା ଗ୍ରାଜୁଏଟମାନଙ୍କୁ ଦାୟିତ୍ୱପୂର୍ଣ୍ଣ ବୃତିଗତ ଓ ସାମାଜିକ ନେତୃତ୍ୱ ପାଇଁ ପ୍ରସ୍ତୁତ କରିଥାଏ। ନିଜର ସମାବର୍ତନ ଅଭିଭାଷଣରେ ପ୍ରଫେସର ବିନୋଦ କେ. ସିଂହ ଗ୍ରାଜୁଏଟମାନଙ୍କୁ ସ୍ୱଳ୍ପାବଧି ସଫଳତାଗୁଡିକରୁ ବାହାରକୁ ଦେଖିବା ଏବଂ ସଚେତନ ଭାବରେ ଉଦ୍ଦେଶ୍ୟ, ସଚ୍ଚୋଟତା ଓ ଶୃଙ୍ଖଳା ସହ ଜଡିତ କ୍ୟାରିୟର ଗଠନ କରିବା ପାଇଁ ଆବେଦନ କରିଥିଲେ। ନୈତିକ ଆଚରଣ, ସମୟାନୁବର୍ତିତା ଓ ସାମାଜିକ ଦାୟିତ୍ୱ ଉପରେ ମହତ୍ୱ ଦେଇ ସେ ଛାତ୍ରଛାତ୍ରୀଙ୍କୁ ଜାତୀୟ ବିକାଶ ଓ ଜନକଲ୍ୟାଣ ପାଇଁ ସାର୍ଥକ ଭାବେ ଯୋଗଦାନ ଦେବାକୁ ପ୍ରୋତ୍ସାହିତ କରିଥିଲେ। ଉପସ୍ଥିତ ଅତିଥିଙ୍କୁ ସମ୍ବୋଧିତ କରି ଡଃ ଶ୍ରୀପଦ ବାନାଭାଲୀ ଜଣେ ବ୍ୟକ୍ତିଙ୍କ ପେସାକୁ ଉଦ୍ଦେଶ୍ୟ, ଆଗ୍ରହ ଓ କୌତୁହଳ ସହ ସମନ୍ୱିତ କରିବାର ମହତ୍ୱକୁ ହାଇଲାଇଟ କରିବା ପାଇଁ ଔଷଧ କ୍ଷେତ୍ରରେ ନିଜ ଜୀବନର ଅଭିଜ୍ଞତାକୁ ଉପସ୍ଥାପନ କରିଥିଲେ। ସେ ଗ୍ରାଜୁଏଟମାନଙ୍କୁ ସ୍ୱାଧୀନ ଭାବେ ବିଚାର କରିବା, ସ୍ଥାୟୀ ପ୍ରତିବଦ୍ଧତାର ସହ ସମାଜର ସେବା କରିବା ଏବଂ ଦୀର୍ଘକାଳିନ ପ୍ରଭାବକୁ ଅନୁସରଣ କରିବା ସହ ବ୍ୟକ୍ତିଗତ ଉନ୍ନତିକୁ ପ୍ରାଥମିକତା ଦେବା ପାଇଁ ଆହ୍ୱାନ କରିଥବଲେ।




ଇଞ୍ଜିନିୟରିଂ, ମ୍ୟାନେଜମେଂଟ, ସାଇନ୍ସ, ଲ', ଫାର୍ମାସି, ଆଗ୍ରିକଲ୍‌ଚର ଓ ହ୍ୟୁମାନିଟିଜ୍ ଭଳି ବିଭିନ୍ନ ପାଠ୍ୟକ୍ରମଗୁଡିକର ପ୍ରତିନିଧିତ୍ୱ କରୁଥିବା ୧୮୪ ଜଣ ଡକ୍ଟରେଟ ସ୍କୋଲାର, ୭୦୦ରୁ ଅଧିକ ପୋଷ୍ଟ ଗ୍ରାଜୁଏଟ ଓ ୪୫୦୦ରୁ ଅଧିକ ଅଣ୍ଡରଗ୍ରାଜୁଏଟ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଗ୍ରାଜୁଏଟ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ୩୪୦ ଜଣ ଏମବିଏ, ୧୦୫ ଜଣ ଏମ୍‌ଟେକ୍, ୪୦ ଜଣ ଲ', ୩୨୦୦ ଜଣ ବିଟେକ୍, ୧୨ ଜଣ ଆର୍କିଟେକ୍‌ଚର, ୪୮ ଜଣ ବି.ଫାର୍ମାସି, ୩୩୦ ଜଣ ବିସିଏ, ୩୨୫ ଜଣ ବିବିଏ, ୩୭ ଜଣ ବି.କମ୍, ୧୮ ଜଣ ବି.ଏସସି (ଭିଜୁଆଲ କମ୍ୟୁନିକେଶନ), ୨୫ ଜଣ ବିଏ, ୧୮୦ ଜଣ ବି.ଏସସି (ଆଗ୍ରିକଲ୍‌ଚର), ୧୪ ଜଣ ଏମ୍.ଫାର୍ମାସି, ୩୨ ଜଣ ଏମ୍.ଏସସି (କେମିଷ୍ଟ୍ରି) ଓ ୨୨୦ ଜଣ ଏମ୍‌ସିଏ ଗ୍ରାଜୁଏଟ ସାମିଲ ଥିଲେ।

# ସେଲ୍‌ର ସୁରକ୍ଷା ମଣ୍ଡଳୀ ଦଳ 'ପ୍ରୟୋଗ' ଦ୍ୱାରା ଏନସିକ୍ୟୁସି - ୨୦୨୫ରେ ସମ୍ମାନଜନକ ପାର୍ ଏକ୍ସେଲେନ୍ସ ସ୍ୱର୍ଣ୍ଣ ପୁରସ୍କାର ହାସଲ

ରାଉରକେଲା, ୨୯।୧୨ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର କୋଲ କେମିକାଲ ବିଭାଗ (ସିସିଡ଼ି) ବିଭାଗର 'ପ୍ରୟୋଗ' ସୁରକ୍ଷା ମଣ୍ଡଳୀ ଦଳ ଡିସେମ୍ବର ୧୯ ରୁ ୨୨ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ଅନୁଷ୍ଠିତ ନ୍ୟାସନାଲ୍ କନଭେନସନ୍ ଅନ୍ କ୍ୱାଲିଟି କନସେପ୍ଟସ୍ (ଏନସିକ୍ୟୁସି) ୨୦୨୫ ରେ ପାର୍ ଏକ୍ସେଲେନ୍ସ ସ୍ୱର୍ଣ୍ଣ ପୁରସ୍କାର ପାଇ କାରଖାନା ପାଇଁ ଗୌରବ ଆଣି ଦେଇଛି।

ଆମୋନିୟମ୍ ସଲଫେଟ୍ ପ୍ଲାଣ୍ଟ ସ୍ଥାନରେ କାର୍ବନ ମନୋକ୍ସାଇଡ୍ (ସିଓ) ମନିଟର ସ୍ଥାପନ କରାଯାଇଥିଲା ଏବଂ ନିୟନ୍ତ୍ରଣ କକ୍ଷ ସହ ସମାନ୍ତରାଳ ଭାବରେ ସଂଯୁକ୍ତ କରାଯାଇଥିଲା ଯାହା ଗ୍ୟାସ୍ ଲିକେଜ୍ ଚିହ୍ନଟ କରିଥିଲା। ଅସ୍ୱାଭାବିକ ଗ୍ୟାସ୍ ସ୍ତର କ୍ଷେତ୍ରରେ ଅପରେଟର ମାନଙ୍କୁ ସତର୍କ କରିବା ନିମନ୍ତେ ନିୟନ୍ତ୍ରଣ କକ୍ଷରେ ଏକ ବଜର ଏବଂ ଫ୍ଲାସର୍ ସିଷ୍ଟମ୍ ର ପ୍ରଚଳନ ମଧ୍ୟ କରାଯାଇଥିଲା। ଏହି ଦଳ ଡିଭିଜନ ୧ ଶ୍ରେଣୀଭୁକ୍ତ ଅଗ୍ନି ଜୋନରେ ଅବସ୍ଥିତ ବେଞ୍ଜୋଲ ସ୍କ୍ରବରର ଏକ ବ୍ୟାପକ ମରାମତି ମଧ୍ୟ କରିଥିଲେ। ଆରଏସପି



ଅଞ୍ଚଳରେ କୋକ୍ ଓଭେନ୍ ଗ୍ୟାସ୍ ସିଲ୍ ପଟ ରେ ଅଭିନବ ଏବଂ ପ୍ରଭାବଶାଳୀ ସୁରକ୍ଷା ଉନ୍ନତିର ଏକ ଶୃଙ୍ଖଳା କାର୍ଯ୍ୟକାରୀ କରିବା ପାଇଁ ଦଳ ଏହି ସ୍ୱୀକୃତି ପାଇଛି। ଏହି ପ୍ରକଳ୍ପର ସଫଳତା ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ର ନିରନ୍ତର ଉନ୍ନତି ପାଇଁ ଦୃଢ ପ୍ରତିବଦ୍ଧତା ସହିତ ଏହା କର୍ମଚାରୀମାନଙ୍କଠାରୁ ନୂତନ ଚିନ୍ତାଧାରା ପ୍ରୋତ୍ସାହିତ କରିବା ଓ କାର୍ଯ୍ୟକ୍ଷେତ୍ର ସୁରକ୍ଷାକୁ ସର୍ବାଗ୍ରେ ରଖିବାର ଦାୟିତ୍ୱବୋଧତାକୁ ପ୍ରତିଫଳିତ କରେ।

# ଜିରୋ ପଏଣ୍ଟ ଜଳପ୍ରପାତ, ବୁର୍ଲାରେ 'ପ୍ଲାଷ୍ଟିକ୍-ମୁକ୍ତ ପିକନିକ୍ ଅଭିଯାନ ୨୦୨୫' ସଫଳତାର ସହିତ ସମାପ୍ତ

ସମ୍ବଲପୁର, ୨୯।୧୨ (ନି.ପ୍ର): ପରିବେଶ ସୁରକ୍ଷା ଏବଂ ସସ୍ଥାୟୀ ଜୀବନଶୈଳୀକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (OSPCB), ଆଞ୍ଚଳିକ କାର୍ଯ୍ୟାଳୟ ସମ୍ବଲପୁର ଏବଂ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ହିରାକୁଦ ସ୍ମେଲ୍ଟର ଏବଂ ପାୱାରର ସଂଯୁକ୍ତ ପ୍ରୟାସରେ 'ପ୍ଲାଷ୍ଟିକ୍-ମୁକ୍ତ ପିକନିକ୍ ଅଭିଯାନ ୨୦୨୫' ସୁନ୍ଦର ଜିରୋ ପଏଣ୍ଟ ଜଳପ୍ରପାତ, ହିରାକୁଦ ବନ୍ଧ ନିକଟରେ ସଫଳତାର ସହିତ ଆୟୋଜିତ ହୋଇଯାଇଛି।




ଏହି ଅଭିଯାନରେ ବିଭିନ୍ନ ବିଦ୍ୟାଳୟର ପିକନିକ୍ ଦଳ ଏବଂ ବୁର୍ଲାର ଆଲୋକ୍ ଫାଉଣ୍ଡେସନର ପ୍ରାୟ ୨୦୦ ଜଣ ଛାତ୍ରଛାତ୍ରୀ ଉତ୍ସାହର ସହିତ ଅଂଶଗ୍ରହଣ କରି, ଏହି ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳକୁ ପରିବେଶ ସଚେତନତା ଏବଂ କାର୍ଯ୍ୟର ଜୀବନ୍ତ ମଞ୍ଚରେ ପରିଣତ କରିଥିଲେ। କାର୍ଯ୍ୟକ୍ରମର ଅଂଶ ଭାବେ, ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ୍ ମୁକ୍ତ ପରିବେଶର ସନ୍ଦେଶ ପ୍ରଚାର ପାଇଁ ଏକ ସଚେତନତା ର୍ୟାଲି ଆୟୋଜିତ ହୋଇଥିଲାୟ ଏହା ପରେ ପରିବେଶ ସୁରକ୍ଷା, ସ୍ୱଚ୍ଛତା, ଦାୟିତ୍ୱପୂର୍ଣ୍ଣ ଆବର୍ଜନା ପରିଚାଳନା ଏବଂ ପ୍ରାକୃତିକ ପରିସ୍ଥିତିତନ୍ତ୍ରର ସୁରକ୍ଷାକୁ ଉଜାଗର କରୁଥିବା ଏକ ଆକର୍ଷଣୀୟ ପରିବେଶୀୟ ନାଟକ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା 'ମିଶନ୍ ଲାଇଫ୍'ର (Lifestyle for Environment)' ଶପଥ, ଯେଉଁଥିରେ ଛାତ୍ରଛାତ୍ରୀମାନେ ପରିବେଶ-ମିତ୍ର ଅଭ୍ୟାସ ଅପନାଇବା ଏବଂ ଅନ୍ୟମାନଙ୍କୁ ସସ୍ଥାୟୀ ଜୀବନଶୈଳୀ ପାଇଁ ପ୍ରେରିତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

ଏହି ପ୍ରୟାସର ଉଦ୍ଦେଶ୍ୟ ଥିଲା ପର୍ଯ୍ୟଟନ ଏବଂ ପିକନିକ୍ ସ୍ଥଳଗୁଡ଼ିକରେ ପ୍ଲାଷ୍ଟିକ୍ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ସହିତ ସହିତ, ଯୁବ ପିଢ଼ିକୁ ପରିବେଶ ସୁରକ୍ଷାରେ ତାଙ୍କର ଭୂମିକା ସମ୍ପର୍କରେ ସଚେତନ କରିବା। ଏହି କାର୍ଯ୍ୟକ୍ରମରେ ଡଂଫଚଡ଼ଇ, ସମ୍ବଲପୁରର ଆଞ୍ଚଳିକ ଅଧିକାରୀ ଡା. ଏସ୍. ଏନ୍. ନନ୍ଦା, ଏର୍. ରାକେଶ ପାଣ୍ଡା ଏବଂ OSPCB ସମ୍ବଲପୁରର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ହିଣ୍ଡାଲକୋ ହିରାକୁଦ ସ୍ମେଲ୍ଟର ଏବଂ ପାୱାର ପକ୍ଷରୁ ମଧ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ତାଙ୍କ ମଧ୍ୟରେ ଶ୍ରୀ ବିଶ୍ୱାସ ଶିନ୍ଦେ (ୱାର୍କସ ମୁଖ୍ୟ), ଶ୍ରୀ ବିଘ୍ନେଶ୍ୱର ପାଣ୍ଡା, ଶ୍ରୀ ରଞ୍ଜନ ଜେନା (ପରିବେଶ ମୁଖ୍ୟ), ଶ୍ରୀ ବିଶ୍ୱଜିତ ପରିଡ଼ା, ଶ୍ରୀ ଆଦିଶ ଜୈନ, ଶ୍ରୀ ମୃଣ୍ମୟ ଖାନ, କୁମାରୀ ସୋନମ ମହାନ୍ତି, ଶ୍ରୀ ଆଦର୍ଶ ପାଲ ସିଂହ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହା ସହ ଜିରୋ ପଏଣ୍ଟରେ ଉପସ୍ଥିତ ପର୍ଯ୍ୟଟକମାନେ ମଧ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। 'ପ୍ଲାଷ୍ଟିକ୍-ମୁକ୍ତ ପିକନିକ୍ ଅଭିଯାନ ୨୦୨୫'ର ସଫଳ ଆୟୋଜନ OSPCB ଏବଂ ହିଣ୍ଡାଲକୋର ପରିବେଶ ସୁରକ୍ଷା, ସମୁଦାୟ ସଂଲଗ୍ନତା ଏବଂ ଓଡ଼ିଶା ପାଇଁ ଏକ ସ୍ୱଚ୍ଛ ଓ ସବୁଜ ଭବିଷ୍ୟତ ଗଢ଼ିବା ପ୍ରତି ସାଧାରଣ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

# ମୁଖ ସ୍ୱାସ୍ଥ୍ୟକୁ ପୁନଃ ସଜାଡ଼ିବା ପାଇଁ ଡା. ସୋନିଆ ଦତ୍ତାଙ୍କ ଆହ୍ୱାନ

ଭୁବନେଶ୍ୱର, ୨୯।୧୨ (ନି.ପ୍ର): ଜନସ୍ୱାସ୍ଥ୍ୟ ଦନ୍ତ ଚିକିତ୍ସାବିଜ୍ଞାନର ପ୍ରଫେସରଡା. ସୋନିଆ ଦତ୍ତା (MDS, PhD)ଙ୍କ ମତାନୁସାରେ, ବିଶ୍ୱ ୨୦୨୬କୁ ପ୍ରବେଶ କରୁଥିବା ସମୟରେ ନୂଆବର୍ଷର ପାରମ୍ପରିକ ସଙ୍କଳ୍ପ-ଜିମ୍‌ସଦସ୍ୟତା ଓ କଡ଼ାଖାଦ୍ୟ ନିୟମ -ସହ ଏକ ଅପେକ୍ଷାକୃତ ନୂତନ ଧାରଣା ଯୋଗ ହେଉଛି: ମୁଖସ୍ୱାସ୍ଥ୍ୟ ପୁନଃସଜାଡ଼ିବା । ନବୀନ ଗବେଷଣା ଏବଂ ସମଗ୍ର ସ୍ୱାସ୍ଥ୍ୟ ଉପରେ ନବଜାଗ୍ରତ ଧ୍ୟାନ ଦେଖାଉଛି ଯେ ସ୍ୱସ୍ଥ ମୁଖ ହେଉଛି ସ୍ୱସ୍ଥ ଦେହର ମୂଳ ଆଧାର। ଗୁରୁତ୍ୱ ସତ୍ତ୍ୱେ, ମୁଖ ଯତ୍ନକୁ ପ୍ରାୟତଃ ଭୁଲିଯାଇ ଥାଉ। ଲୋକେ ଯେତେବେଳେ ଆହାର ଓ ନିଦ୍ରା ଅଭ୍ୟାସକୁ ପୁନଃ ବିଚାର କରନ୍ତି, ପାଚନ ଓ ଶ୍ୱାସନଳୀ ପ୍ରଣାଳୀର ଦ୍ୱାର ଭାବରେ କାମ କରୁଥିବା ମୁଖକୁ ସାଧାରଣତଃ ଅସୁବିଧା ନହେବା ପର୍ଯ୍ୟନ୍ତ ଅଣଦେଖା କରନ୍ତି। ୨୦୨୬ ମୁଖସ୍ୱାସ୍ଥ୍ୟ ପୁନଃସଜାଡ଼ିବା ତାଲିକା: ଏହିବର୍ଷ ନିଜ ଦୈନିକ ଅଭ୍ୟାସକୁ ଉନ୍ନତ କରିବାକୁ ଇଚ୍ଛୁକ ଲୋକ ମାନଙ୍କ ପାଇଁ ବିଶେଷଜ୍ଞ ମାନେ ପାଞ୍ଚଟି ବ୍ୟବହାରିକ ତାଲିକା ପ୍ରସ୍ତୁତ କରିଛନ୍ତି। ଦୁଇ-ମିନିଟ୍ ନିୟମ: ଦିନକୁ ଦୁଇଥର ପୁରା ୧୨୦ ସେକେଣ୍ଡ ଦାନ୍ତ ମାଜିବା। ଜିଭହାଇଜିନ୍: ବ୍ୟାକଟେରି ଆସଞ୍ଜୟ ହଟାଇବା ପାଇଁ ଦୈନିକ ଜିଭ ସଫା। ଇଣ୍ଟର ଡେଣ୍ଟାଲ୍ ଯତ୍ନ: ଲୁଚିଥିବା ପ୍ଲାକ୍ ପହଞ୍ଚିବା ପାଇଁ ଫ୍ଲସିଂକିମ୍ବା ଇଣ୍ଟର ଡେଣ୍ଟାଲ୍ ବ୍ରଶ୍ ବ୍ୟବହାର। ହାଇଡ୍ରେସନ୍: ଲାଳଉତ୍ପାଦନକୁ ସମର୍ଥନ କରିବା ପାଇଁ ପାଣିସେବନ ବଢ଼ାଇବା - ଏହା ମୁଖର ପ୍ରାକୃତିକ ସୁରକ୍ଷା। ଆୟୁର୍ବେଦିକ ସମ୍ମିଳନ: ଦୈନିକ ଯତ୍ନରେ ପରୀକ୍ଷିତଉଦ୍ଭିଦ ଉପାଦାନ ଅନ୍ତର୍ଭୁକ୍ତ କରିବା। ଆଧୁନିକ ଆୟୁର୍ବେଦିକ ଯତ୍ନର ଉଦୟ: ୨୦୨୬ ପାଇଁ ଏକ ମୁଖ୍ୟ ପ୍ରବୃତ୍ତି ହେଉଛି ଆୟୁର୍ବେଦିକ ଔଷଧି ଉଦ୍ଭିଦ କୁ ମୁଖ ସ୍ୱଚ୍ଛତାର ମୁଖ୍ୟ ଧାରାରେ ସମ୍ମିଳିତ କରିବା। ଉପଭୋକ୍ତା ମାନେ ପ୍ରାକୃତିକ କାର୍ଯ୍ୟ କ୍ଷମତା ଦେଇଥିବା ଉପାଦାନ ଖୋଜୁଛନ୍ତି। ଲବଙ୍ଗତେଲ: ଜୀବାଣୁ ନାଶକ ଗୁଣ ଓ ଯନ୍ତ୍ରଣା କମାଇବାରେ ପରିଚିତ। ପୁଦିନାସତ୍ତ୍ୱ: ଦୀର୍ଘସ୍ଥାୟୀ ଓ ପ୍ରାକୃତିକଶ୍ୱାସ-ତାଜାପନ ପ୍ରଦାନ କରେ। ତୋମରବୀଜ: ସ୍ୱଚ୍ଛ ଏବଂ ସ୍ୱସ୍ଥ ମାଢ଼ି ପାଇଁ ବିଶେଷ ଭାବେ ବ୍ୟବହୃତ।



ଡାବର୍‌ରେଡ୍ ପରିଉତ୍ପାଦ-ଯାହା ଏହି ପ୍ରଭାବଶାଳୀ ଔଷଧି ଉପାଦାନ ଗୁଡ଼ିକୁ ସଂଯୋଜନ କରେ ଏବଂ ଆଇ ଡ଼ି ଏ (ଇଣ୍ଡିଆନ୍‌ଡେଣ୍ଟାଲ୍ ଆସୋସିଏସନ୍) ର ଅନୁମୋଦନ ମୋହର ବହନ କରେ- ପାରମ୍ପରିକ ଜ୍ଞାନ ଓ ଆଧୁନିକ କ୍ଲିନିକାଲ୍ ପ୍ରମାଣିକତାର ସମନ୍ୱୟ ଖୋଜୁଥିବା ଲୋକ ମାନଙ୍କ ପସନ୍ଦ ହେଉଛି।

୨୦୨୬ ମୁଖସ୍ୱାସ୍ଥ୍ୟ ପଦକ୍ଷେପ ସମ୍ପର୍କରେ: ୨୦୨୬ ମୁଖସ୍ୱାସ୍ଥ୍ୟ ପୁନଃ ସଜାଡ଼ିବା ହେଉଛି ଏକ ଆନ୍ଦୋଳନ, ଯାହା ଦାନ୍ତ ସ୍ୱଚ୍ଛତା ଓ ସମଗ୍ର ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟରେ ଥିବା ଗଭୀର ସମ୍ପର୍କ ବିଷୟରେ ସାଧାରଣଙ୍କୁ ସଚେତନ କରିବାକୁ ଉଦ୍ଦିଷ୍ଟ। ସଚେତନ ଏବଂ ଛୋଟ ପରିବର୍ତ୍ତନକୁ ଉତ୍ସାହିତ କରି, ଏହି ପଦକ୍ଷେପ ୨୦୨୬କୁ ସବୁଠୁ ସ୍ୱସ୍ଥ ହସର ବର୍ଷ କରିବାକୁ ଲକ୍ଷ୍ୟ ରଖିଛି।

# ଟିପିଏସ୍‌ଓଡିଏଲ୍ ପକ୍ଷରୁ କୋରାପୁଟରେ ଦୁଇ ନୂଆ ସବଡିଭିଜନ କାର୍ଯ୍ୟାଳୟ କୋଠା ଉଦଘାଟିତ




ବ୍ରହ୍ମପୁର, ୨୯।୧୨ (ନି.ପ୍ର): ଗୁଣାତ୍ମକ ତଥା ଉପଭୋକ୍ତା କୈନ୍ଦ୍ରିକ ବିଦ୍ୟୁତ ସେବାକୁ ପ୍ରାଥମିକତା ଦେଇ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) କୋରାପୁଟ ଜିଲ୍ଲାରେ ଦୁଇ ସବଡିଭିଜନ ଅଫିସ ନିମନ୍ତେ ନୂତନ କୋଠା ନିର୍ମାଣ କରିଛି । କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ, ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ କାର୍ଯ୍ୟାଳୟଗୁଡ଼ିକୁ ଉଦଘାଟନ କରିଛନ୍ତି । କୋରାପୁଟର ଜୟପୁର ସବଡିଭିଜନ-୧ ଓ ଲକ୍ଷ୍ମୀପୁର ସବଡିଭିଜନ କାର୍ଯ୍ୟାଳୟର ଏହି ନୂତନ କୋଠା କମ୍ପାନୀର ପରିଚାଳନାଗତ ଦକ୍ଷତା ବୃଦ୍ଧି କରିବାରେ ସହାୟକ ହେବ । ସେହିଭଳି ବିଦ୍ୟୁତ ସେବା ଗ୍ରାହକଙ୍କ ନିକଟତର ହୋଇପାରିବ। ନୂଆ କାର୍ଯ୍ୟାଳୟରେ ଉନ୍ନତ ଭିତିଭୂମି, ଉତ୍ସର୍ଗୀକୃତ ବିଲିଂ କାଉଣ୍ଟର ଓ ଗ୍ରାହକଙ୍କ ଉଦ୍ଦେଶ୍ୟରେ ସବୁ ମୌଳିକ ସୁବିଧା ରହିଛି। ଉପଭୋକ୍ତାମାନେ ବିଜୁଳିଜନିତ ସମସ୍ୟାର ସମାଧାନ ନିମନ୍ତେ କାର୍ଯ୍ୟାଳୟରେ ପହଞ୍ଚି ପାରିବେ। ଟିପିଏସ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, 'ବିଦ୍ୟୁତ ସେବାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ଲକ୍ଷ୍ୟରେ ଆମେ କ୍ରମାଗତ ପ୍ରୟାସ ଜାରି ରଖିଛୁ । ଏହି କ୍ରମରେ ଗ୍ରାହକ ସେବାକୁ ଅଧିକ ସହଜ କରିବା ପାଇଁ ଓ କର୍ମଚାରୀମାନଙ୍କୁ ଉନ୍ନତ କାର୍ଯ୍ୟକ୍ଷେତ୍ର ପ୍ରଦାନ କରିବା ଲକ୍ଷ୍ୟରେ ଏହି ନୂତନ କାର୍ଯ୍ୟାଳୟଗୁଡ଼ିକ ସହାୟକ ହେବ । ଉପଭୋକ୍ତା-କୈନ୍ଦ୍ରିକ ପଦକ୍ଷେପ ନେଇ ବିଶ୍ୱସନୀୟ ବିଜୁଳି ସେବା ପ୍ରଦାନ ଦିଗରେ ଟିପିଏସ୍‌ଓଡିଏଲ୍ ସଦା ପ୍ରତିଶ୍ରୁତିବଦ୍ଧ ଅଟେ ।

ଟିପିଏସ୍‌ଓଡିଏଲର ଏହି ନୂତନ କାର୍ଯ୍ୟାଳୟଗୁଡ଼ିକ ଭବିଷ୍ୟତ ପାଇଁ କମ୍ପାନୀର ପ୍ରସ୍ତୁତିକୁ ସୂଚାଉଥିବା ବେଳେ ଏକ ସୁଦୃଢ଼ ବିତରଣ ନେଟୱର୍କ ସୁନିଶ୍ଚିତ କରିବାର ସହାୟକ ହେବ ।

# ଧୀରୁଭାଇ ଅମ୍ବାନୀଙ୍କ ଜୟନ୍ତୀ ଅବସରରେ ରିଲାଏନ୍ସ ଫାଉଣ୍ଡେସନ ଛାତ୍ରବୃତ୍ତି ଫଳାଫଳ ଘୋଷଣା

## ୫,୧୦୦ ଜଣ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀ ମନୋନୀତ

## ୩୩,୦୦୦ ରୁ ଅଧିକ ଛାତ୍ରବୃତ୍ତି ପ୍ରଦାନ

ମୁମ୍ବାଇ, ୨୯।୧୨ (ନି.ପ୍ର) : ରିଲାଏନ୍ସର ପ୍ରତିଷ୍ଠାତା ଏବଂ ପୂର୍ବ ଅଧ୍ୟକ୍ଷ ଶ୍ରୀ ଧୀରୁଭାଇ ଅମ୍ବାନୀଙ୍କ ୯୩ତମ ଜନ୍ମବାର୍ଷିକୀ ପୂର୍ବ ସନ୍ଧ୍ୟାରେ, ରିଲାଏନ୍ସ ଫାଉଣ୍ଡେସନ ପକ୍ଷରୁ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ଏହାର ପ୍ରତିଷ୍ଠିତ ସ୍ନାତକ (ଅଣ୍ଡର ଗ୍ରାଜୁଏଟ) ଏବଂ ସ୍ନାତକୋତ୍ତର (ପିଜି) ଛାତ୍ରବୃତ୍ତିର ଫଳାଫଳ ଘୋଷଣା କରାଯାଇଛି। ଏହି ବର୍ଷ, ସାରା ଦେଶରୁ ୫,୦୦୦ ସ୍ନାତକ ଏବଂ ୧୦୦ ଜଣ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଛି।

ଚୟନ ହୋଇଥିବା ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ପିଜି ଛାତ୍ରଛାତ୍ରୀ ମାନଙ୍କୁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ମିଳିବ। ଏହି ପଦକ୍ଷେପ ୨୦୨୨ରେ ଘୋଷିତ ପ୍ରତିଶ୍ରୁତିର ଏକ ଅଂଶ, ଯାହା ଅଧୀନରେ ରିଲାଏନ୍ସ ଫାଉଣ୍ଡେସନ ୧୦ ବର୍ଷ ମଧ୍ୟରେ ୫୦,୦୦୦ ଛାତ୍ରବୃତ୍ତି ପ୍ରଦାନ କରିବ। ଏପର୍ଯ୍ୟନ୍ତ, ରିଲାଏନ୍ସ ଫାଉଣ୍ଡେସନ ୩୩,୪୭୧ ଛାତ୍ରବୃତ୍ତି ପ୍ରଦାନ କରିଛି।

ସାରା ଦେଶରୁ ବ୍ୟାପକ ଅଂଶଗ୍ରହଣ ୨୦୨୫-୨୬ ବ୍ୟାଚ୍ ପାଇଁ ଚୟନ ପ୍ରକ୍ରିୟା ଅତ୍ୟନ୍ତ ପ୍ରତିଯୋଗିତା ମୂଳକ ଥିଲା। ୧ ଲକ୍ଷ ୨୫ ହଜାରରୁ ଅଧିକ ଆବେଦନପତ୍ର ମଧ୍ୟରୁ ମନୋନୀତ ୫,୧୦୦ ଜଣ ଛାତ୍ରଛାତ୍ରୀ ୨୮ଟି ରାଜ୍ୟ ଏବଂ ୪ଟି କେନ୍ଦ୍ରଶାସିତ ଅଞ୍ଚଳରୁ ଆସିଛନ୍ତି ଏବଂ ୧୫,୫୪୪ ଶିକ୍ଷାନୁଷ୍ଠାନର ପ୍ରତିନିଧିତ୍ୱ କରୁଛନ୍ତି, ଯାହା ଏହି କାର୍ଯ୍ୟକ୍ରମର ସର୍ବଭାରତୀୟ ଉପଲବ୍ଧତାକୁ ପ୍ରତିଫଳିତ କରୁଛି।

ରିଲାଏନ୍ସ ଫାଉଣ୍ଡେସନର ମୁଖପାତ୍ର କହିଛନ୍ତି, 'ଭାରତର ଯୁବପିଢ଼ି ଅସାଧାରଣ ପ୍ରତିଭା ଏବଂ ଦୃଢ଼ ସଂକଳ୍ପର ଅଧିକାରୀ। ଆମର ଛାତ୍ରବୃତ୍ତି କେବଳ ଆର୍ଥିକ ସହାୟତା ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ପରାମର୍ଶ, ଦୃଢ଼ ସହକର୍ମୀ ନେଟୱାର୍କ ଏବଂ ନେତୃତ୍ୱ ବିକାଶ ସୁଯୋଗ ମଧ୍ୟ ପ୍ରଦାନ କରେ। ଆମେ ନୂତନ ମେଧାବୀ ମାନଙ୍କୁ ପୁରୁଣା ସୀମାକୁ ଅତିକ୍ରମ କରିବା, ବଡ଼ ସ୍ୱପ୍ନ ଦେଖିବା ଏବଂ 'ବିକଶିତ ଭାରତ' ଲକ୍ଷ୍ୟ ହାସଲ କରିବାକୁ ଉତ୍ସାହିତ କରୁଛୁ।




ବିବିଧତା ଏବଂ ଉତ୍କର୍ଷତା ଉପରେ ବିଶେଷ ଧ୍ୟାନ ଚୟନିତ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିବିଧତା ଏବଂ ପ୍ରତିଭା ଉଭୟ ପରିଲକ୍ଷିତ ହୋଇଛି। ମୋଟ ଚୟନିତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୮୩ ପ୍ରତିଶତ ଏଭଳି ପରିବାରରୁ ଆସିଛନ୍ତି ଯାହାର ବାର୍ଷିକ ଆୟ ଅଢେଇ ଲକ୍ଷ ଟଙ୍କାରୁ କମ୍ ରହିଛି। ଶିକ୍ଷାଗତ ପ୍ରଦର୍ଶନକୁ ଦେଖିବାକୁ ଗଲେ ୯୭ ପ୍ରତିଶତ ସ୍ନାତକ ଛାତ୍ରଛାତ୍ରୀ ଦ୍ୱାଦଶ ଶ୍ରେଣୀରେ ୯୦ ପ୍ରତିଶତରୁ ଅଧିକ ନମ୍ବର ହାସଲ କରିଛନ୍ତି। ସ୍ନାତକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୪୮ ପ୍ରତିଶତ ଝିଅ ଏବଂ ୫୨ ପ୍ରତିଶତ ପୁଅ ରହିଛନ୍ତି। ଏହି ବର୍ଷ, ୧୪୬ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଚୟନ କରାଯାଇଛି। ୧୦୦ ଜଣ ମନୋନୀତ ପିଜି ଛାତ୍ରଛାତ୍ରୀ କୃତ୍ରିମ ବୁଦ୍ଧିମତ୍ତା, କମ୍ପ୍ୟୁଟର ବିଜ୍ଞାନ, ନବୀକରଣୀୟ ଶକ୍ତି ଏବଂ ଲାଇଫ ସାଇନ୍ସ ଭଳି ଭବିଷ୍ୟତ-ମୁଖୀ କ୍ଷେତ୍ରଗୁଡ଼ିକରେ ଅଧ୍ୟୟନ କରୁଛନ୍ତି। ଅନୁଦାନ ସହିତ ଅଧିକ ସହଯୋଗ ସ୍କଲାରସିପ୍ ସହିତ, ମନୋନୀତ ଛାତ୍ରଛାତ୍ରୀ ମାନେ ବିଶ୍ୱବ୍ୟାପୀ ପୂର୍ବରୁ ମେଧାବୃତ୍ତି ପାଇଥିବା ଛାତ୍ରଛାତ୍ରୀଙ୍କ ନେଟୱାର୍କ ଏବଂ ବିଶେଷଜ୍ଞମାନଙ୍କ ଦ୍ୱାରା ପରିଚାଳିତ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମରୁ ଉପକୃତ ହୋଇଥାନ୍ତି। ଅନେକ ପୂର୍ବ ମେଧାବୀ ଭାରତ ଏବଂ ବିଦେଶରେ ମର୍ଯ୍ୟାଦା ଜନକ ନିଯୁକ୍ତି ପାଇଛନ୍ତି, ଗବେଷଣା କରୁଛନ୍ତି ଏବଂ ଅନ୍ତର୍ଜାତୀୟ ମଞ୍ଚରେ ଭାରତ ପାଇଁ ଗୌରବ ଆଣିଛନ୍ତି। ଫଳାଫଳ କିପରି ଦେଖିବେ: ଆବେଦକ ମାନେ scholarships.relia ncefoundation.org କୁ ଯାଇ ଏବଂ ସେମାନଙ୍କର ୧୭-ଅଙ୍କ ବିଶିଷ୍ଟ ଆବେଦନ ନମ୍ବର କିମ୍ବା ପଞ୍ଜିକୃତ ଇମେଲ୍ ଆଇଡି ଦେଇ ଫଳାଫଳ ଦେଖିପାରିବେ।

# ସେଲ୍ ରେ ପ୍ରତିରୋଧକ ସତର୍କତା ଉପରେ ସଚେତନତା ଅଧିବେଶନ 'ଚେତନା' ଅନୁଷ୍ଠିତ



ରାଉରକେଲା, ୨୯।୧୨ (ନି.ପ୍ର): ଦୈନନ୍ଦିନ କାର୍ଯ୍ୟରେ ସ୍ୱଚ୍ଛତା, ଅଖଣ୍ଡତା ଏବଂ ପ୍ରତିରୋଧକ ସତର୍କତାର ଗୁରୁତ୍ୱ ଉପରେ ଅଧିକାରୀମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଡିସେମ୍ବର ୨୬ ତାରିଖରେ ସେଲ, ରାଉରକେଲା ଇସ୍ପାତ କାରଖାନାର କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷରେ 'ଚେତନା' ଶୀର୍ଷକ ଏକ ସଚେତନତା ଅଧିବେଶନ ଆୟୋଜନ ହୋଇଯାଇଛି।

ଏହି ଅଧିବେଶନରେ କାର୍ଯ୍ୟ ବିଭାଗରେ ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ରକ୍ଷଣାବେକ୍ଷଣ ବିଭାଗର ସିଜିଏମ ଶ୍ରୀ ଏସ୍. ଏସ୍. ରାୟଚୌଧୁରୀ ଏବଂ ସତର୍କତା ବିଭାଗର ଜିଏମ ତଥା ଏସିଭିଓ ଶ୍ରୀ ରଞ୍ଜନ ଭାରତୀ ମଞ୍ଚାସୀନ ଥିଲେ। ଏହି ଅଧିବେଶନରେ ବିଭିନ୍ନ ବିଭାଗର ବହୁ ସଂଖ୍ୟକ ସିଜିଏମ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

ଏହି ଅବସରରେ ଶ୍ରୀ ପଲାଇ ଗୁରୁତ୍ୱାରୋପ କରିଥିଲେ ଯେ ସତର୍କତା ଏକ ସାମୂହିକ ଦାୟିତ୍ୱ ଏବଂ ଆରଏସପିରେ ସ୍ୱଚ୍ଛ ଏବଂ ଦକ୍ଷ କାର୍ଯ୍ୟକୁ ସମର୍ଥନ କରିବା ପାଇଁ କାର୍ଯ୍ୟନିର୍ବାହୀମାନଙ୍କୁ ସତର୍କ, ସକ୍ରିୟ ଏବଂ ପ୍ରତିଷ୍ଠିତ ପ୍ରକ୍ରିୟା ସହିତ ଅନୁପାଳନ କରିବାକୁ ଉତ୍ସାହିତ କରିଥିଲେ। ଶ୍ରୀ ଭାରତୀ ତାଙ୍କ ପ୍ରାରମ୍ଭିକ ବକ୍ତବ୍ୟରେ ସାଂଗଠନିକ କାର୍ଯ୍ୟରେ ପ୍ରତିରୋଧକ ସତର୍କତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସନ୍ଦୀପ ବଂଶଲ, ଡିଜିଏମ୍ (ଭିଜିଲାନ୍ସ) 'ପେନାଲ୍ଟି' ଶୀର୍ଷକ ଉପରେ ଏକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ, ଯେଉଁଥିରେ ପ୍ରାସଙ୍ଗିକ ବ୍ୟବସ୍ଥା ଏବଂ ଏହାର ପ୍ରଭାବ ବର୍ଣ୍ଣନା କରାଯାଇଥିଲାୟ ଏହା ପରେ ସତର୍କତା ବିଭାଗର ଏଜିଏମ ଅବନୀ କୁମାର ବିଶ୍ୱାଳ ବିଭିନ୍ନ ଭିଜିଲାନ୍ସ କେସ୍ ଷ୍ଟଡି ଉପରେ ଏକ ଉପସ୍ଥାପନା ପ୍ରଦାନ କରିଥିଲେ, ଯାହା ବ୍ୟବହାରିକ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲା। ଏହି ଅଧିବେଶନଟି ପାରସ୍ପରିକ କ୍ରିୟାଶୀଳ ଥିଲା, ଯେଉଁଥିରେ ଉପସ୍ଥିତ ଲୋକଙ୍କ ସକ୍ରିୟ ଅଂଶଗ୍ରହଣ ଏବଂ ଆଲୋଚନା ହୋଇଥିଲା।

ଆଞ୍ଚଳିକ ମନ୍ଥନ
ମଙ୍ଗଳବାର, ୩୦ ଡିସେମ୍ବର ୨୦୨୫, ଭୁବନେଶ୍ୱର Monday, 30 December 2025, Bhubaneswar





# ଦୂରହେଲା ବାହାଡ଼ାଝୋଲା କୃଷି ସମବାୟ ସମିତିର ଅଚଳାବସ୍ଥା

**ନୂଆଗାଁ ବ୍ଲକ, ୨୯।୧୨ (ନି.ପ୍ର):** ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ବାହାଡ଼ାଝୋଲା ପଞ୍ଚାୟତର କୃଷି ଓ କୃଷକର ବିକାଶ ପାଇଁ ଥିବା ପ୍ରାଥମିକ କୃଷି ସମବାୟ ସମିତି ଲ୍ଲି ର କାର୍ଯ୍ୟାଳୟରେ ତାଲା ବନ୍ଦ ଯୋଗୁଁ ଦୀର୍ଘ ଦିନ ଧରି ଅଚଳାବସ୍ଥା ଲାଗି ରହିଥିବା ବେଳେ ଆଜି ଖୋଲିଲା ତାଲା ,ଦୁରହୋଇଛି ଅଚଳାବସ୍ଥା। ବାହାଡ଼ାଝୋଲା ପ୍ରାଥମିକ କୃଷି ସମବାୟ ସମିତି ର ସଂପାଦକ ଦାୟିତ୍ୱରେ ଥିବା ବିଷ୍ଣୁ ପ୍ରସାଦ ନିଶଙ୍କ ଆର୍ଥିକ ଅନିୟମିତତା, ବିଭାଗୀୟ ଉଚ୍ଚ କୃପକ୍ଷଙ୍କ ଙ୍କ ନିର୍ଦ୍ଦେଶ ଓ ପରିଚାଳନା କମିଟି କୁ ଅବମାନନା ଇତ୍ୟାଦି ଅଭିଯୋଗ ରେ କାର୍ଯ୍ୟରୁ ନିଲମ୍ବିତ ହୋଇଥିଲେ। ହେଲେ ସମିତି ସଂପାଦକ ଶ୍ରୀ ନିଶଙ୍କ ନିଲମ୍ବିତ ହେବା ପରଠାରୁ ନୂତନ ସମ୍ପାଦକ ଯୋଗ ନଦେବାରୁ ଏହି ସମିତି ଉପରେ ନିର୍ଭର କରୁଥିବା ପଞ୍ଚାୟତର ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ସମିତିରେ ନୂତନ ସମ୍ପାଦକ ନିଯୁକ୍ତି ସହିତ ସମିତି ସୁପରିଚାଳନା ପାଇଁ ଚାଷୀ ଓ ପରିଚାଳନା ପରିଷଦର ସଦସ୍ୟ ମାନେ ବିଭାଗୀୟ ଅଧିକାରୀ ଙ୍କୁ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ,ନୂତନ ସମ୍ପାଦକ ନିଯୁକ୍ତି ଦିଆନଯିବା ,ଚାଷୀ ଓ ପରିଚାଳନା ପରିଷଦର ସଦସ୍ୟ ମାନେ ସମିତି କାର୍ଯ୍ୟାଳୟ ରେ ତାଲା ପକାଇ ଦୀର୍ଘ ଦିନ ଧରି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ରେ ବସିରହିଥିଲେ। ଯାହାକି ବିଭିନ୍ନ ଗଣମାଧ୍ୟମ ବାରମ୍ବାର ପ୍ରସାରିତ ହୋଇଥିଲା। ଚାଷୀଙ୍କ ଧାରଣା ୧୯ ଦିନରେ ପହଁଚିବା ପରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଏବଂ ନୟାଗଡ଼ ଜିଲ୍ଲା ସମବାୟ ଉପ ନିବନ୍ଧକ ଅନନ୍ତ ଚରଣ ନାୟକ ଧାରଣା ସ୍ଥଳରେ ପହଞ୍ଚି ଧାରଣା ରତ ଚାଷୀଙ୍କୁ ବୁଝା ସୁଝା କରିବା ସହ,ଶୀଘ୍ର ଜଣେ ବ୍ୟାଙ୍କ ସୁପରଭାଇଜର ସମିତିରେ ଯୋଗଦେବେ ଏବଂ ତଦନ୍ତ କରାଯାଇ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସାଂସଦ ଓ ଉପ ନିବନ୍ଧକ କହିଥିଲେ। ତଦନ୍ତ କରାଯାଇ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ହେଲେ କେହି ବ୍ୟାଙ୍କ ସୁପରଭାଇଜର କିମ୍ବା ନୂତନ ସମ୍ପାଦକ ଙ୍କୁ ନିଯୁକ୍ତି ଦିଆନଯିବା ରୁ ଆଯିପର୍ଯ୍ୟନ୍ତ ଦୁଇ ମାସରୁ ଉର୍ଦ୍ଧ୍ୱ ହେବ ସମିତି କାର୍ଯ୍ୟାଳୟ ତାଲା ବନ୍ଦ ହୋଇ ଅଚଳାବସ୍ଥା ଲାଗିରହିଥିଲା। ହେଲେ ଆଜି ସୋମବାର ତା ୨୯/୧୨/୨୦୨୫ ରିଖ ରେ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ,ନୟାଗଡ଼ ଙ୍କ ଚିଠି ନଂ ୨୪୪୭ ତା ୨୪.୧୨.୨୦୨୫ ଅନୁଯାୟୀ କଇଥପଲ୍ଲୀ ପ୍ରାଥମିକ କୃଷି ସମବାୟ ସମିତି ଲ୍ଲୀ ର କାର୍ଯ୍ୟରତ ସଂପାଦକ ଆଶୁତୋଷ ସାହୁ ଙ୍କୁ ବାହାଡ଼ାଝୋଲା ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ର ଅତିରିକ୍ତ ଦାୟୀତ୍ୱ ନେବାପାଇଁ ନିର୍ଦ୍ଦେଶ ଦେଇଥିଲେ।



# ସମ୍ବଲପୁର ଘରୋଇ ବସ୍ ମାଲିକ ସଂଘର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର



**ସମ୍ବଲପୁର,୨୯।୧୨ (ନି.ପ୍ର):** ସମ୍ବଲପୁର ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇଛନ୍ତି। ଏହି ଅବସରରେ ସଂଘ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବା ବେଳେ, ସେ ପରିବହନ କ୍ଷେତ୍ରର ବିକାଶ ଏବଂ ବସ୍ ମାଲିକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ଅର୍ଥନୀତି ଓ ସାଧାରଣ ଜୀବନଯାତ୍ରାରେ ପରିବହନ କ୍ଷେତ୍ରର ଏକ ବଡ଼ ଯୋଗଦାନ ରହିଛି। ବିଶେଷ କରି ଘରୋଇ ବସ୍ ମାଲିକମାନେ ଦୁର୍ଗମ ଅଞ୍ଚଳକୁ ଯୋଗାଯୋଗ ସୁବିଧା ଯୋଗାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି। ସମ୍ବଲପୁରର ସାମଗ୍ରିକ ବିକାଶ ପାଇଁ ବସ୍ ମାଲିକମାନଙ୍କ ସହଯୋଗ ସର୍ବଦା କାମ୍ୟ ସହରର ପରିବହନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ସମସ୍ତଙ୍କ ମିଳିତ ପ୍ରୟାସ ଜରୁରୀ ବୋଲି ସେ ମତ ପ୍ରକାଶ କରିଥିଲେ। ତାଙ୍କୁ ସମ୍ବର୍ଦ୍ଧିତ କରିଥିବାରୁ ସେ ସମ୍ବଲପୁର ଘରୋଇ ବସ୍ ମାଲିକ ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି।

# ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବ ଓ ଶ୍ରୀ ଜଗନ୍ନାଥଙ୍କ ୩୨ ବେଶ ପାଇଁ ପ୍ରସ୍ତୁତି ବୈଠକ

**ଜଳେଶ୍ୱର,୨୯/୧୨,(ନିପ୍ର):** ଗତବର୍ଷ ଭଳି ଏବର୍ଷ ମଧ୍ୟ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ସ୍ତରୀୟ ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବ ଓ ଶ୍ରୀ ଜଗନ୍ନାଥଙ୍କ ୩୨ ବେଶ ଆସନ୍ତା ମାର୍ଚ୍ଚ ୭ ତାରିଖରୁ ମାର୍ଚ୍ଚ ୧୭ ତାରିଖ ପର୍ଯ୍ୟନ୍ତ କୋଟସାହି ପଞ୍ଚାୟତ ସାନାରାଉତପଡ଼ା ନଦୀ ପଠାରେ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ଆୟୋଜିତ ପ୍ରସ୍ତୁତି ବୈଠକ ଓ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ଆୟୋଜକ ବ୍ରଜ ମୋହନ ପ୍ରଧାନ ସୂଚନା ଦେଇଛନ୍ତି। ଏବର୍ଷ ଶ୍ରୀ ଜଗନ୍ନାଥଙ୍କ ୩୨ ବେଶ ହେବା ସହ ବିଭିନ୍ନ ଆକର୍ଷଣୀୟ ଠାକୁର ମୂର୍ତ୍ତୀ ଶୋଭାମଣ୍ଡିତ କରିବ। ଏତଦ ବ୍ୟତୀତ ପଶ୍ଚିମବଙ୍ଗ ଚନ୍ଦନନଗରର ସୁନ୍ଦର ସାଜଶଯ୍ୟା ଓ ଆଲୋକୀକରଣ ଶୋଭାମଣ୍ଡିତ କରିବ। ବହୁ ନାମିଦାମୀ କଳାକାର, ଗୀତିକାର, ପ୍ରଶାସନିକ ଅଧିକାରୀ, ମନ୍ତ୍ରି, ବିଧାୟକ ଓ ରାଜନେତା ଯୋଗ ଦେବାର କାର୍ଯ୍ୟକ୍ରମ ରହିବ ବୋଲି କମିଟି ପକ୍ଷରୁ ସୂଚନା ଦେଇଥିଲେ। ବ୍ରଜ ମୋହନ ପ୍ରଧାନଙ୍କ ନେତୃତ୍ୱରେ ସାନ ରାଉତପଡ଼ା ଗ୍ରାମ୍ୟ ମୁଖ୍ୟ ବିଶ୍ୱନାଥ ଦାସ ମହାପାତ୍ର, କାଳିଚରଣ ଦାସ, ଡକ୍ଟର ଅକ୍ଷୟ କୁମାର ପରିଡ଼ା, ରମେଶ ଚନ୍ଦ୍ର ପରିଡ଼ା, ଭବଶଙ୍କର ଜେନା, ମନ୍ତୋଷ କାମିଲା, ନେତୁଆ। ପୂର୍ବତନ ସମିତି ସଭ୍ୟ ସୁରେଶ ଚନ୍ଦ୍ର ଜେନା, ନନ୍ଦିତା ଦାସ, ଅତୁଲ କୁମାର ଦାସ, ସପନ କୁମାର ଦାସ, ତନ୍ମୟ ଚନ୍ଦ, ନନ୍ଦିତା ଦାସ, ଶ୍ରୀହରି ବେହେରା ପ୍ରମୁଖ ମଞ୍ଚାସୀନ ରହି ସୂଚନା ଦେବା ସହିତ ପ୍ରସ୍ତୁତି ବୈଠକରେ ଆଲୋଚନା କରିଥିଲେ। ଉକ୍ତ ପ୍ରସ୍ତୁତି ବୈଠକରେ ସମ୍ପତିଆ। ସରପଞ୍ଚ ସୁଶାନ୍ତ କୁମାର ପ୍ରଧାନ, ସୁଧୀର କୁମାର ଜେନା, ବର୍ତ୍ତନା ସମିତି ସଭ୍ୟ ତ୍ରିଲୋଚନ ଦାସ, ଦୀନକୃଷ୍ଣ କୁଣ୍ଡ, ଦିଲ୍ଲୀପ କୁମାର ଦେ, ଜୟକୃଷ୍ଣ ପାଳ, ଅବନୀ ସାହୁ, ଚନ୍ଦ୍ର ଶେଖର ଦାସ, ଉତ୍ତମ ଦାସ ମହାପାତ୍ର, ରଣଜିତ ପରିଡ଼ା, ମହେଶ୍ୱର ବସ୍ତୁ, ଅରୁଣ କୁମାର ଜେନା, ବିପିନ ବିହାରୀ ଜେନା, ଶିଶିର ଜେନା, ଚନ୍ଦ୍ରମୋହନ ହେମ୍ବ୍ରମ, ନଗେନ୍ଦ୍ର ଜେନା, ଗୋବିନ୍ଦ ହେମ୍ବ୍ରମ, ରଞ୍ଜନ ଦଳାଇ, ପଞ୍ଚାନନ ନାଥ ପ୍ରମୁଖ ବିଭିନ୍ନ ପଞ୍ଚାୟତର ସଦସ୍ୟ ମାନେ ଉପସ୍ଥିତ ଥିଲେ।



# ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ ନୀତି ସଂପାଦନ ବୈଠକ

**କୋଣାର୍କ, ୨୯/୧୨ (ମନ୍ଥନ)** ଚଳିତ ବର୍ଷ ପବିତ୍ର ମାଘସପ୍ତମୀ ବୁଡ ନିମନ୍ତେ କୋଣାର୍କ ଯାତ୍ରୀ ନିବାସ ଠାରେ ଅନୁଷ୍ଠିତ ତ୍ରିଶମ୍ଭୁଙ୍କ ସ୍ନାନ ନୀତି ଓ ମେଳା ପଡିଆକୁ ଯାତ୍ରା ନୀତି ସଂପାଦନ ବୈଠକରେ ନିର୍ଦ୍ଧାରଣ ସବକମିଟି ବୈଠକରେ ପ୍ରଶାସନିକ ବିଫଳତା ଯୋଗୁଁ ନୀତି ନିର୍ଦ୍ଧାରଣ ହୋଇ ନ ପାରିବା ଦୀର୍ଘ ବର୍ଷର ଐତିହ୍ୟ ଓ ପରମ୍ପରା ଭାଙ୍ଗିବା ଘଟଣା କୋଣାର୍କ ଅଞ୍ଚଳର ଶ୍ରଦ୍ଧାଳୁ ଭକ୍ତ ସମାଜ, ସେବାୟତ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଐତିହ୍ୟ ଓ ସଂସ୍କୃତି ବିଶାରଦ ଓ କୋଣାର୍କ ଅଞ୍ଚଳର ଜନସାଧାରଣ ମାନଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଖବରରୁ ପ୍ରକାଶ ଯେ ଗତ ଡିସେମ୍ବର ମାସ ୧୭ ତାରିଖ ଦିନ ପୁରୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ ନିମନ୍ତେ ପ୍ରଥମ ପ୍ରସ୍ତୁତି ବୈଠକ କୋଣାର୍କ ଯାତ୍ରୀ ନିବାସ ଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ତିନି ଠାକୁରଙ୍କ ସେବାୟତ ତ୍ରିଶମ୍ଭୁଙ୍କ ପୀଠରେ ଠାକୁରଙ୍କ ଦେବ ନୀତି, ସେବାୟତ ଓ ବେହେରା ସେବକ ଙ୍କ ସମାସ୍ୟାର ସମାଧାନ, ମନ୍ଦିର ଚୂନ ଧଉଳା, ପୀଠର ଆଲୋକିକରଣ ଓ ସେବାୟତ ମାନଙ୍କ ବିଭିନ୍ନ ସମାସ୍ୟାର ସମାଧାନ କରିବା ପାଇଁ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଜେନାଙ୍କୁ ତିନି ଠାକୁରଙ୍କ ସେବାୟତ ମାନଙ୍କୁ ନେଇ ବୈଠକ କରି ନୀତି ସଂପାଦନ ବୈଠକ ପୂର୍ବରୁ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଜେନା ତିନି ଠାକୁରଙ୍କ ସେବାୟତ ମାନଙ୍କ ସହିତ ସେମାନଙ୍କ ମୌଳିକ ସମାସ୍ୟାର ସମାଧାନ ଓ ଠାକୁରଙ୍କ ଦେବ ନୀତି ନେଇ କୌଣସି ଆଲୋଚନା ନ କରିବାରେ ସୋମବାର କୋଣାର୍କ ଯାତ୍ରୀ ନିବାସ ଠାରେ ଅନୁଷ୍ଠିତ ନୀତି ନିର୍ଦ୍ଧାରଣ ସବକମିଟି ବୈଠକରେ ତିନି ଠାକୁରଙ୍କ ନୀତି ନିର୍ଦ୍ଧାରଣ ହୋଇ ପାରି ନାହିଁ। ଯାହା ଦୀର୍ଘ ବର୍ଷର ଐତିହ୍ୟ ଓ ପରମ୍ପରା ପ୍ରତି କୁଠାରଘାତ ସଦୃଶ ବୋଲି ସେବାୟତ, ବୁଦ୍ଧିଜୀବୀ ଓ ଐତିହ୍ୟ ଓ ସଂସ୍କୃତି ବିଶାରଦ ମାନେ ମତବ୍ୟକ୍ତ କରିଛନ୍ତି। ଏହି ବୈଠକରେ ଶ୍ରଦ୍ଧାଳୁ ଭକ୍ତମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟ ସେବା, ପରିମଳ ବ୍ୟବସ୍ଥା, ଆଲୋକିକରଣ ବ୍ୟବସ୍ଥା, ପାନୀୟ ଜଳଯୋଗାଣ ବ୍ୟବସ୍ଥା, ତୀର୍ଥ ପୁଷ୍କରିଣୀ ଖନନ, ପାର୍କିଂ ବ୍ୟବସ୍ଥା, ଶ୍ରଦ୍ଧାଳୁ ଭକ୍ତ ସମାଜ ପାଇଁ ସୁରକ୍ଷା ବ୍ୟବସ୍ଥା ପାଇଁ ସଶସ୍ତ୍ର ପୋଲିସ ମୁତୟନ, ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ହଜିଲା ଖୋଜିଲା ମଂଚ, ପୂର୍ତ୍ତବିଭାଗ ବିଭାଗ ପକ୍ଷରୁ ବ୍ୟାରିକେଡ ନିର୍ମାଣ ଓ ସେବାକାର୍ଯ୍ୟ ପାଇଁ ୩୫୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ମୁତୟନ କରିବା ଉପରେ ଆଲୋଚନା ହୋଇଥିଲା। ପୁରୀ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ନୀତି ନିର୍ଦ୍ଧାରଣ ସବକମିଟି ବୈଠକରେ କୋଣାର୍କ ଏନଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, ଗୋପ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ, ଗୋପ ବିଡ଼ିଓ ଛବିରାଣୀ ସାହୁ, କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଜେନା, କାକଟପୁର ତହସିଲଦାର ଅଙ୍କିତା ଅନିନ୍ଧିତା, କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀ, ଡ୍ରେନେଜ ବିଭାଗ ଅଧିକ୍ଷକ ଯନ୍ତ୍ରୀ ରମାକାନ୍ତ ମଲ୍ଲିକ, ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ଦିଲ୍ଲୀପ କୁମାର ବିଶ୍ୱାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।




# କଟକ ନଗର କଂଗ୍ରେସ ପକ୍ଷରୁ ରାଣୀହାଟ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ



**କଟକ, ୨୯।୧୨ (ନି.ପ୍ର):** ଟାଟା ପାୱାର ପକ୍ଷରୁ ଗ୍ରାହକଙ୍କ ଉପରେ ଲଦି ଦିଆଯାଇଥିବା ଅତିରିକ୍ତ ଜମା ରାଶି (Security Deposit) ପ୍ରତ୍ୟାହାର ଦାବିରେ ଆଜି କଟକ ନଗର କଂଗ୍ରେସ ପକ୍ଷରୁ ରାଣୀହାଟ ସ୍ଥିତ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରାଯାଇଛି। ନଗର କଂଗ୍ରେସ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ ସଭାରେ ଶତାଧିକ କର୍ମୀ ଯୋଗ ଦେଇଥିଲେ। ଟାଟା ପାୱାରର ଏଭଳି ମନମୁଖୀ ଶାସନ ଅତ୍ୟନ୍ତ ନିନ୍ଦନୀୟ। ବିଦ୍ୟୁତ ବିଲ୍ରେ ଅତିରିକ୍ତ ଜମା ରାଶି ଯୋଡ଼ି ସାଧାରଣ ଖାଉଟିଙ୍କୁ ହଇରାଣ କରାଯାଉଛି। ଯଦି ତୁରନ୍ତ ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରା ନଯାଏ, ତେବେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀମତୀ ବେହେରା ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ନିକୁଞ୍ଜ ପଶାୟତ, ଶରତ ଚନ୍ଦ୍ର ସେଠୀ, କର୍ପୋରେଟର ସନ୍ତୋଷ କୁମାର ଭୋଳ, ଲିଜା ରାଉତ, ଜେ କମେଶ୍ୱର ରାଓ, ଶୁବାଶିଷ ପଟ୍ଟନାୟକ ଓ ସ୍ୱର୍ଣ୍ଣପ୍ରଭା ପଶାୟତ, କଂଗ୍ରେସ ନେତା କେଦାର ପୃଷ୍ଟି, ସ୍ନେହଲତା ଚୌଧୁରୀ, ଅଜିତ ବେହେରା, ବିକି ଚକ୍ରବର୍ତ୍ତୀ, ସୁରଜିତ ସାହୁ, ରଶ୍ମି ରଂଜନ ମିଶ୍ର, ପ୍ରତାପ ପରିଡ଼ା, ଅଜୟ ଗୋଛାୟତ, ରବୀନ୍ଦ୍ର ସାହୁ, ଅଲେଖ ବେହେରା, ରଶ୍ମି ରଞ୍ଜନ ସାମଲ, ଦେବୀ ପ୍ରସନ୍ନ ମହାପାତ୍ର, ଅଜିଜଖାନ, ମୋହସିନଖାନ, ପୂର୍ଣ୍ଣିମା ବେହେରା, ଉସମାନଖାନ, ଗାୟତ୍ରୀ ମଲ୍ଲ, ଚନ୍ଦ୍ର ଶେଖର ନାଟିଆ, ଦିଲ୍ଲୀପ ମହାନ୍ତି, ଅବଦୁଲନସିମ, ସେକ ଗୁଲାମ ମୋଇଦିନ, ସତ୍ୟଶ୍ରୀ ବେହେରା, ମହେଶ ରାୟ, ରାଜଶ୍ରୀ ପାତ୍ର, ରାଜଶ୍ରୀ ରାୟ, ପିଙ୍କି ସିଂ, ବିଭୂତି ମହାନ୍ତି, ଅନିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ନ୍ୟାସନାଲ କବାଡି ପ୍ରତିଯୋଗିତାରେ ଭାଗ ନେବାକୁ ଶିବପ୍ରସାଦଙ୍କ ରାଇପୁର ଗସ୍ତ

**ଗଞ୍ଜାମ, ୨୯।୧୨ (ନି.ପ୍ର):** ଆସନ୍ତା ଛଅରେ ରାଇପୁର ଭିଲାଇର ରାଜକୁମାର କଲେଜରେ ଅନୁଷ୍ଠିତ ହେବ ନେସନାଲ ଏଭେଣ୍ଟ କବାଡି। ଏହି ପ୍ରତିଯୋଗିତାରେ ଖେଳିବାକୁ ଓଡିଶାର ଗଞ୍ଜାମ ଜିଲ୍ଲା ତଥା ଏହି ବ୍ଲକର ପାଳିବନ୍ଧ ପଞ୍ଚାୟତ ଗୋଖର କୁଦା ଗ୍ରାମର ଶିବପ୍ରସାଦ ଜେନା ସୋମବାର ରାଇପୁର ଗସ୍ତ କରିଛନ୍ତି। ସେଠାରେ ଏକରୁ ପାଞ୍ଚ ତାରିଖ ପର୍ଯ୍ୟନ୍ତ ପ୍ରାକ୍ଟିସ କ୍ୟାମ୍ପ ଏବଂ ଛଅରୁ ନଅ ତାରିଖ ପର୍ଯ୍ୟନ୍ତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଅଣ୍ଡର ଫୋର୍ଟିନରେ ଶିବପ୍ରସାଦ ଅଂଶ ଗ୍ରହଣ କରିବେ କ୍ଷ ସେଠାରେ ଉର୍ନତ ଖେଳ ପଦର୍ଶନ କରି ଗୋଲଡ଼ ମେଡଲ ଜିତିବା ଲକ୍ଷ ରଖିଛନ୍ତି ଶିବପ୍ରସାଦ। ଓଡ଼ିଆ। ପୁଅ ତଥା ନିଜ ନିର୍ବାଚନ ମଣ୍ଡଳୀରୁ ନେସନାଲ କବାଡି ଖେଳିବାକୁ ରାଇପୁର ଯାଉଥିବା ଖବର ପାଇ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଶିବପ୍ରସାଦଙ୍କୁ ଆଶ୍ରିବାଦ ପ୍ରଦାନ କରିବା ଶହ ସଫଳ କାମନା କରିଛନ୍ତି ବିଧାୟକ। ଶିବପ୍ରସାଦ ହେଉଛନ୍ତି ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ଗୋଖରକୁଦା ଗ୍ରାମର ବଟେଶ୍ୱର ଜେନା ଓ ବିଷ୍ଣୁ ପ୍ରିୟାଙ୍କ ଏକମାତ୍ର ପୁଅ ଶିବପ୍ରସାଦ ଜେନା କ୍ଷ ଶିବପ୍ରସାଦ ଭଲ ପାଠ ପଢ଼ିବା ସହ ଖେଳକୁଦ ପ୍ରତି ଆକୃଷ୍ଟ ହୋଇଥିଲେ। ଶିବପ୍ରସାଦ ସ୍ଥାନୀୟ ଜୟଶ୍ରୀ କେମିକାଲସ କରମେଟ ସ୍କୁଲରେ ନବମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ଷ୍ଟାଣ୍ଡାର୍ଡ ଥ୍ରୀରେ ପାଠ ପଢୁଥିବା ବେଳେ ବିଭିନ୍ନ ଖେଳକୁଦ ପ୍ରତି ଶିବପ୍ରସାଦଙ୍କ ଆଗ୍ରହ ବଢ଼ିଥିଲା। ପୁଅର ଆଗ୍ରହ ଦେଖି ତାଲିମ ନିମନ୍ତେ କୋଚ ସିଏଚ ପ୍ରସାଦ ନାୟକଙ୍କ ଯୋଗାଯୋଗ କରିଥିଲେ। ସେହିଦିନ ଠାରୁ ପଛକୁ ଫେରି ନାହାନ୍ତି ଶିବପ୍ରସାଦ। ସେ ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରି ଚାଲିଛନ୍ତି। ପ୍ରଥମେ ସ୍କୁଲ ତରଫରୁ ବ୍ରହ୍ମପୁର ସ୍ୟାଣ୍ଡ ଭିନସନରେ ଅନୁଷ୍ଠିତ ଟାଇକୋଣ୍ଡ ପ୍ରତିଯୋଗିତାରେ ଗୋଲଡ଼ ମେଡାଲ ଜିତି ସ୍କୁଲ ତଥା ଗାଁ ଓ ସହର ପାଇଁ ଗୌରବ ଆଣିଦେଇଥିଲେ। ପରେ ଜିଲ୍ଲା ସ୍ତରୀୟ ୧୪ ର୍ଷରୁ କମ ପ୍ରତିଯୋଗିତାରେ ପୁରୁଷୋତ୍ତମ ପୁର ଠାରେ ପୁଣି ଗୋଲଡ଼ ଏବଂ ପୁରୀରେ ଅନୁଷ୍ଠିତ ଏକ ପ୍ରତିଯୋଗିତାରେ ସିଲଭର ପାଇ ସମସ୍ତଙ୍କୁ ଚକିତ କରିଥିଲେ ଶିବପ୍ରସାଦ।



# ଗୋଚର ଜମିରେ ବେଆଇନି ରାସ୍ତା କାମ କୁ ବିରୋଧ



**ପିପିଲି, ୨୯।୧୨ (ନି.ପ୍ର):** ପୁରୀ ଜିଲ୍ଲାର ପିପିଲି ବ୍ଲକ ଅନ୍ତର୍ଗତ ହାଟସାହି ପଞ୍ଚାୟତର ନହଙ୍ଗା ଗ୍ରାମରେ ଗୋଚର ଜମିରେ ବେଆଇନି ରାସ୍ତା କାମକୁ ବିରୋଧ କରି ପିପିଲି ଥାନାରେ ଏକ ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ରାଜେନ୍ଦ୍ର ସ୍ୱାଇଁ ନାମକ ବ୍ୟକ୍ତି ଏବଂ କିଛି ଗ୍ରାମବାସୀ ମାନଙ୍କ ମଧ୍ୟରୁ କିଛି ଆଗଧାଡିର ଲୋକେ ଅଭିଯୋଗ ଆଣିଛନ୍ତି। ସରକାରୀ ଗୋଚର ଜମିରେ କିପରି ଭାବେ ବେଆଇନି କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେଉଁ ପରିସ୍ଥିତିରେ ସର୍ବସାଧାରଣଙ୍କ ଗୋଚର ଜମିରେ ବେଆଇନ କଂକ୍ରିଟ ରୋଡ ନିର୍ମାଣ କରାଯାଉଛି ଜନସାଧାରଣ ରେ ଅସନ୍ତୁଷ୍ଟ ବ୍ୟକ୍ତ କରିଛନ୍ତି। ଉକ୍ତ ବିଲଡରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ବିଲ କୁ ତୁରନ୍ତ ରଦ କରିବା ପାଇଁ ପିପିଲି ଥାନାରେ ଅଭିଯୋଗ ହୋଇଛି।

# ନୟାଗଡ଼ ଜିଲ୍ଲା ମହୋତ୍ସବ ଉଦ୍‌ଯାପିତ



**ନୟାଗଡ଼,୨୯।୧୨ (ନି.ପ୍ର):** ନୟାଗଡ଼ ଷ୍ଟାଡିଅମ ପଡିଆରେ ଚାଲିଥିବା ଜିଲ୍ଲା ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ପୁସ୍ତକ ମେଳା ରବିବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଓଡିଶା ବିଧାନ ସଭା ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢ଼ୀ ଯୋଗଦେଇ କହିଥିଲେ ଜିଲ୍ଲାର ବିକାଶ ପାଇଁ ସମସ୍ତଙ୍କ ସ୍ୱର ଏକ କରି ଜିଲ୍ଲା ପାଇଁ ଯାହା ଆବଶ୍ୟକ ତାକୁ ହାସଲ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଭୁଲି ହେବ ନାହିଁ ରାଜ୍ୟରେ ୩୦ ଜିଲ୍ଲା ଗଠନ କରି ସବଡ଼ିଭିଜନରୁ ନୟାଗଡ଼ ଜିଲ୍ଲା ଗଠନ କରାଇଥିଲେ। ଅତିରିକ୍ତ ଏସପିଙ୍କୁ ସଭାପତିତ୍ୱରେ ମୁନିସିପାଲିଟିର ଅଧକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ରଣପୁର ବ୍ଲକ ଅଧକ୍ଷା ନିର୍ମଳା ବେହେରା ଓ ଉପାଧ୍ୟକ୍ଷ ପ୍ରଭାତ ଦଳ ବେହେରା, ଜିଲ୍ଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ରଜନୀ ରାଣୀ ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ତରେଇ, ଜୋଛ୍ନାମୟୀ ଦଳ ବେହେରା, ନୟାଗଡ଼ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ବିଷ୍ଣୁପ୍ରିୟା ବେହେରା, ରଣପୁର ଏନଏସି ଅଧକ୍ଷା ରଙ୍ଗୀନ ମହାନ୍ତି, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ମଂଚସୀନ ରହି ଜିଲ୍ଲାର ବିକାଶ ପାଇଁ ଅଭିଭାଷଣ ରଖିଥିଲେ। ଉଦଯାପନୀ ସନ୍ଧ୍ୟାର କଳିଙ୍ଗ ପାଇକ ଆଖଡ଼ା ଚିତାକର୍ଷକ ଥିଲା ସମ୍ବଲପୁର ରୁକସୁନା ମେଲୋଡି ଗ୍ରୁପର ସଂଗୀତ ଦର୍ଶକଙ୍କୁ ମତୁଆଲା କରିଥିଲା।

# ଟୁରେକେଲା ବ୍ଲକରେ ଜନ-ଅଭିଯୋଗ ଶୁଣାଣୀ

**ବଲାଙ୍ଗିର ୨୯/୧୨ (ନି.ପ୍ର) :** ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁସାରେ ଆଜି ଟୁରେକେଲା ବ୍ଲକ ମୁଖ୍ୟାଳୟରେ ଜିଲ୍ଲା ପ୍ରଶାସନର ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି। ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଗୌରବ୍ ଶିବାଜୀ ଇସଲୱାର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମରିତ କୁମାର ପଣ୍ଡାଙ୍କୁ ସମୁଦାୟ ୫୧ଟି ଅଭିଯୋଗ ଦାଖଲ ହୋଇଥିଲା। ତନ୍ମଧ୍ୟରୁ ୪୪ଟି ବ୍ୟକ୍ତିଗତ ଅଭିଯୋଗ ଓ ଅବଶିଷ୍ଟ ୭ ଗୋଟି ସାମୁହିକ ଅଭିଯୋଗ ଥିଲା। ଜିଲ୍ଲାପାଳ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଜନସାଧାରଣଙ୍କ ସମସ୍ତ ଅଭିଯୋଗ ଓ ସମସ୍ୟା ଗୁଡିକର ଶୁଣାଣୀ କରି ୭ଟି ମାମଲାର ଶୁଣାଣୀର ତୁରନ୍ତ ସମାଧାନ କରିଥିଲେ ଏବଂ ବାକି ଥିବା ମାମଲା ଗୁଡିକୁ ସମ୍ପୃକ୍ତ ବିଭାଗର ଅଧିକାରୀ ଙ୍କୁ ଯଥା ଶୀଘ୍ର ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ-ତଥା-ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲାପରିଷଦ, ତରଣୀ ସୁନା, ଟିଟିଲାଗଡ ଉପଜିଲ୍ଲାପାଳ, ପଦ୍ମନାଭ ସାମନ୍ତରାୟ ତଥା ସମସ୍ତ ଜିଲ୍ଲାସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



# ନିଷ୍ଠାପର ସେବା ପାଇଁ ୭ ଜଣ ରେଳ କର୍ମଚାରୀ ସମ୍ମାନିତ

**ଜଟଣୀ,ଖୋର୍ଦ୍ଧା ରୋଡ୍, ୨୯।୧୨ (ନି.ପ୍ର):** କର୍ମଚାରୀ ମାନେ କାର୍ଯ୍ୟ ସମୟରେ ନିରାପତ୍ତା ପ୍ରତି ଅନୁକରଣୀୟ ସମର୍ପଣ, ସତର୍କତା ଏବଂ ପ୍ରତିବଦ୍ଧତାର ସ୍ୱୀକୃତି ସ୍ୱରୂପ; କର୍ତ୍ତବ୍ୟ ପାଳନ ସମୟରେ ଉତ୍କୃଷ୍ଟ କାର୍ଯ୍ୟ ପାଇଁ, ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର, ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠି ସାତ ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିବା ସଙ୍ଗେ, ମଣ୍ଡଳ ରେଳ ପ୍ରବନ୍ଧକ ଉତ୍କୃଷ୍ଟ ସତର୍କତା ଏବଂ ନିରାପତ୍ତା ପ୍ରତି ପ୍ରତିବଦ୍ଧତା ପାଇଁ କର୍ମଚାରୀଙ୍କୁ ପ୍ରଶଂସା ମଧ୍ୟ କରିଛନ୍ତି।

ସମ୍ମାନିତ କର୍ମଚାରୀ ମାନଙ୍କ ମଧ୍ୟରେ ଅଛନ୍ତି କେନ୍ଦୁଝରଗଡ଼ ଷ୍ଟେସନ ଠାରେ କାର୍ଯ୍ୟରତ ଲୋକୋ ପାଇଲଟ୍ ଶ୍ରୀ ନବୀନ କୁମାର ପଲାଇ, ଖୋର୍ଦ୍ଧା ରୋଡ୍ ଷ୍ଟେସନ ଠାରେ କାର୍ଯ୍ୟରତ ଲୋକୋ ପାଇଲଟ୍ ଶ୍ରୀ ଏ.କେ. ବଳିଆରସିଂ, ରାହାମା ଷ୍ଟେସନ ଠାରେ କାର୍ଯ୍ୟରତ ଟ୍ରାକ ମେଣ୍ଟନର-୩, ଶ୍ରୀ ମନୋଜ କୁମାର ହଂସଦା, ଅନୁଗୁଳ ଷ୍ଟେସନ ଠାରେ କାର୍ଯ୍ୟରତ ଟ୍ରାକ ମେଣ୍ଟଣର-୨, ଶ୍ରୀ ଗୋରଖ ବେହେରା ଏବଂ ଟ୍ରାକ ମେଣ୍ଟନର-୪ ଶ୍ରୀ ପ୍ରକାଶ ଚନ୍ଦ୍ର ବିଶ୍ୱାଳ, ରାଜଆଠଗଡ଼ ଷ୍ଟେସନ ଠାରେ କାର୍ଯ୍ୟରତ ଟ୍ରାକ ମେଣ୍ଟନର-୪ ଶ୍ରୀ ପ୍ରଦୀପ କୁମାର ସାହୁ ଏବଂ ଶ୍ରୀ ନିରଞ୍ଜନ ରଣା।

ଏହି କର୍ମଚାରୀ ପ୍ରମୁଖ ସେମାନଙ୍କର ନିୟମିତ କର୍ତ୍ତବ୍ୟ ସମୟରେ ମାନସିକତାର ଅସାଧାରଣ ଉପସ୍ଥିତି ଏବଂ ସତର୍କତା ପ୍ରଦର୍ଶନ କରିଥିଲେ ଏବଂ ସମୟୋଚିତ ଏବଂ ପ୍ରଭାବଶାଳୀ କାର୍ଯ୍ୟ ସମ୍ପାଦନ କରିଥିଲେ ଯାହା ରେଳ ସେବାର ନିରାପଦ ଚଳାଚଳ ସହ ସୁଗମ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

ପୁରସ୍କାରପ୍ରାପ୍ତ କର୍ମଚାରୀ ମାନଙ୍କୁ ସମ୍ମାନିତ କରିବା ସମୟରେ ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ଆଲୋକ ତ୍ରିପାଠି ସେମାନଙ୍କର ଆନ୍ତରିକତା, ସମର୍ପଣ ଏବଂ ବୃତ୍ତିଗତତାର ସହ କାର୍ଯ୍ୟ ସମୟରେ ସାମ୍ନା କରାଯାଉଥିବା ବିଭିନ୍ନ ଆହ୍ୱାନ ଓ ବିପରୀତ ପରିସ୍ଥିତିରେ ସେମାନଙ୍କର କର୍ତ୍ତବ୍ୟ ନିଷ୍ଠା ପାଇଁ ପ୍ରଶଂସା କରିଥିଲେ। ଶ୍ରୀ ତ୍ରିପାଠି ଗୁରୁତ୍ୱାରୋପ କରିଥିଲେ ଯେ ଟ୍ରାକ୍ ମେଣ୍ଟେନର୍ସ, ଲୋକୋ ପାଇଲଟ୍, ଟେକ୍ନିସିଆନ୍ ଏବଂ ଷ୍ଟେସନ ଅପରେଟରଙ୍କ ଭଳି ଆଗଧାଡିର କର୍ମଚାରୀମାନେ ରେଳ ପରିଚାଳନାର ନିରାପତ୍ତା, ନିର୍ଭରଯୋଗ୍ୟତା ଏବଂ ସମୟାନୁବର୍ତ୍ତିତା ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛନ୍ତି। ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଉଲ୍ଲେଖନୀୟ ପ୍ରଦର୍ଶନକୁ ସ୍ୱୀକୃତି ଦେବା ଏବଂ ସମସ୍ତ ସ୍ତରରେ ରେଳ ପରିଚାଳନାରେ ନିରାପତ୍ତା, ସତର୍କତା ଏବଂ ଉତ୍କର୍ଷତାର ଏକ ଦୃଢ଼ କାର୍ଯ୍ୟ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ।



# ଲଟାବୁଦାରେ ପରିପୂର୍ଣ୍ଣ ରାମଣ୍ଡା ଶ୍ମଶାନ ଘାଟ



**ବୁଗୁଡ଼ା, ୨୯।୧୨ (ନି.ପ୍ର):** ବୁଗୁଡ଼ା ବ୍ଲକ ଗୋଳାବନ୍ଧ ପଞ୍ଚାୟତ ଅନ୍ତର୍ଗତ ରାମଣ୍ଡା ଗ୍ରାମର ଶ୍ମଶାନ ଘାଟ ସମ୍ପ୍ରତି ଲଟାବୁଦା ଘେରରେ ରହିଛିୟ ସେହି ଗ୍ରାମର କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟିଲେ ଶବଦାହ ନିମନ୍ତେ ସେଠାକୁ ପ୍ରଥମେ ଲଟାବୁଦାକୁ ସଫାକରି ବାଟ ବାହାର କରିବାକୁ ପଡୁଛି। ଶବଦାହ ସ୍ଥଳକୁ ମାଟି କିମ୍ବା କଂକ୍ରିଟ ରାସ୍ତାଟିଏ ନଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଗ୍ରାମବାସୀଙ୍କ ଅଭିଯୋଗ ସତ୍ତ୍ୱେ ନିର୍ବାଚିତ ଜନପ୍ରତିନିଧି କିମ୍ବା ପ୍ରଶାସନିକ ଅଧିକାରୀ କେହିହେଲେ କର୍ଣ୍ଣପାତ କରୁନାହାନ୍ତି। ସେହି ଶ୍ମଶାନ ଘାଟରେ ଜଣେ ବ୍ୟକ୍ତିଙ୍କ ଶବଦାହ ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇ ଲଟାବୁଦା କାଟି ବାଟ ବାହାର କରି ଶବ ସତ୍କାର କାର୍ଯ୍ୟ କରୁଥିବା ବେଳେ ପୁଣି କିଛି କାଳ ବ୍ୟବଧାନରେ ଅନ୍ୟ ଏକ ଶବଦାହ ପାଇଁ ସେଠାକୁ ଗଲାବେଳକୁ ସେହି ଅଞ୍ଚଳ ପୁଣି ଲଟାବୁଦାରେ ପରିପୂର୍ଣ୍ଣ ହୋଇଯାଉଥିବା ଫଳରେ ଶବ ସତ୍କାର ପାଇଁ ଯାଇଥିବା ଲୋକେ ସେହି ଏକା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ, ବ୍ଲକ ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ପ୍ରତିକାର ବ୍ୟବସ୍ଥା କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

